CMYK

* Vol.- 45, Issue No. 92
* Wednesday,2 July 2025
* ବୁଧବାର, ୨ ଜୁଲାଇ ୨୦୨୫
* Bhubaneswar
* Price: Rs. 2.00, Page: 8
* R.N.I. Regd. No. 34063/81
* Postal Regd. No. BN/79/18-20
* Online Portal: www.dinalipi.com
* Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

### ପୁରୀରେ ମୁଖ୍ୟମନ୍ତ୍ରୀ କଲେ ସୁରକ୍ଷା ବୈଠକ

# ସମନ୍ୱୟ ରକ୍ଷାକରି କାର୍ଯ୍ୟ କରନ୍ତୁ



* ମହାପ୍ରଭୁଙ୍କ କାମ ଆମ ପାଇଁ ସୌଭାଗ୍ୟର ବିଷୟ
* ସୁରକ୍ଷାର ତିନୋଟି ଦିଗ ଉପରେ ଦେଲେ ପରାମର୍ଶ
* ଆଗକୁ ବାହୁଡ଼ା ଓ ସୁନାବେଶ: ତ୍ରୁଟି ନ ହେବା ଉପରେ ଗୁରୁତ୍ୱ ଦେଲେ ମୁଖ୍ୟମନ୍ତ୍ରୀ
* ଅପ୍ରତ୍ୟାଶିତ ଘଟଣା ପାଇଁ ପ୍ରସ୍ତୁତ ରହିବା ଅତ୍ୟନ୍ତ ଜରୁରୀ

ପୁରୀ,୧ ।୭(ନିପ୍ର): ମଙ୍ଗଳବାର ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ରଥଯାତ୍ରା ସୁରକ୍ଷା ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟମନ୍ତ୍ରୀ ସୁରକ୍ଷାର ତିନୋଟି ଦିଗ ଉପରେ ଯଥା ସୁରୁଖୁରୁରେ ରଥ ପରିଚାଳନା ଓ ଭକ୍ତଙ୍କ ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ଏବଂ ଅଗ୍ନିଶମ ସେବା ପ୍ରତି ଗୁରୁତ୍ୱଆରୋପ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ, ରଥଯାତ୍ରାର ଚାରିଗୋଟି ଉତ୍ସବ ମଧ୍ୟରୁ ଏବେବି ଆଉ ତିନୋଟି ବଡ ଓ ମହତ୍ୱପୂର୍ଣ୍ଣ ଉତ୍ସବ ବାହୁଡ଼ା, ସୁନାବେଶ ଓ ନୀଳାଦ୍ରି ବିଜେ ବାକି ଅଛି । ଅନୁକୂଳ ପାଗ ଯୋଗୁଁ ଏହି ତିନି ଦିନ ବହୁତ ଭକ୍ତ ଆସିବେ । ସବୁବେଳେ ସବୁ ସମୟରେ କିଛି ଅପ୍ରତ୍ୟାଶିତ ଘଟଣା ପାଇଁ ପ୍ରସ୍ତୁତ ରହିବା ଅତ୍ୟନ୍ତ ଜରୁରୀ । ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ନିର୍ଭୁଲ କ୍ରାଉଡ୍ ଏସ୍ଟିମେଶନ ହେଉଛି ପ୍ରଥମ ଷ୍ଟେଜ । ତେଣୁ ଆଗାମୀ ତିନିଗୋଟି ବଡ ଉତ୍ସବକୁ ନିର୍ଭୁଲ ଭାବେ ଆଡଭାନସ କ୍ରାଉଡ ଏଷ୍ଟିମେସନ ରିୟଲ ଟାଇମ ବେସିସରେ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ରଥଯାତ୍ରା ବେଳେ ବିଭିନ୍ନ ସ୍ଥାନରେ ସୁରକ୍ଷା ପାଇଁ ଷ୍ଟାଣ୍ଡାର୍ଡ ଏସଓପି ରହିଛି । ଏହି ଏସଓପିକୁ ଲେଟର ଆଣ୍ଡ ସ୍ପିରିଟ୍‌ରେ କଡାକଡି ଭାବେ ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । କର୍ଡନ ଭିତରେ ଗହଳି ହ୍ରାସ କରିବା ପାଇଁ କର୍ଡନ ପାସ ପ୍ରଦାନକୁ କାଣ୍ଟ ଛାଣ୍ଟ କରିବା ପାଇଁ ସେ କହିଥିଲେ । ମହାରଣା ସେବକ ଓ ଭୋଇ ସେବକମାନଙ୍କ ପରାମର୍ଶ ନେଇ, ରଥ ଟଣା ନୀତି କରିବା ଆବଶ୍ୟକ ବୋଲି ସେ କହିଥିଲେ । ବାହୁଡ଼ା, ସୁନାବେଶ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ସ୍ଥଳେ ଅଧିକ ଫୋର୍ସ ରିକ୍ୟୁଜିସନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ଟ୍ରାଫିକ କଣ୍ଟ୍ରୋଲ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ସହିତ ଆଗାମୀ ଦିନ ମାନଙ୍କରେ ଯାହା ସବୁ ମହାପ୍ରଭୁଙ୍କ କାର୍ଯ୍ୟକ୍ରମ ଅଛି ସେଗୁଡିକ ଯେଭଳି ସୁରୁଖୁରୁରେ ସମ୍ପାଦିତ ହେବ ସେଥିପ୍ରତି ଅଧିକ ଯତ୍ନବାନ ହେବା ପାଇଁ ସେ କହିଥିଲେ ।ବାକି ଥିବା ତିନୋଟି ଉତ୍ସବରେ ଅସଂଖ୍ୟ ଲୋକ ବେଳାଭୂମିରେ ସମୟ ଅତିବାହିତ କରିବେ ତେଣୁ ବେଳାଭୂମିକୁ ସୁରକ୍ଷିତ ରଖିବା ପାଇଁ ପୋଲିସ ବିଭାଗ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ସେ ଅଗ୍ନିଶମ ବିଭାଗକୁ କହିଥିଲେ । ଶେଷରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଧିକାରୀ ମାନଙ୍କୁ ପୁରୀ ଭୁବନେଶ୍ୱର ରାସ୍ତା ସମେତ ବେଳାଭୂମି, ରେଳ ଷ୍ଟେସନ, ବସଷ୍ଟାଣ୍ଡ, ମନ୍ଦିର ସମ୍ମୁଖ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କୁ, କଡା ନଜର ରଖି ସମସ୍ତେ କାମ କରିବା ପାଇଁ ପରାମର୍ଶ ଦେଇଥିଲେ ଓ କହିଥିଲେ, ଏହି କାମ ଆମ ମାନଙ୍କ ପାଇଁ ଏକ ଡ୍ୟୁଟି ନୁହେଁ ଏହା ହେଉଛି ସୌଭାଗ୍ୟର ବିଷୟ । ସମର୍ପଣ ଭାବ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ସେ ସମସ୍ତ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ଡଃ ସମ୍ବିତ ପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ଉପସ୍ଥିତ ଥିଲେ ।

## ଓଏଏସ୍ ଅଫିସରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ଭୁବନେଶ୍ୱର,୧ ।୭(ନିପ୍ର) ବିଏମସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମାଡ ଘଟଣାରେ ଓଏଏସଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି । ସମୂହ ଛୁଟିରେ ଯାଇଛନ୍ତି ୯ ଜିଲ୍ଲାର ରାଜ୍ୟ ପ୍ରଶାସନିକ ଅଧିକାରୀ ବା ଓଏଏସ ଅଧିକାରୀ । କଟକ,ଭଦ୍ରକ,ବାଲେଶ୍ୱର, ସୁବର୍ଣ୍ଣପୁର, ଗଂଜାମ, ମୟୁରଭଞ୍ଜ , ଜଗତସିଂହପୁର, ବଲାଙ୍ଗୀର ଓ କେନ୍ଦ୍ରାପଡା ଜିଲ୍ଲାର ଅଧିକାରୀ ମାନେ ଛୁଟିରେ ରହି କଲମ ଛାଡ ଆନ୍ଦୋଳନ ଜାରି ରଖିଛନ୍ତି ।ଏପଟେ ରାଜ୍ୟ ଓଏଏସ ଆସୋସିଏସନ ରାଜ୍ୟ ସରକାରଙ୍କୁ ଗୋଟେ ଦିନ ବା ୨୪ ଘଂଟାର ମହଲତ ଦେଇଛନ୍ତି । ୨୪ ଘଂଟାରେ ସରକାର ମୁଖ୍ୟ ଅଭିଯୁକ୍ତଙ୍କ ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ସାରା ରାଜ୍ୟରେ କଲମ ଛାଡ଼ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି । ଏକ ସୂତ୍ରରୁ ପ୍ରକାଶ ଯେ, ପରବର୍ତ୍ତୀ ସମୟରେ ୧୭ଟି ଜିଲ୍ଲାରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଏବେ ଜାରି ରହିଛି ।

## ୧୧ରେ ଆସିବେ ରାହୁଲ,ଖଡ଼୍‌ଗେ

ଭୁବନେଶ୍ୱର,୧ ।୭: କଂଗ୍ରେସର ବରିଷ୍ଠ ନେତା ତଥା ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧି ଆସନ୍ତା ୧୧ ଜୁଲାଇରେ ଓଡ଼ିଶା ଗସ୍ତରେ ଆସୁଛନ୍ତି । ତାଙ୍କ ସହ କଂଗ୍ରେସର ସଭାପତି ମଲ୍ଲିକାର୍ଜୁନ ଖଡଗେ ମଧ୍ୟ ଓଡ଼ିଶା ଆସିବେ । ଏହି ସୂଚନା ଦେଇଛନ୍ତି ରାଜ୍ୟ କଂଗ୍ରେସର ବରିଷ୍ଠ ନେତା ଜୟଦେବ ଜେନା । ଉଭୟ ନେତା ଭୁବନେଶ୍ୱରର ବରମୁଣ୍ଡା ପଡ଼ିଆରେ ଆୟୋଜିତ ଏକ ବିଶାଳ ସମାବେଶରେ ଯୋଗଦେବେ ।ଗତ କିଛିଦିନ ହେବ ରାହୁଲ ଗାନ୍ଧି ଓଡ଼ିଶାର ବିଭିନ୍ନ ପ୍ରସଙ୍ଗକୁ ନେଇ ସୋସିଆଲ ମିଡିଆ ଓ ଜାତୀୟ ମଞ୍ଚରେ ନିଜର ମତ ପ୍ରକାଶ କରୁଛନ୍ତି ।

## ୧୪ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି



ଭୁବନେଶ୍ୱର, ୧ ।୭: ଆସନ୍ତା ୧୪ ତାରିଖରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ୧୪ରେ ଭୁବନେଶ୍ୱର ଏମସ ସମାବର୍ତ୍ତନ ଉତ୍ସବ ଏବଂ ୧୫ରେ କଟକର ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯୋଗ ଦେବେ । ରେଭେନ୍ସା ବାଳିକା ବିଦ୍ୟାଳୟର ଶିଳାନ୍ୟାସ କରିବେ । କଟକରେ କଳିଙ୍ଗ ରତ୍ନ ପୁରସ୍କାର-୨୦୨୪ ଉତ୍ସବରେ ଅତିଥି ଭାବେ ଯୋଗ ଦେବେ । ରାଷ୍ଟ୍ରପତି ମୁର୍ମୁ ସନ୍ଧ୍ୟା ୫ଟାରେ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ । ଏହା ପରେ ସିଧାସଳଖ ଏମ୍ସ ଅଭିମୁଖେ ଯିବେ । ସେଠାରେ ଏମ୍ସର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବ । ସେଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ରାଷ୍ଟ୍ରପତି । ପରେ ରାଜଭବନ ଫେରି ସେଠାରେ ରାତ୍ରୀଯାପନ କରିବେ । ୧୫ ଜୁଲାଇରେ କଟକ ଅଭିମୁଖେ ଗସ୍ତ ପୂର୍ବକ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ।

## ଗଞ୍ଜାମ ଆସିଷ୍ଟାଣ୍ଟ କଲେକ୍ଟରଙ୍କୁ ନିଲମ୍ବନ

### ଘସିପୁରା ତହସିଲଦାରଙ୍କୁ କାରଣ ଦର୍ଶାଅ ରିପୋର୍ଟ



ଭୁବନେଶ୍ୱର,୧ ।୭: ବିଶୃଙ୍ଖଳିତ ଆଚରଣ କରିଥିବା ନେଇ ଗଞ୍ଜାମ ଆସିଷ୍ଟାଣ୍ଟ କଲେକ୍ଟରଙ୍କୁ ନିଲମ୍ବିତ କରାଯାଇଛି ଓ ଘସିପୁରା ତହସିଲଦାରଙ୍କୁ ସୋ'କଜ ରିପୋର୍ଟ ମଗାଯାଇଛି ।ଗଞ୍ଜାମ ଆସିଷ୍ଟାଣ୍ଟ କଲେକ୍ଟର ବିଞ୍ଜେଶ ରଞ୍ଜନ ନାୟକଙ୍କୁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଶୃଙ୍ଖଳିତ ଆଚରଣ ପାଇଁ ନିଲମ୍ବନ କରିଛି । ଜଟଣୀ ସବରେଜିଷ୍ଟ୍ରାର ଥିବା ବେଳେ ସେ ଦୁର୍ନୀତି ପାଇଁ ନିଲମ୍ବିତ ହୋଇଥିଲେ । ବିନା ଅନୁମତିରେ ମଧ୍ୟ ଜିଲ୍ଲା ବାହାରକୁ ଯାଇ ସେ ରେଜିଷ୍ଟ୍ରେସନ କରିଥିଲେ । ସେହିପରି ତହସିଲଦାର ଅଭୟ କୁମାର ସ୍ୱାଇଁଙ୍କୁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ କାରଣ ଦର୍ଶାଅ ନୋଟିସ ଜାରି କରିଛି । ଲୋକଙ୍କୁ ବାହାରେ ଚପଲ ରଖି ତହସିଲ ଭିତରକୁ ଆସିବାକୁ ଅଫିସ ବାହାରେ ସେ ନୋଟିସ ଲଗାଇଥିଲେ । ଲୋକଙ୍କୁ ବସାଇବାକୁ ଚୌକି ଦେଉନଥିଲେ । ଖରାପ ବ୍ୟବହାର କରୁଥିଲେ । ଅଭିଯୋଗ ଆସିବା ପରେ ରାଜସ୍ୱ ବିଭାଗ ୧୫ ଦିନ ଭିତରେ ତାଙ୍କୁ କାରଣ ଦର୍ଶାଅ ନୋଟିସର ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛି ।

## ଚାଷୀଙ୍କ ଇ-କେୱାଇସି କରିବେ ସରକାର !



ଭୁବନେଶ୍ୱର,୧ ।୭: ରାଜ୍ୟ ସରକାର ଏଥର ଧାନ କିଣାରେ ରେକର୍ଡ କରିଛନ୍ତି । ଧାନରେ ଏମଏସପି ବୃଦ୍ଧି ହେତୁ ପଡ଼ୋଶୀ ରାଜ୍ୟର ଚାଷୀଙ୍କୁ ଓଡ଼ିଶା ପ୍ରତି ଆକୃଷ୍ଟ କରିଛି । ତେଣୁ ମିଲର୍ସ ପଡ଼ୋଶୀ ରାଜ୍ୟରୁ ଧାନ ଆଣି ଓଡ଼ିଶାରେ ବିକିଛନ୍ତି । ଫଳରେ ଓଡ଼ିଶା କିଛି ଚାଷୀ ଧାନ ବିକି ପାରିନଥିବା ଅଭିଯୋଗ ହୋଇଛି । ଏହାକୁ ବନ୍ଦ କରିବାକୁ ସରକାର ଆଗାମୀବର୍ଷଠାରୁ ଚାଷୀଙ୍କ ଇ-କେୱାଇସି କରିବାକୁ ଯୋଜନା କରିଛନ୍ତି । ରବି ଧାନ ପରେ ଖରିଫ ଧାନ ରେକର୍ଡ ସଂଖ୍ୟାରେ କିଣିଛନ୍ତି ସରକାର । ରବି ଧାନ ଲକ୍ଷ୍ୟ ୧୪ ଲକ୍ଷ ମେଟ୍ରିକ ଟନ୍ ରଖାଯାଇଥିବାବେଳେ ୧୯ ଲକ୍ଷ ମେଟ୍ରିକ ଟନ୍ ସଂଗ୍ରହ ହୋଇଛି । ଓଡ଼ିଶା ଏକମାତ୍ର ରାଜ୍ୟ ଭାବେ ସମୃଦ୍ଧ କୃଷକ ଯୋଜନା ଅଧୀନରେ ଚାଷୀଙ୍କୁ ରବି ଧାନରେ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଏମ୍‌ଏସପି ଓ ଇନପୁଟ୍ ସହାୟତା ବାବଦରେ ପ୍ରଦାନ କରୁଛି । ଏଥିପାଇଁ ପଡ଼ୋଶୀ ରାଜ୍ୟର ଚାଷୀଙ୍କ ଆଖି ପଡ଼ିଛି ଓଡ଼ିଶା ଉପରେ । ପଡ଼ୋଶୀ ରାଜ୍ୟ ଛତିଶଗଡ଼ରେ ଖରିଫ ଋତୁରେ ଧାନ କିଣା ଯାଉନଥିବାରୁ ଏହି ଧାନ ବରଗଡ଼ରେ ବିକ୍ରି ହୋଇଥିବା ଅଭିଯୋଗ କରିଛନ୍ତି ଚାଷୀ । ମିଲର୍ସମାନେ ସେଠାରୁ ୧୬ଶହ ଟଙ୍କାରେ ଧାନ କିଣି ଓଡ଼ିଶାରେ ୩୧ଶହ ଟଙ୍କାରେ ଧାନ ବିକ୍ରି କରିଛନ୍ତି । ମିଲର୍ସ ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଛତିଶଗଡ଼ରୁ ଧାନ ବରଗଡ଼ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ଧାନ ଯାଉଛି । ଫଳରେ ଓଡିଶାର ଚାଷୀଙ୍କ ଧାନ କିଣିବାରେ ବିଳମ୍ବ ହୋଇଥିବା ଚାଷୀକୁଳ ଅଭିଯୋଗ କରିଛନ୍ତି ।

## ଦିଲ୍ଲୀରେ ପୁରୁଣା ଗାଡ଼ିକୁ ପେଟ୍ରୋଲ-ଡିଜେଲ ମନା

ନୂଆଦିଲ୍ଲୀ,୧ ।୭: ପୁରୁଣା ଗାଡ଼ିକୁ ଜବତ କରିବାକୁ ଦିଲ୍ଲୀରେ ଆଜିଠୁ ଆରମ୍ଭ ହୋଇଛି ଧରପଗଡ଼ । ଆଉ ପେଟ୍ରୋଲ ପମ୍ପରେ ପଇଁତରା ମାରୁଛନ୍ତି ପୋଲିସ । ପୁରୁଣା ଗାଡ଼ିକୁ ପେଟ୍ରୋଲ-ଡିଜେଲ ମନା କରାଯାଇଛି । ୧୫ ବର୍ଷ ପୁରୁଣା ପେଟ୍ରୋଲ ଗାଡ଼ି ଏବଂ ୧୦ ବର୍ଷ ପୁରୁଣା ଡିଜେଲ ଗାଡ଼ି ଉପରେ ପ୍ରତିବନ୍ଧକ ଲଗାଯାଇଛି । ଯଦି ଏହି ପୁରୁଣା ଗାଡ଼ି ଧରି ବାହାରକୁ ବାହାରୁଛନ୍ତି ତେବେ ଚାଳକଙ୍କୁ ଜୋରିମାନା ଗଣିବାକୁ ପଡିବ । କାର ଚାଳକଙ୍କୁ ୧୦ ହଜାର ଟଙ୍କା ଜୋରିମାନା ଦେବାକୁ ଥିବା ବେଳେ ବାଇକ୍ ଚାଳକ ୫ ହଜାର ଟଙ୍କା ଜୋରିମାନା ରହିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦିଲ୍ଲୀରେ ସରକାର ନୂଆ ନିୟମ ଆଣିବା ପରେ ପାଖାପାଖି ୬୨ ଲକ୍ଷ ପୁରୁଣା ଗାଡ଼ି ଏହି ବର୍ଗରେ ଅନ୍ତର୍ଭୁକ୍ତ । ସେଥିରୁ ୪୧ଲକ୍ଷ ଦୁଇଚକିଆ ଥିବାବେଳେ ୧୮ଲକ୍ଷ ୪ ଚକିଆ ଯାନ ରହିଛି ।

## ପ୍ରଧାନମନ୍ତ୍ରୀ ମୋଦିଙ୍କ ୫ ଦେଶ ଗସ୍ତ ଆଜିଠୁ



ନୂଆଦିଲ୍ଲୀ,୧ ।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁଲାଇ ୨ ତାରିଖରୁ ୮ ଦିନିଆ ପାଞ୍ଚଟି ଦେଶ ଗସ୍ତରେ ଯିବେ । ଗତ ୧୦ ବର୍ଷରେ ଏହା ସବୁଠାରୁ ଦୀର୍ଘ କୂଟନୈତିକ ଯାତ୍ରା ହେବ । ଏହି ଯାତ୍ରାରେ ମୋଦୀ ଘାନା, ତ୍ରିନିଦାଦ ଓ ଟୋବାଗୋ, ଆର୍ଜେଣ୍ଟିନା, ବ୍ରାଜିଲ ଏବଂ ନାମ୍ବିଆକୁ ଯିବେ । ଏହା ତାଙ୍କର ଦ୍ୱିତୀୟ ପଞ୍ଚ ରାଷ୍ଟ୍ରୀୟ ଗସ୍ତ । ପୂର୍ବରୁ ୨୦୧୬ରେ ପ୍ରଧାନମନ୍ତ୍ରୀ ଆମେରିକା, ମେକ୍ସିକୋ, ସ୍ୱିଜରଲ୍ୟାଣ୍ଡ, ଆଫଗାନିସ୍ତାନ ଓ କତାର ଗସ୍ତ କରିଥିଲେ । ସଦ୍ୟ ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବ୍ରାଜିଲରେ ଅନୁଷ୍ଠିତ ହେବାକୁ ଥିବା ୧୭ତମ ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦାନ କରିବା ଏବଂ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ଦକ୍ଷିଣ ଦେଶମାନଙ୍କ ସହ ଭାରତର ସମ୍ପର୍କକୁ ଆହୁରି ଦୃଢ଼ କରିବା । ଜୁଲାଇ ୨ରୁ ୩ ମୋଦି ପ୍ରଥମେ ଘାନା ଗସ୍ତ କରିବେ, ଯେଉଁଠାରେ ଘାନା ସଂସଦରେ ଭାଷଣ ଦେବେ ପ୍ରଧାନମନ୍ତ୍ରୀ ଏବଂ ପ୍ରାୟ ୧୫,୦୦୦ ପ୍ରବାସୀ ଭାରତୀୟ ମୋଦିଙ୍କୁ ଅଭିନନ୍ଦନ ଜଣାଇବେ । ଏହା ହେବ ୧୯୯୫ ପରେ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଘାନା ଗସ୍ତ ।

# ଫୁଲୁଛି ବୈତରଣୀ: ସତର୍କ ରହିବାକୁ ନିର୍ଦ୍ଦେଶ

* ସୁବର୍ଣ୍ଣରେଖା ବିପଦ ସଙ୍କେତ ଉପରେ
* ଭୋଗରାଇ ବ୍ଲକ୍‌ର ୩୦ ଗ୍ରାମ ପ୍ରଭାବିତ



ଭଦ୍ରକ/ବାଲେଶ୍ୱର,୧ ।୭: ବୈତରଣୀ ନଦୀ ଫୁଲିବାରେ ଲାଗିଛି । ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଭଦ୍ରକ ଜିଲ୍ଲା ଆଖୁଆପଦା ଆନିକଟ ନିକଟରେ ବୈତରଣୀ ନଦୀ ବିପଦ ସଙ୍କେତ ଆଡକୁ ଗତି କରୁଛି । ବୈତରଣୀ ନଦୀର ଜଳ ସ୍ତର ୧୮.୨୦ ଉପରେ ପ୍ରବାହିତ ହେଉଛି । ଜିଲ୍ଲାର ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକକୁ ଆଲର୍ଟ କରାଯାଇଛି । ଉପର ମୁଣ୍ଡରେ ଥିବା କେନ୍ଦୁଝର , ଆନନ୍ଦପୁର , ସୋମପାଟଣା ଆଦି ଅଞ୍ଚଳରେ ହେଉଥିବା ବର୍ଷାର ପରିମାଣ ଉପରେ ପ୍ରଶାସନ ନଜର ରଖିଛି । ବନ୍ୟା ଭଳି ସ୍ଥିତି ଉପୁଜି ନଥିଲେ ମଧ୍ୟ ପୂର୍ବରୁ ପ୍ରଭାବିତ ହେଉଥିବା ତଳିଆ ଅଞ୍ଚଳଗୁଡିକ ପାଇଁ ପ୍ରଶାସନ ପ୍ରସ୍ତୁତ ରହିଛି । ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ ଆଖୁଆପଦା ଯାଇ ସେଠାରେ ସ୍ଥିତି ଦେଖିଛନ୍ତି । ଜଳସେଚନ ବିଭାଗ ଯନ୍ତ୍ରୀ ଓ ସ୍ଥାନୀୟ ବ୍ଲକ ପ୍ରଶାସନ ସହ ଆଲୋଚନା କରି ସମ୍ଭାବ୍ୟ ବନ୍ୟା ପରିସ୍ଥିତି ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପରାମର୍ଶ ଦେଇଛନ୍ତି । ସମସ୍ତ ପଞ୍ଚାୟତର ଲୋକ ପ୍ରତିନିଧିଙ୍କୁ ସଜାଗ ରଖାଯାଇଛି । ବିଭିନ୍ନ ସ୍କୁଲ ଗୃହ ଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି । ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କୁ ବନ୍ୟା ସ୍ଥିତି ଉପୁଜିଲେ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ସୁବର୍ଣ୍ଣରେଖା ରାଜଘାଟରେ ବିପଦ ସଙ୍କେତ ଉପରେ ରହିଛି । ଭୋଗରାଇ ବ୍ଲକ୍‌ର ୧୫ ପଞ୍ଚାୟତର ୩୦ଟି ଗାଁ ପ୍ରଭାବିତ ହୋଇଛି । ଅପରପକ୍ଷେ ବିପଦ ସଂକେତ ତଳେ ଜଳକା ନଦୀର ବନ୍ୟାଜଳ ପ୍ରବାହିତ ହେଉଛି । ବସ୍ତା ବ୍ଲକ ମଥାନିଠାରେ ସଂକେତ ତଳେ ପ୍ରହାବିତ ହେଉଛି । ବିପଦ ସଂକେତ ୬.୫୦ ମିଟର ଥିବାବେଳେ ୬.୫୯ରେ ପ୍ରବାହିତ ହେଉଛି ଜଳକା ନଦୀ । ବସ୍ତା ବ୍ଲକର ୧୦ଟି ଗାଁ ଜଳକା ବନ୍ୟା ଜଳରେ ପ୍ରଭାବିତ ହେଉଛି । ସେପଟେ ବାଲେଶ୍ୱର ବାଲିଆପାଳରେ ବନ୍ୟା ଜଳରେ ଭାସିଯାଇଛନ୍ତି ଜଣେ ଯୁବକ । ଯୁବକ ଜଣକ ବାଲିଆପାଳ ବ୍ଲକ୍ ବିଷ୍ଣୁପୁର ଗାଁର । ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ।

## ଲଘୁଚାପ ଯୋଗୁଁ ମହାନଦୀରେ ଆସିପାରେ ବନ୍ୟା

ଭୁବନେଶ୍ୱର,୧ ।୭: ଜୁଲାଇ ୬ରେ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଯାଉଛି । ଏହାର ପ୍ରଭାବରେ ପଶ୍ଚିମ ଓଡ଼ିଶା, ଉତ୍ତର ଓଡ଼ିଶା ଓ ଛତିଶଗଡ଼ରେ ବର୍ଷା ବଢ଼ିପାରେ । ସମ୍ଭାବ୍ୟ ଲଘୁଚାପ ଯୋଗୁଁ ମହାନଦୀ ଓ ବ୍ରାହ୍ମଣୀ ଅବବାହିକାରେ ବର୍ଷା ହେବ । ଛତିଶଗଡ଼ ଉପରମୁଣ୍ଡରେ ବର୍ଷା ହେଲେ ମହାନଦୀ ଫୁଲିବାର ସମ୍ଭାବନା ଅଛି । ହୀରାକୁଦରେ ଏବେ ୬୦୦ ଫୁଟ୍ ପାଖାପାଖି ପାଣି ରହିଛି । ତେଣୁ ଛତିଶଗଡ଼ ପାଣି ଛାଡ଼ିଲେ ହୀରାକୁଦ ଦେଇ ତଳମୁଣ୍ଡରେ ଜଳସ୍ତର ବଢ଼ିବା ସହ ବନ୍ୟା ଆସିବାର ଆଶଙ୍କା ରହିଛି । ଏହାସହିତ ବ୍ରାହ୍ମଣୀ ନଦୀରେ ମଧ୍ୟ ବନ୍ୟା ହେବାର ଆଶଙ୍କା ଉପୁଜିଛି ।ଲଘୁଚାପ ସକ୍ରିୟ ରହିଥିବାରୁ ଏହା ଝାଡ଼ଖଣ୍ଡମୁହାଁ ହୋଇପାରେ । ଏହାର ପ୍ରଭାବରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜରେ ଅତି ପ୍ରବଳ ବର୍ଷା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆଲର୍ଟ କରିଛି । ତା ସହିତ ସମୁଦ୍ର ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି । ସୂଚନାଯୋଗ୍ୟ ଯେ, ଜୁନରେ ରାଜ୍ୟରେ ୧୭ ପ୍ରତିଶତରୁ ଅଧିକ ବର୍ଷା ରେକର୍ଡ ହୋଇଛି । ୧୨ ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି । ତେବେ ଆଉ ଏକ ଲଘୁଚାପ ଆସିଲେ ଓ ମହାନଦୀରେ ବନ୍ୟା ହେଲେ ଏହାର ମୁକାବିଲା କରିବା ସରକାରଙ୍କ ପାଇଁ ବଡ ଚ୍ୟାଲେଞ୍ଜ ହେବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି ।

CMYK

# ପୁରୀ ଶ୍ରୀମନ୍ଦିର ଉପରେ ପକ୍ଷୀମାନେ ଉଡ଼ିପାରନ୍ତି ନାହିଁ କାହିଁକି ?



ପୁରୀର ଜଗନ୍ନାଥ ମନ୍ଦିର ସହିତ ଜଡିତ ଅନେକ ରହସ୍ୟ ରହିଛି, ଏବଂ ସେମାନଙ୍କ ମଧ୍ୟରୁ ସବୁଠାରୁ ଅନନ୍ୟ ରହସ୍ୟ ହେଉଛି ଏହା ଉପରେ ପକ୍ଷୀ କିମ୍ବା ଉଡ଼ାଜାହାଜ ଉଡ଼େ ନାହିଁ । ଏହି ଘଟଣା ବିଷୟରେ ଧାର୍ମିକ ଏବଂ ବୈଜ୍ଞାନିକ ଉଭୟ ବିଶ୍ୱାସ ରହିଛି । ଏହା ଏକ ରହସ୍ୟ ଯାହା ଭକ୍ତ ଏବଂ ବୈଜ୍ଞାନିକ ଉଭୟଙ୍କୁ ଆଶ୍ଚର୍ଯ୍ୟ କରେ । ସବୁଠାରୁ ପ୍ରମୁଖ ଧାର୍ମିକ ବିଶ୍ୱାସ ହେଉଛି ଯେ ପ୍ରଭୁ ଜଗନ୍ନାଥଙ୍କ ବାହନ ଗରୁଡ଼ ଦେବ, ଯିଏକି ପକ୍ଷୀମାନଙ୍କ ରାଜା, ନିଜେ ଏହି ମନ୍ଦିରକୁ ସୁରକ୍ଷା ଦିଅନ୍ତି । ଏହା ବିଶ୍ୱାସ କରାଯାଏ ଯେ ଯେତେବେଳେ ପକ୍ଷୀମାନଙ୍କ ରାଜା ନିଜେ ମନ୍ଦିରକୁ ସୁରକ୍ଷା ଦିଅନ୍ତି, ଅନ୍ୟ ପକ୍ଷୀମାନେ ସମ୍ମାନ କିମ୍ବା ଭୟରେ ମନ୍ଦିର ଉପରେ ଉଡ଼ି ପାରନ୍ତି ନାହିଁ । ଭକ୍ତମାନେ ବିଶ୍ୱାସ କରନ୍ତି ଯେ ଏହା ଏକ ଦିବ୍ୟ ଶକ୍ତି କିମ୍ବା ଚମତ୍କାର ଯାହା ପ୍ରଭୁ ଜଗନ୍ନାଥଙ୍କ ମହିମାକୁ ଦର୍ଶାଏ । ଏହି ମନ୍ଦିର ଏବଂ ଏହାର ଚାରିପାଖ ଅଞ୍ଚଳ ଏକ 'ନୋ-ଫ୍ଲାଏ ଜୋନ୍' ଯାହା ଦିବ୍ୟ ଭାବରେ ନିୟନ୍ତ୍ରିତ । ପୁରୀ ଏକ ଉପକୂଳବର୍ତ୍ତୀ ଅଞ୍ଚଳ ଏବଂ ଜଗନ୍ନାଥ ମନ୍ଦିର ସମୁଦ୍ର ନିକଟରେ ଅବସ୍ଥିତ । ଏହି ଅଞ୍ଚଳରେ ପ୍ରାୟତଃ ପ୍ରବଳ ପବନ ବହିଥାଏ । ବିଶେଷକରି ମନ୍ଦିରର ଉଚ୍ଚ ୨୧୪ ଫୁଟ୍ । ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ ମନ୍ଦିରର ଉଚ୍ଚତା ଏବଂ ଏହାର ନଳାକାର କିମ୍ବା ବିଶାଳ ଗଠନ ଯୋଗୁଁ, ଏହା ଉପରେ ବାୟୁ ପ୍ରବାହ ଏତେ ଦ୍ରୁତ ଏବଂ ଜଟିଳ ହୋଇପାରେ, ଯେ ପକ୍ଷୀମାନଙ୍କ ପାଇଁ ସନ୍ତୁଳନ ରକ୍ଷା କରିବା ଏବଂ ଏତେ ଉଚ୍ଚତାରେ ଉଡିବା କଷ୍ଟକର ହୋଇପଡ଼େ । ବିମାନ ବିଷୟରେ କହିବାକୁ ଗଲେ, ପୁରୀ ସହର କୌଣସି ନିୟମିତ ବିମାନ ରୁଟରେ ପଡ଼େ ନାହିଁ, ତେଣୁ ସେଠାରୁ ବିମାନ ଉଡ଼ିବାର କୌଣସି କାରଣ ନାହିଁ । ଏହା ସହିତ, ମନ୍ଦିରର ଶୀର୍ଷରେ ସ୍ଥାପିତ ନୀଳଚକ୍ର, ଯାହା ଆଠଟି ଧାତୁରେ ତିଆରି, କେତେକଙ୍କ ଦ୍ୱାରା ବେତାର ଯୋଗାଯୋଗରେ ବାଧା ସୃଷ୍ଟି କରେ ବୋଲି ବିଶ୍ୱାସ କରାଯାଏ । ଯାହା ବିମାନ ପାଇଁ ବିପଦ ମଧ୍ୟ ସୃଷ୍ଟି କରେ ।

## ଭାଗ୍ୟରେ ସୁପରିବର୍ତ୍ତନ

ବାସ୍ତୁଶାସ୍ତ୍ର ଅନୁସାରେ ଏପରି କିଛି ବୃକ୍ଷ ରହିଛି, ଯାହାକୁ ଘରର ଦକ୍ଷିଣ ଦିଗରେ ଲଗାଇବା ଦ୍ୱାରା ଅଶୁଭ ଫଳ ପ୍ରାପ୍ତି ହୋଇଥାଏ। ଏହି ଗଛକୁ ଦକ୍ଷିଣ ଦିଗରେ ଲଗାଇବା ଦ୍ୱାରା ଜୀବନରେ ଅନେକ ସମସ୍ୟାର ସାମ୍ନା କରିବାକୁ ପଡିଥାଏ। ହିନ୍ଦୁ ଧର୍ମରେ ତୁଳସୀ ବୃକ୍ଷକୁ ଖୁବ୍ ଶୁଭ ବୋଲି ମାନ୍ୟତା ରହିଛି। ତୁଳସୀଙ୍କୁ ପୂଜାର୍ଚ୍ଚନା କରିବା ଦ୍ୱାରା ଭାଗ୍ୟରେ ସୁପରିବର୍ତ୍ତନ ହୋଇଥାଏ। ମାତ୍ର ତୁଳସୀ ବୃକ୍ଷକୁ କଦାପି ଘରର ଦକ୍ଷିଣ ଦିଗରେ ରଖନ୍ତୁ ନାହିଁ। ଏହାକୁ ସର୍ବଦା ପୂର୍ବ ଦିଗରେ ଲଗାଇବା ଉଚିତ। ଦକ୍ଷିଣ ଦିଗରେ ଲଗାଇଲେ ଅନେକ ସମସ୍ୟାର ସାମ୍ନା କରିବାକୁ ପଡିଥାଏ। ମାନ୍ୟତା ଅନୁସାରେ ମନି ପ୍ଲାଣ୍ଟଗଛକୁ ଭୁଲରେ ମଧ୍ୟ ଘରର ଦକ୍ଷିଣ ଦିଗରେ ଲଗାଇବା ଉଚିତ ନୁହେଁ। ଏହାଦ୍ୱାରା ଆର୍ଥିକ କ୍ଷେତ୍ରରେ ସମସ୍ୟା ଲାଗି ରହିବା ସହ ଅଯଥାରେ ଟଙ୍କା ଖର୍ଚ୍ଚ ହୋଇଥାଏ। ଅଭାବ ଲାଗି ରହିବା ସହ ପର୍ସରୁ ଟଙ୍କା ଖାଲି ହୋଇଯାଏ। ଏହାକୁ ସର୍ବଦା ଘରର ଉତ୍ତର କିମ୍ବା ପୂର୍ବ ଦିଗରେ ଲଗାନ୍ତୁ। ଏହାଦ୍ୱାରା ଧନ ଲାଭ ହୋଇଥାଏ। ମାନ୍ୟତା ଅନୁଯାୟୀ, ଶିବଶଙ୍କର ପ୍ରିୟ ବୃକ୍ଷ ଶମିକୁ କଦାପି ଦକ୍ଷିଣ ଦିଗରେ ଲଗାନ୍ତୁ ନାହିଁ।

# ଅନେକ ରୋଗର ମହୌଷଧି ରସୁଣ



ରସୁଣ ଖାଇବାର ଲାଭ ଅନେକ। ଆୟୁର୍ବେଦରେ ରସୁଣକୁ ମହୌଷଧି ଭାବେ ବିବେଚିତ କରାଯାଇଛି। କୁହାଯାଏ, କୌଣସି ନା କୌଣସି ରୂପରେ ରସୁଣକୁ ଡାଏଟ ପ୍ଲାନରେ ସାମିଲ କରିବା ଉଚିତ। କିନ୍ତୁ ସକାଳ ଓ ସନ୍ଧ୍ୟାରେ ଖାଲିପେଟରେ ରସୁଣ ଖାଇବା ଦ୍ୱାରା ବିଶେଷ ଲାଭ ମିଳିଥାଏ। ରସୁଣ ଖାଇବା ଦ୍ୱାରା ଉଚ୍ଚରକ୍ତଚାପରୁ ଆରାମ ମିଳିଥାଏ। କାରଣ ରସୁଣ ରକ୍ତ ସଞ୍ଚାଳନ ପ୍ରକ୍ରିୟାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଉଚ୍ଚ ରକ୍ତଚାପ ସମସ୍ୟାରେ ପୀଡ଼ିତ ରୋଗୀ ଏହାର ସେବନ କରିବା ଉଚିତ। କେବଳ ସେତିକି ନୁହେଁ, ପେଟ ସହ ସମ୍ବନ୍ଧିତ ଯେକୌଣସି ସସସ୍ୟା ଥିଲେ ରସୁଣ ସେବନ ଦ୍ୱାରା ସେଥିରୁ ଉପଶମ ମିଳିଥାଏ। ଉଷୁମ ପାଣିରେ ୨କୋଳା ରସୁଣକୁ ପକାଇ ଏହି ପାଣିକୁ ଖାଲିପେଟରେ ପିଇଲେ ଗ୍ୟାସ ଏବଂ କୋଷ୍ଠକାଠିନ୍ୟ ସମାଧାନ ହୋଇଥାଏ। ରସୁଣ ହୃତ୍‌ପିଣ୍ଡ ସହ ସମ୍ବନ୍ଧିତ ସମସ୍ୟାକୁ ଦୂର କରିଥାଏ। ଖାଲିପେଟରେ ଗୋଟିଏ/ଦୁଇଟି ରସୁଣ ଚୋବାଇବା ଦ୍ୱାରା ହଜମ ପ୍ରକ୍ରିୟା ସୁସ୍ଥ ରହିଥାଏ।

---

# ଅସ୍ଥିକୁ ଶକ୍ତ କରେ ଖଜୁରି



ଖଜୁରିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ଖଜୁରି ଖାଆନ୍ତି ତେବେ ତାଙ୍କର ଅସ୍ଥି ପୂର୍ବାପେକ୍ଷା ମଜଭୁତ ରହିବ। ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଖଜୁରି ଖାଇବା ଦ୍ୱାରା ଏହାର କି ପ୍ରକାର ପ୍ରଭାବ ଅସ୍ଥି ଉପରେ ପଡୁଛି ତାହା ଉପରେ ଏକ ସର୍ଭେ କରିଥିଲେ। ବିଶେଷଭାବରେ ଅସ୍ଥିଜନିତ ସମସ୍ୟାର ସମ୍ମୁଖୀନ ହୋଇଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। କେବଳ ସେତିକି ନୁହେଁ, ସେମାନଙ୍କୁ ନିୟମିତ ଖାଦ୍ୟ ସହ ଖଜୁରି ଖାଇବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିୟମିତ ସମୟ ଅନ୍ତରାଳରେ ଏହାର ପ୍ରଭାବ ଅସ୍ଥି ଉପରେ କିପରି ପଡୁଛି ତାହାକୁ ସେମାନେ ତନ୍ନତନ୍ନ କରି ତର୍ଜମା କରି ଏକଥା ଜାଣିପାରିଥିଲେ। ଖଜୁରି ଖାଇଲେ ତାହା ଗ୍ୟାଷ୍ଟ୍ରିକଜନିତ ସମସ୍ୟା କେତେକାଂଶରେ ଦୂର କରିଥାଏ। ଏହାବ୍ୟତୀତ କୋଷ୍ଠକାଠିନ୍ୟ ସମସ୍ୟାରୁ ମଧ୍ୟ ଉପଶମ ମିଳିଥାଏ।

# ଶ୍ରୀମନ୍ଦିର ଓ ବାଇଶି ପାହାଚ



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପୂର୍ବ ମହିମା ନିକଟରେ ସାରା ଜଗତ ମଥାନତ କରିଆସିଛି କାଳ କାଳ ଧରି । ରହସ୍ୟମୟ ଆମ ଠାକୁର କେଉଁ ଅନାଦି ଅନନ୍ତ କାଳରୁ ପବିତ୍ର ଶ୍ରୀକ୍ଷେତ୍ରରେ ପୂଜା ପାଇ ଆସୁଛନ୍ତି । ସେ ସମଗ୍ର ଓଡ଼ିଆ ଜାତିର ପ୍ରାତଃସ୍ମରଣୀୟ ଆରାଧ୍ୟ ଠାକୁର ଓ ପ୍ରାଣପ୍ରିୟ ଦେବତା । ଆମ ସମସ୍ତଙ୍କ ପାଇଁ ଆଧ୍ୟାତ୍ମିକ ଜାଗରଣର କେନ୍ଦ୍ରବିନ୍ଦୁ ହେଉଛନ୍ତି କଳାଠାକୁର । ଲୀଳାକ୍ଷେତ୍ର ଶ୍ରୀକ୍ଷେତ୍ରରେ ଅବସ୍ଥାନ କରି ସେ ଅପୂର୍ବ ମାନବୀୟ ଲୀଳା ପ୍ରକଟ କରୁଛନ୍ତି । ତାଙ୍କ ମନ୍ଦିର ଶ୍ରୀମନ୍ଦିରର ରହସ୍ୟ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ବାଇଶି ପାହାଚ ଶ୍ରୀମନ୍ଦିରର ଏକ ପ୍ରମୁଖ ଓ ଗୁରୁତ୍ୱପୂର୍ଣ୍ଣ ଅଂଶ । ମନ୍ଦିରର ମୁଖ୍ୟ ଦ୍ୱାର ଅର୍ଥାତ୍ ସିଂହଦ୍ୱାରରୁ ଭକ୍ତ ଶ୍ରୀଜିଉଙ୍କ ଦର୍ଶନ ପାଇଁ ପ୍ରବେଶ କଲାବେଳେ ବାଇଶି ପାହାଚକୁ ଅତିକ୍ରମ କରିବାକୁ ପଡ଼ିଥାଏ । ଏହାର ସ୍ୱରୂପ ଯେତିକି ଚିତ୍ତାକର୍ଷକ ସେତିକି ରହସ୍ୟମୟ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର ମହିମା ବୃଦ୍ଧି ପାଇଁ ଶ୍ରୀମନ୍ଦିରର ଯେଉଁ ଅଂଶଗୁଡ଼ିକ ଅଧିକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସୁଛନ୍ତି , ତନ୍ମଧ୍ୟରୁ ବାଇଶି ପାହାଚ ଅନ୍ୟତମ । ଆଉ ଧର୍ମୀୟ ଭାବନା ଓ ଆଧ୍ୟାତ୍ମିକ ଜାଗରଣ କ୍ଷେତ୍ରରେ ବାଇଶି ପାହାଚର ଭୂମିକା ଅତ୍ୟନ୍ତ ମାର୍ମିକ ଓ ପ୍ରଭାବଶାଳୀ । ଭକ୍ତମାନଙ୍କ ପାଇଁ ବାଇଶି ପାହାଚ ହେଉଛି କୋଟିତୀର୍ଥର ସ୍ଥଳ ଓ ମୋକ୍ଷ-ମୁକ୍ତିର ପୁଣ୍ୟଭୂମି । ଓଡ଼ିଆମାନଙ୍କ ହୃଦୟରେ ଏହି ବାଇଶି ପାହାଚ ଶବ୍ଦ ହେଉଛି ଏକ ଆଧ୍ୟାତ୍ମିକ ସ୍ପନ୍ଦନ । ବାଇଶି ପାହାଚର ବାମ ପାର୍ଶ୍ୱରେ କାଶୀବିଶ୍ୱନାଥ ମନ୍ଦିର, ଶ୍ରୀରାମଚନ୍ଦ୍ର ମନ୍ଦିର , ଶ୍ରୀନୃସିଂହ ଓ ଗଣେଶ ମନ୍ଦିର ସହିତ ସରଘର ରହିଛି । ଏହି ପାହାଚର ଓସାର ୬ ଫୁଟ,ଲମ୍ବ ୭୦ ଫୁଟ ଓ ଉଚ୍ଚତା ୬ ଇଞ୍ଚ୍ ହେବ । ଆମେ ସାଧାରଣରେ ୨୨ ଗୋଟି ପାହାଚ ରୂପେ ପ୍ରତିପାଦନ କରୁଥିଲେ ହେଁ ପ୍ରକୃତପକ୍ଷେ ଏହା ୧୭ ଟି ସଂଖ୍ୟାରେ ସୀମିତ । ସଂସ୍କୃତିବିତଙ୍କ କହିବାନୁସାରେ ପୂର୍ବରୁ ୨୨ ଗୋଟି ପାହାଚ ଥିଲା କିନ୍ତୁ କାଳକ୍ରମେ ମରାମତି ଏବଂ ଅନ୍ୟ କୌଣସି କାରଣ ନିମନ୍ତେ ଏବେ ୨୨ଟି ପାହାଚ ପରିଦୃଶ୍ୟ ହେଉନାହିଁ । ଆନନ୍ଦବଜାର ଯିବାକୁ ଥିବା ୨ ପାହାଚକୁ ମିଶାଇ ଏହି ସଂଖ୍ୟା ୨୦ ଅଟେ । ତେବେ ଏହି ସବୁ ପାହାଚର ନିର୍ମାଣ ବଉଳମାଳ ଓ ଶାଣି ପଥରରେ ହୋଇଛି । ତେବେ ଏହି ବାଇଶି ପାହାଚକୁ ମଧ୍ୟ ନିର୍ଦ୍ଦିଷ୍ଟ ନାମରେ ନାମିତ କରାଯାଇଛି । ଯଥା – ତୀବ୍ରା, କୁମୁଦବତୀ, ମନ୍ଦା, ଛନ୍ଦୋବତୀ, ଦୟାବତୀ, ରଞ୍ଜନୀ, ରତିକା, ରୌଦ୍ରା, କ୍ରୋଧା, ବଦ୍ରିକା, ପ୍ରସାରଣୀ, ବ୍ରତୀ, ମାର୍ଜନୀ, କ୍ଷିତି, ରକ୍ତା, ସାନ୍ଦିପନୀ, ଅଜପନି, ମଦନ୍ତି, ରମ୍ୟା, ଉଗ୍ରା ଓ କ୍ଷୋଭିନୀ ।

# କରଣି ମାତାଙ୍କ ମନ୍ଦିରରେ ପୂଜା କରାଯାଇଥାଏ ମୂଷାମାନଙ୍କୁ



ହିନ୍ଦୁ ଶାସ୍ତ୍ରରେ ମୂଷାକୁ ଭଗବାନ ଗଣେଶଙ୍କ ବାହନ ବୋଲି ବିଶ୍ୱାସ କରାଯାଇଥାଏ । କିନ୍ତୁ ଘରେ ମୂଷା ଦେଖିଲେ ଆମେ ଚିନ୍ତାରେ ପଡିଯାଉ । କାରଣ ପୋଷାକ ଓ ଦ୍ରବ୍ୟକୁ ନଷ୍ଟ କରୁଥିବା ଯୋଗୁ ଆମେ ଏମାନଙ୍କୁ ଘରେ ରହିବାକୁ ଦେଇ ନ ଥାଉ । ଏମାନଙ୍କୁ ବିଷ ଦେଇ ମାରିବାକୁ ଚେଷ୍ଟା ମଧ୍ୟ କରିଥାଉ । କିନ୍ତୁ ଭାରତରେ ଏପରି ଏକ ମନ୍ଦିର ରହିଛି, ଯେଉଁଠାରେ ମୂଷାଙ୍କୁ ନ ମାରି ସୁରକ୍ଷିତ ଭାବେ ପୂଜା କରାଯାଇଥାଏ । କେବଳ ପୂଜା କରାଯାଏନାହିଁ ବରଂ ମୂଷାମାନଙ୍କୁ ଖାଇବାକୁ ବିଭିନ୍ନ ଶସ୍ୟ ଏବଂ ଭୋଗ ଓ ପିଇବା ପାଇଁ କ୍ଷୀର ମଧ୍ୟ ଦିଆଯାଇଥାଏ । ରାଜସ୍ଥାନରେ ରହିଛି ଏହି ବିଚିତ୍ର ମନ୍ଦିର । ବିକାନେର ଜିଲ୍ଲା ଅନ୍ତର୍ଗତ କରଣି ମାତାଙ୍କ ମନ୍ଦିରରେ ମୂଷାମାନଙ୍କୁ ପୂଜା କରାଯାଇଥାଏ । ଜଣାଯାଇଛି ଯେ ବର୍ତ୍ତମାନ ଏହି ମନ୍ଦିରରେ ରହିଛନ୍ତି ୨୦ ହଜାରରୁ ଅଧିକ ମୂଷା । ହେଲେ ଏହି ମୂଷାଗୁଡିକ କେବେବି ମନ୍ଦିର ପରିଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ କିଛି ବି କ୍ଷତି ପହଞ୍ଚାଇ ନ ଥାନ୍ତି । ସବୁଠାରୁ ବଡ଼ କଥା ହେଉଛି ମନ୍ଦିରରେ ଏତେ ସଂଖ୍ୟାରେ ମୂଷା ରହିଥିଲେ ମଧ୍ୟ ସେମାନଙ୍କ ଯୋଗୁଁ କୌଣସି ଦୁର୍ଗନ୍ଧ ହୁଏନାହିଁ । ଏଠାରେ ଲାଗୁଥିବା ପ୍ରସାଦକୁ ପ୍ରଥମେ ମୂଷାମାନଙ୍କୁ ଖାଇବାକୁ ଦିଆଯାଇଥାଏ, ମୂଷାମାନେ ଖାଇସାରିବା ପରେ ସେହି ପ୍ରସାଦକୁ ଲୋକେ ଖାଇଥାନ୍ତି । ମୂଷା ମାନଙ୍କ ଅଇଁଠା ଖାଇବା ପରେ ମଧ୍ୟ ଆଜିପର୍ଯ୍ୟନ୍ତ କୌଣସି ଭକ୍ତଙ୍କର ସ୍ୱାସ୍ଥ୍ୟ ଗତ ସମସ୍ୟା ଦେଖାଯାଇନାହିଁ । ଏହି ବିଚିତ୍ର ମନ୍ଦିର ଆରାଧ୍ୟ ଦେବୀ ହେଉଛନ୍ତି 'ମା କରଣି' । ଲୋକମାନେ ମା କରଣିଙ୍କୁ ଜଗଦମ୍ବାଙ୍କ ଅବତାର ମନେ କରିଥାନ୍ତି । ଲୋକକଥା ଅନୁସାରେ, ୧୩୮୭ ମସିହାରେ ମା କରଣିଙ୍କ ଜନ୍ମ ହୋଇଥିଲା । ମାଆଙ୍କ ପିଲାଦିନର ନାଁ ଥିଲା ରିଘୁ ବାଇ । ବଡ଼ ହେବା ପରେ ରିଘୁ ବାଇଙ୍କର ସଂସାର ପ୍ରତି ବିତୃଷ୍ଣା ଆସିଥିଲା । ସେ ଏକ ଗୁମ୍ଫାରେ ତପସ୍ୟା କରିବାକୁ ଲାଗିଲେ । ଆଜି ଯେଉଁଠି ଏହି ଭବ୍ୟ ମନ୍ଦିର ପ୍ରତିଷ୍ଠା ହୋଇଛି, ଏଠାରେ ଥିଲା ସେହି ଗୁମ୍ଫା । କୁହାଯାଏ କି ମାଆ କରଣିଙ୍କର ଗୋଟିଏ ପୁଅ ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ । ଏହାପରେ କରଣି ମାଆ ଯମ ରାଜାଙ୍କୁ ପୁଅର ଜୀବନ ଫେରାଇ ଦେବାକୁ ନିବେଦନ କରିଥିଲେ । ମୃତ୍ୟୁବରଣ କରିଥିବା ପୁଅକୁ ପୁନର୍ଜୀବନ ଦେବା ସମ୍ଭବ ନୁହେଁ ବୋଲି କହିଥିଲେ ଯମ ରାଜା । କିନ୍ତୁ ଯମରାଜା ମୂଷା ରୂପରେ ତାଙ୍କ ପୁଅକୁ ଫେରାଇ ଦେଇଥିଲେ ବୋଲି ଲୋକେ ବିଶ୍ୱାସ କରନ୍ତି । ମନ୍ଦିରରେ ଥିବା ମୂଷାମାନେ ହେଉଛନ୍ତି କରଣି ମାତାଙ୍କ ସନ୍ତାନ। ଏହି ବିଶ୍ୱାସରେ ଏଠାରେ ମୂଷାମାନଙ୍କର ପୂଜା କରିଥାନ୍ତି ସ୍ଥାନୀୟ ଲୋକେ ।



# ଜ୍ୟୋତିଷଶାସ୍ତ୍ରର -ସ୍ୱରୂପ-

ଜ୍ୟୋତିଷଶାସ୍ତ୍ର ଏକ ଛଦ୍ମ ବିଜ୍ଞାନ ଅଟେ, ଯାହା ଖଗୋଳିୟ ପିଣ୍ଡର ଚଳଣି ଏବଂ ସାପେକ୍ଷ ସ୍ଥିତିର ଅଧ୍ୟୟନ କରି ମନୁଷ୍ୟ ସମ୍ବନ୍ଧୀୟ ବିଷୟ ଏବଂ ସାଂସାରିକ ଘଟଣା ସମ୍ବନ୍ଧରେ ଦିବ୍ୟ କଥାବସ୍ତୁର ଦାବି କରିଥାଏ । ଏହି ଶାସ୍ତ୍ରଦ୍ୱାରା ମନୁଷ୍ୟ ତଥା ପୃଥିବୀର ଗ୍ରହ ଏବଂ ତାରାମାନଙ୍କର ଶୁଭ ତଥା ଅଶୁଭ ପ୍ରଭାବର ଅଧ୍ୟୟନ କରାଯାଇପାରେ । ଜ୍ୟୋତିଷ ଶବ୍ଦର ଅର୍ଥ ଗ୍ରହ ତଥା ନକ୍ଷତ୍ରଦ୍ୱାରା ସମ୍ବନ୍ଧିତ ରଖୁଥିବା ବିଦ୍ୟା । ଯଦିଓ ଏହି ଶବ୍ଦରୁ ଗଣିତ ଜ୍ୟୋତିଷର ମଧ୍ୟ ବୋଧ ହୋଇଥାଏ, ତଥାପି ସାଧାରଣ ଲୋକେ ଜ୍ୟୋତିଷ ବିଦ୍ୟାଦ୍ୱାରା ଫଳିତ ବିଦ୍ୟାର ଅର୍ଥ ବୋଲି ଭାବି ନିଅନ୍ତି। ଭାରତୀୟ ଜ୍ୟୋତିଷରେ ସୂର୍ଯ୍ୟ ସିଦ୍ଧାନ୍ତ ଆଦି ଗ୍ରନ୍ଥରୁ ଆସୁଥିବା ବିନ୍ଦୁରୁ ହିଁ ମେଷ ଆଦିର ଗଣନା କରାଯାଏ । ଏହିପ୍ରକାରେ ପାଶ୍ଚାତ୍ୟ ଗଣନା ପ୍ରଣାଳୀ ତଥା ଭାରତୀୟ ଗଣନା ପ୍ରଣାଳୀରେ ପାଖାପାଖି ୨୩ ଅଂଶର ଅନ୍ତର ପଡିଥାଏ। ଭାରତରେ ୧୨ଟି ରାଶିକୁ ୨୭ଟି ବିଭାଗରେ ଭାଗ କରାଯାଇଛି , ଯାହାକୁ ନକ୍ଷତ୍ର କୁହାଯାଏ । ଫଳାଫଳର ବିଚାର ପାଇଁ 'ଚନ୍ଦ୍ରମା' ନକ୍ଷତ୍ରର ବିଶେଷ ଉପଯୋଗ କରାଯାଏ।

ଜ୍ୟୋତିଷ ଶାସ୍ତ୍ର ପ୍ରାଚୀନ ଗ୍ରୀକ ଭାଷା ଶବ୍ଦ ଏଷ୍ଟ୍ରୋନ୍ (ତାରା ସମୂହ) ଏବଂ ଲୋଜି ଅଧ୍ୟୟନରୁ ନିଆ ଯାଇଥିବା ବିଷୟ । ଏହି ତନ୍ତ୍ର ପରମ୍ପରା ପ୍ରଥା ଏବଂ ବିଶ୍ୱାସ ସମୂହ ଅଟେ ଯାହା ଜରିଆରେ ଖଗୋଳିୟ ପିଣ୍ଡ ତଥା ଆକାଶୀୟ ପିଣ୍ଡର ତୁଳନାତ୍ମକ ସ୍ଥିତି ଏବଂ ଅନ୍ୟ ସମ୍ବନ୍ଧୀୟ ବିବରଣୀର ଆଧାରରେ ବ୍ୟକ୍ତିତ୍ୱ, ମନୁଷ୍ୟର ଜୀବନରେ ଜଡ଼ିତ ମାମଲା ଏବଂ ଅନ୍ୟ ସାଂସାରିକ ବିଷୟକୁ ବୁଝି ତାହାର ବ୍ୟାଖ୍ୟା କରାଯାଏ ଏବଂ ଏହି ସନ୍ଦର୍ଭରେ ସୂଚନା ଗୁଡିକୁ ସଂଗଠିତ କରାଯାଏ । ଜ୍ୟୋତିଷର ବିଶ୍ୱାସ ଥାଏ ଯେ, ଖଗୋଳିୟ ପିଣ୍ଡର ଚଳଣି ଓ ତାହାର ସ୍ଥିତି ହୁଏତ ପୃଥିବୀକୁ ସିଧା ଉପାୟରେ ପ୍ରସ୍ତାବିତ କରିଥାଏ କିମ୍ବା କୌଣସି ପ୍ରକାରେ ମାନବଦ୍ୱାରା ଅନୁଭବ କରାଯାଉଥିବା ଘଟଣାରେ ସମ୍ବନ୍ଧ ହୋଇଥାଏ । ଆଧୁନିକ ଜ୍ୟୋତିଷଦ୍ୱାରା ଜ୍ୟୋତିଷକୁ ଏକ ପ୍ରତୀକାତ୍ମକ ଭାଷା ଏକ କଳା ରୂପେ କିମ୍ବା ଭବିଷ୍ୟ କଥନ, ପୂର୍ବଭାଷା ରୂପେ ପରିଭାଷିତ କରାଯାଇଛି । ବହୁ ବୈଜ୍ଞାନିକମାନେ ଏହାକୁ ଏକ ଛଦ୍ମ ବିଜ୍ଞାନ କିମ୍ବା ଅନ୍ଧବିଶ୍ୱାସର ନାମ ଦେଇଛନ୍ତି । ପରିଭାଷାରେ ଅନ୍ତର ହେବା ପରେ ମଧ୍ୟ, ଜ୍ୟୋତିଷ ବିଦ୍ୟାର ଏକ ସାମାନ୍ୟ ଧାରଣା ରହିଛି ଯେ, ଖଗୋଳିୟ ପିଣ୍ଡ ନିଜ କ୍ରମ ସ୍ଥାନରୁ ଭୂତ ଏବଂ ବର୍ତ୍ତମାନର ଘଟଣା ଓ ଭବିଷ୍ୟବାଣୀକୁ ବୁଝିବାରେ ସାହାଯ୍ୟ କରିପାରେ । ଏକ ମତଦାନରେ ୩୧ ପ୍ରତିଶତ ଆମେରିକୀୟ ମାନେ ଜ୍ୟୋତିଷ ଉପରେ ନିଜର ବିଶ୍ୱାସ ପ୍ରକଟ କରିଥିଲେ ଏବଂ ଏକ ଅନ୍ୟ ଅଧ୍ୟୟନ ଅନୁସାରେ, ୩୯ ପ୍ରତିଶତଲୋକ ଏହାକୁ ବିଜ୍ଞାନ ବୋଲି ମାନିଛନ୍ତି ।



# ବାସି ମୁହଁରେ ପାଣି ପିଇବା ହିତକର



ସକାଳର ଏମିତି କିଛି ଅଭ୍ୟାସ, ଅନେକ ଦିଗରେ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ଯଦି ଖାଦ୍ୟ ଠିକ୍ ଥାଏ, ତେବେ ସ୍ୱାସ୍ଥ୍ୟ ଭଲ ରହିଥାଏ; କିନ୍ତୁ ଯଦି ସଠିକ୍ ଅଭ୍ୟାସ ଗ୍ରହଣ କରା ନ ଯାଏ ତେବେ ଏହା କେବଳ ଗୋଟିଏ ନୁହେଁ ବରଂ ଅନେକ ଦିଗରେ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। ଏହା ଏକ ବହୁତ ସାଧାରଣ ଅଭ୍ୟାସ। ଯାହା ସ୍ୱାସ୍ଥ୍ୟ ଉପରେ ବହୁତ ପ୍ରଭାବ ପକାଇପାରେ। ସକାଳେ ଉଠିବା ମାତ୍ରେ ପ୍ରଥମେ ପାଣି ପିଇବା ଏକ ଭଲ ଅଭ୍ୟାସ। ପ୍ରାୟତଃ ଲୋକମାନେ ସକାଳେ ଦାନ୍ତ ଘଷିବା ପରେ ହିଁ କିଛି ଖାଇବା କିମ୍ବା ପିଇବାକୁ ପସନ୍ଦ କରନ୍ତି। କିନ୍ତୁ, ଯଦି ସକାଳେ ଖାଲି ପେଟରେ ପାଣି ପିଆଯାଏ, ତେବେ ଏହା ଅନେକ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରେ। ସକାଳେ ଖାଲି ପେଟରେ ପାଣି ପିଇବା ଦ୍ୱାରା ଶରୀରର ଆଭ୍ୟନ୍ତରୀଣ ଏବଂ ବାହ୍ୟ ଉଭୟ ଦିଗରେ ଲାଭ ମିଳିଥାଏ। ଏପରି ପରିସ୍ଥିତିରେ, ପ୍ରତିଦିନ ସକାଳେ ଖାଲି ପେଟରେ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ କିପରି ଲାଭଦାୟକ ସାବ୍ୟସ୍ତ ହୁଏ । ଯଦି ଆପଣ ସକାଳେ ଉଠିବା ମାତ୍ରେ ଖାଲି ପେଟରେ ପାଣି ପିଅନ୍ତି, ତେବେ ଏହା ଶରୀରକୁ ତୁରନ୍ତ ଜଳୀୟ ଅଂଶ ପ୍ରଦାନ କରେ। ଏପରି ଅନେକ ଲୋକ ଅଛନ୍ତି , ଯେଉଁମାନଙ୍କୁ ସକାଳେ ଉଠିବା ମାତ୍ରେ ଜଳୀୟ ଅଂଶ ଆବଶ୍ୟକ ହୁଏ। ଯଦି ପାଣି ବହୁତ ସମୟ ଧରି ପିଇ ନ ଥାନ୍ତି, ତେବେ ମୁଣ୍ଡ ବିନ୍ଧା କିମ୍ବା ମୁଣ୍ଡ ବୁଲାଇବା ଅନୁଭବ ହୋଇପାରେ। ଏପରି ପରିସ୍ଥିତିରେ ସକାଳେ ଖାଲି ପେଟରେ ପାଣି ପିଇଲେ ଶରୀରରେ ଡିହାଇଡ୍ରେସନ (ନିର୍ଜଳୀକରଣ)ହୁଏ ନାହିଁ। ଯଦି ଖାଲି ପେଟରେ ପାଣି ପିଇବା ପରେ ଉଠି ଶୌଚାଳୟକୁ ଯାଆନ୍ତି, ତେବେ ଶରୀରରେ ଥିବା ମଇଳା ଜୀବାଣୁ ମଳ ସହିତ ବାହାରକୁ ଚାଲିଯାଏ। ଏହା ଶରୀରରୁ ବିଷାକ୍ତ ପଦାର୍ଥ ମଧ୍ୟ ବାହାର କରିଦିଏ ଏବଂ ଶରୀର ଭଲ ଭାବରେ ଡିଟକ୍ସ ହୋଇଯାଏ। ଖାଲି ପେଟରେ ପାଣି ପିଇବା ଦ୍ୱାରା, ମୁହଁରେ ଥିବା ଜୀବାଣୁ ଏବଂ ପେଟରେ ଜମା ହୋଇଥିବା ମଇଳା ଉଭୟ ଦୂର ହୋଇଯାଏ। ଏହା ବ୍ୟତୀତ ଘଣ୍ଟା ଘଣ୍ଟା ଧରି ବାଥରୁମରେ ବସିବାକୁ ପଡ଼େ ନାହିଁ ଏବଂ ପେଟ ସହଜରେ ସଫା ହୋଇଯାଏ ।ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ପ୍ରତିଦିନ କୌଣସି ସଂକ୍ରମଣର ସମ୍ମୁଖୀନ ନ ହେବାକୁ ପଡ଼ିବା ପାଇଁ, ଏକ ଦୃଢ଼ ପ୍ରତିରକ୍ଷା ପ୍ରଣାଳୀ ରହିବା ଗୁରୁତ୍ୱପୂର୍ଣ୍ଣ। ଏପରି ପରିସ୍ଥିତିରେ ଖାଲି ପେଟରେ ପାଣି ପିଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଖାଲି ପେଟରେ ପାଣି ପିଇବା ଦ୍ୱାରା କେବଳ ଶରୀରକୁ ଆଭ୍ୟନ୍ତରୀଣ ଲାଭ ମିଳେ ନାହିଁ, ବରଂ ଶରୀରର ବାହ୍ୟ ଦିଗ ଅର୍ଥାତ୍ ଚର୍ମ ଉପରେ ମଧ୍ୟ ଏହାର ଲାଭ ପଡ଼ିଥାଏ। ଚର୍ମକୁ ହାଇଡ୍ରେସନ ବା ଜଳଭାଗ ମିଳିଥାଏ ଏବଂ ଚର୍ମ ଚମକିଉଠେ।



## ଗ୍ରାମ କମିଟି ଗଠନକୁ ନେଇ ସଙ୍ଘବଦ୍ଧ ଆକ୍ରମଣ: ଜଣେ ମୃତ

ଛତ୍ରପୁର,(ନିପ୍ର): ଦିନକୁ ଦିନ ଅଶାନ୍ତ ହେବାରେ ଲାଗିଛି ଗଞ୍ଜାମ ଜିଲ୍ଲା । ଜିଲ୍ଲାରେ ହତ୍ୟା, ଦୁଷ୍କର୍ମ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ମଙ୍ଗଳବାର ଗଞ୍ଜାମ ଜିଲ୍ଲା ଛତ୍ରପୁର ଥାନା ଅଧୀନ ଗୋବା ଗ୍ରାମରେ ଘଟିଛି ଆଉ ଏକ ହତ୍ୟା ଘଟଣା । ଗ୍ରାମ କମିଟି ଗଠନକୁ ନେଇ ସଂଘବଦ୍ଧ ଭାବେ ଆକ୍ରମଣରେ ଜଣେ ମୃତ ହୋଇଥିବା ବେଳେ ୩ ଜଣ ଆହତ ହୋଇଥିବା ସୂଚନା ମିଳିଛି । ମୃତ ଜଣକ ହେଲେ ଗୋବା ଗ୍ରାମର ତୋଫାନ ସ୍ୱାଇଁ ଆଉ ଆହତମାନେ ହେଲେ ସୁଧୀର ସ୍ୱାଇଁ, ନନ୍ଦ ବାରିକ, ରାହୁଲ ସ୍ୱାଇଁ । ସୂଚନା ମୁତାବକ ଗ୍ରାମରେ ଗ୍ରାମ କମିଟି ଗଠନକୁ ନେଇ ଗୋବା ଗ୍ରାମ ଛକ ନିକଟରେ ଏକ ବାଇକ ଯୋଗେ ୧୦ ଜଣ ଆସି ଠେଙ୍ଗା ଓ ଖଣ୍ଡାରେ ଆକ୍ରମଣ କରିଥିଲେ । ସମସ୍ତଙ୍କୁ ପ୍ରଥମେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ଗୁରୁତର ଥିବା ତୋଫାନ ସ୍ୱାଇଁ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା । ବ୍ରହ୍ମପୁର ବଡ଼ ମେଡ଼ିକାଲରେ ତୋଫାନଙ୍କୁ ମୃତ ଘୋଷଣା କରିଛନ୍ତି ଡାକ୍ତର । ଛତ୍ରପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମେଡ଼ିକାଲରେ ପହଞ୍ଚି ଘଟଣାର ଅନୁଧ୍ୟାନ କରୁଛନ୍ତି ।

## ୨ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ଅବସର ବିଦାୟ କାଳୀନ ଉତ୍ସବ

ବ୍ରହ୍ମପୁର (ନିପ୍ର) ଗଞ୍ଜାମ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ତଥା ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରା ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ଜିଲ୍ଲା ସଂସ୍କୃତି ବିଭାଗ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଦାୟ କାଳୀନ ସ୍ମୃତି ଚରଣ ସଭା ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ଏବଂ ଅପରାହ୍ନେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଉଭୟ ସଭାରେ କର୍ମଚାରୀଗଣ ଶ୍ରୀ ବେହେରାଙ୍କ କାର୍ଯ୍ୟ ଦକ୍ଷତା, କୁଶଳତା ଏବଂ କର୍ମଚାରୀ ମାନଙ୍କ ସହଯୋଗ ମନୋବୃତ୍ତିକୁ ପ୍ରଶଂସା କରିଥିଲେ । ଆଜିଠାରୁ ଗଞ୍ଜାମ ଜିଲ୍ଲାର ଭରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଶ୍ରୀମତୀ ରଶ୍ମିରାଣୀ ନିମାକା ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ଭଞ୍ଜନଗର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ଙ୍କୁ ମଧ୍ୟ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

## କ୍ରୀଡା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବୁଗୁଡା,(ନିପ୍ର): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମୋଟାବାଡି ସ୍ଥିତ ଶ୍ରୀ ଗୋପୀନାଥ ବିଦ୍ୟାପୀଠରେ କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଶ୍ରେଣୀ ଗୃହରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଉମାକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ମଞ୍ଚାସିନ ଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମାକାନ୍ତ ଦାସ ନିଜ ବକ୍ତବ୍ୟରେ କହିଥିଲେ ପ୍ରତ୍ୟେକ ଘଟଣାର ଆରମ୍ଭ ଓ ଶେଷ ରହିଥାଏ ଏହା ବିଧିର ବିଧାନ, ଆଜି ଆପଣ ଏକ ସର୍ବ ବୃହତ୍ତ ତଥା ଏକ ପ୍ରମୁଖ ବିଭାଗରୁ ଅବସର ନେଉଛନ୍ତି, ।

## ୩୨ଗ୍ରା.ପ ଓ ଗୋଟିଏ ଏନ୍ଏସିରେ ୧୮୦ ହେକ୍ଟର ଧନିଚା ଚାଷ

ନିମାପଡ଼ା, (ନି.ପ୍ର.): ନିମାପଡ଼ା କୃଷି କାର୍ଯ୍ୟାଳୟରେ ବ୍ୟାପକ ଅନିୟମିତତା ଯୋଗୁଁ ଚାଷୀମାନେ ନିରାଶରେ ଫେରୁଥିବା ଅଭିଯୋଗ ହୋଇଛି । ସଂଖ୍ୟାଧିକ କର୍ମଚାରୀ ଅନ୍ୟତ୍ର ବଦଳି ହୋଇଯିବା ପରେ ବିଭାଗ ଏଠାରେ ସ୍ଥାଣୁ ପାଲଟିଛି । କୌଣସି ପ୍ରକାର ସୂଚନା ମିଳୁ ନଥିବା ବେଳେ ବିଭାଗୀୟ ଅଧିକାରୀମାନେ କେବଳ କାଗଜ ପତ୍ର ପ୍ରସ୍ତୁତ କରି ଜିଲ୍ଲା କାର୍ଯ୍ୟାଳୟକୁ ପଠାଇବାରେ ବ୍ୟସ୍ତ ରହୁଛନ୍ତି । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ସଂପର୍କରେ କୃଷକମାନେ ଜନସେବା କେନ୍ଦ୍ରରେ ପଞ୍ଜୀକରଣ କରି ସହାୟତା ରାଶି ନିମନ୍ତେ କୃଷି କାର୍ଯ୍ୟାଳୟକୁ ଯାଇ ଅଧିକାରୀଙ୍କ ଦେଖା ପାଉ ନଥିବା ନିର୍ଭରଯୋଗ୍ୟ ସୂତ୍ରରୁ ପ୍ରକାଶ । ୩୨ଟି ଗ୍ରା.ପ. ପାଇଁ ଚଳିତ ବର୍ଷାଋତୁ ପୂର୍ବରୁ ୧୮୦ ହେକ୍ଟର ଧନିଚା ଚାଷ ପାଇଁ ଖସଡ଼ା ପ୍ରସ୍ତୁତ ହୋଇଥିବା ବିଭାଗ ସୂତ୍ରରୁ ଜଣାପଡ଼ିଥିଲେ ମଧ୍ୟ ଅନେକ ଚାଷୀ ଉକ୍ତ ଯୋଜନାରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି ।

## ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନିମାପଡ଼ା, (ନି.ପ୍ର.): ସ୍ଥାନୀୟ ନିମାପଡ଼ା ମହାବିଦ୍ୟାଳୟ ରସାୟନ ବିଭାଗ ବରିଷ୍ଠ ପ୍ରାଧ୍ୟାପକ ଡ଼ଃ ପ୍ରଭାତ କୁମାର ପାଢ଼ୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ସୋମବାର ଦିନ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ଅମିତା ମହାନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଡ଼ଃ ରବୀନ୍ଦ୍ର ନାଥ ପାଢ଼ୀ, ଶିକ୍ଷା ବିଭାଗ ମୁଖ୍ୟ ସ୍ୱପ୍ନାରାଣୀ ମିଶ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଡ଼ଃ ପାଢ଼ୀଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ବକ୍ତବ୍ୟ ରଖି ଛାତ୍ରବତ୍ସଳ ଭାବେ ସେ ନିଜର ପରିଚୟ ସୃଷ୍ଟି କରିଥିଲେ । ଦୀର୍ଘଦିନ ଧରି ଏଠାରେ ରହି ତାଙ୍କର ଚାକିରୀ କାଳର ଅନୁଭୂତି ବର୍ଣ୍ଣନା କରି ଡ଼ଃ ପାଢ଼ୀ ଏହା ଚିର ସ୍ମରଣୀୟ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ ।

# ପୌର ଚିକିତ୍ସାଳୟର ଅବ୍ୟବସ୍ଥା ପ୍ରତିବାଦରେ ଧାରଣା



ଭୁବନେଶ୍ୱର : ପ୍ରଭୁ ଶ୍ରୀ ଲିଙ୍ଗରାଜ ପଛ ପାର୍ଶ୍ୱରେ ଥିବା ମହାନଗର ନିଗମର ପୌରଚିକିତ୍ସାଳରେ ବହୁ ଅବ୍ୟବସ୍ଥା ରହିଥିବା ପ୍ରତିବାଦରେ ସେବା ପ୍ରତିନିଧି ସଂଗଠନ ପକ୍ଷରୁ ଧାରଣା ଦିଆଯାଇଛି । ଏହି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ଏହି ଚିକିତ୍ସାଳରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି । ଫଳରେ ଆଖପାଖ ଅଞ୍ଚଳରେ ଆସୁଥିବା ଲୋକେ ଅନ୍ୟ ଡାକ୍ତରଖାନା ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛି । ଏକଦା ପୌର ଚିକିତ୍ସାଳୟର ଚିକିତ୍ସକ ଥିଲେ ଡକ୍ଟର ଗଦାଧର ମହାପାତ୍ର । ଚିକିତ୍ସାଳୟରେ ସୁନାମ ଉତ୍ତମ ଚିକିତ୍ସା ହେତୁ ଚାରିଆଡ଼େ ଏପରି ବ୍ୟାପିଥିଲା ଗଦାଧର ହସପିଟାଲ ଭାବରେ ସାଧାରଣ ଭାବରେ ଏହା ପରିଚିତ ଥିଲା । କିନ୍ତୁ ତଥ୍ୟ ଅନୁସାରେ ବର୍ତ୍ତମାନ ୧୨ ଜଣ ଡାକ୍ତର ଦୈନନ୍ଦିନ ୧୨୦୦-୧୫୦୦ ରୋଗୀ ସେବା କରୁଛନ୍ତି । ଦିନେ ଦୁଇଦିନ ଭିତରେ ଦୁଇ ଜଣ ଡାକ୍ତର ସ୍ଥାନାନ୍ତରିତ ହେବାର ସୂଚନା ଆସିଛି । ୨୦୨୭ ମସିହାରେ ଅଧାରୁ ଅଧିକ ଡାକ୍ତର ଅବସର ନେବେ । ଫଳରେ ପୌର ଚିକିତ୍ସାଳୟ ସେତେବେଳେ ବନ୍ଦ ହୋଇଯିବାର ଆଶଙ୍କା ରହିଛି । ଏହାର ପ୍ରତିକାର ନିମନ୍ତେ ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ୩୩ ତମ ଶାନ୍ତିପୂର୍ଣ୍ଣ ଧାରଣା ଚିକିତ୍ସାଳୟ ନିକଟରେ ଅନୁଷ୍ଠିତ ହୋଇଯାଇଅଛି । ବର୍ତ୍ତମାନ ଚିକିତ୍ସାଳୟରେ ମୁଖ୍ୟ ଚିକିତ୍ସକ ନାହାନ୍ତି । ଅନ୍ୟ ଚିକିତ୍ସାଳୟରେ ଖାଲିପଡିଥିବା ସ୍ଥାନରେ ୧୭ ଜଣ ମୁଖ୍ୟ ଚିକିତ୍ସକଙ୍କୁ ପଠାଯାଇଥିବା ବେଳେ ଏହି ପୌର ଚିକିତ୍ସାଳୟ ପ୍ରତି ଦୃଷ୍ଟି ଦିଆଯାଇନାହିଁ । ଚିକିତ୍ସାଳୟର ଉନ୍ନତି ପାଇଁ ବାଲିପାଟଣା ଚିକିତ୍ସାଳୟକୁ ୫ କୋଟି ଟଙ୍କା ଦିଆଯାଇଥିବା ବେଳେ ଉକ୍ତ ଚିକିତ୍ସାଳୟକୁ ଏକ କୋଟିରୁ କିଛି ଅଧିକ ଟଙ୍କା ଦିଆଯାଇଛି । ୧୪ ଗୋଟି ସି ସି କ୍ୟାମେରା ଚିକିତ୍ସାଳୟରେ ଥିଲେ ମଧ୍ୟ ତାହା ଠିକ୍ ରୂପେ କାର୍ଯ୍ୟ କରୁନାହିଁ । ନୂତନ ଓ ଅଧିକ ସି ସି କ୍ୟାମେରା ବିଭିନ୍ନ ସ୍ଥାନରେ ଲଗାଯିବା ସହିତ ଯିବା ଆସିବା ଯାନ ରଖୁଥିବା ସ୍ଥାନରେ ଲଗାଯାଉ । ଗୋଟିଏ ଓଳି ଚିକିତ୍ସାଳୟ ଚାଲିଥିବାରୁ ଅନ୍ୟ ସମୟରେ ନିଶା ଗ୍ରସ୍ତ ବ୍ୟକ୍ତି ଡାକ୍ତରଖାନା ପରିସରରେ ଚୋରି କରିବା ସହ ସେଠାରେ ନିଶା ଖାଉଥିବା ନେଇ ଅଭିଯୋଗ ଆସୁଛି । ଯେଉଁଠି ରକ୍ତ ନମୁନା ପରୀକ୍ଷା କରାଯାଉଅଛି ତା'ଆ ଭିତରେ ଏ ସି ଚାଲିଛି ଓ ଯେଉଁଠି ପରୀକ୍ଷା ନିରୀକ୍ଷା କରିବା ପାଇଁ ରୋଗୀ ବସିଛନ୍ତି । ସେଠାରେ ଏସିର ଗରମ ପବନ ଛଡାଯାଉଅଛି । ୧୫ ଜଣ ସିକ୍ୟୁରିଟି ଥିଲା ବେଳେ , ଗୋଟେରୁ ତିନିଟା ମଧ୍ୟରେ ସିକ୍ୟୁରିଟି ସହିତ କର୍ମଚାରୀ ଡ୍ରାଇଭର ରୁମରେ ଡ୍ୟୁଟି ସମୟରେ ଶୋଇବାରେ ଲାଗିଛନ୍ତି । ହୃଦୟରୋଗ ବିଭାଗ ରାସ୍ତାରେ କର୍ମଚାରୀମାନେ ଦୁଇ ଚକିଆ ଓ ଚାରି ଚକିଆ ପ୍ରଭୃତି ଗାଡି ରଖି ରାସ୍ତା ଅବରୋଧ କରୁଛନ୍ତି । କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ୩୩ ମାସ ହେବ ଧାରଣା ଦେଇ ଆସୁଛନ୍ତି । ଏହି ଧାରଣାରେ ଅଶୋକ କୁମାର ମହାରଣା, ଗିରିଜା ଶଙ୍କର ମହାପାତ୍ର, ପ୍ରଶାନ୍ତ କୁମାର ମହାନ୍ତି, ପୂର୍ଣ୍ଣ ଚନ୍ଦ୍ର ଖୁଣ୍ଟିଆ, ହୁଲାସ ମହାପାତ୍ର, ହୃଷୀକେଶ ବେହେରା, ନୟନୀ ବେହେରା, ବିପିନ ବିହାରୀ ରାଉତରାୟ, ପୀୟୂଷ ମହାନ୍ତି ଓ ବର୍ଣ୍ଣମାଳା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ନାବାଳିକାଙ୍କୁ ଗୋଡ଼ ହାତ ବାନ୍ଧି ଦୁଷ୍କର୍ମ ଅଭିଯୋଗ

ବ୍ରହ୍ମପୁର,(ନିପ୍ର): ସ୍କୁଲ ନିକଟରେ ୧୨ ବର୍ଷର ନାବାଳିକାଙ୍କ ଗୋଡ଼ ହାତ ବାନ୍ଧି ଦୁଷ୍କର୍ମ ଅଭିଯୋଗ ହୋଇଛି । ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅଞ୍ଚଳରେ ଏଭଳି ଲଜ୍ଜାଜନକ ଘଟଣା ଘଟିଛି । ନାବାଳିକାଙ୍କ ପରିବାର ଲୋକେ ଏନେଇ ଗୋଳନ୍ଥରା ଥାନାରେ ଅଭିଯୋଗ କରିଛନ୍ତି ।




ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ନାବାଳିକାଙ୍କ ଅଭିଯୋଗ ଅନୁଯାୟୀ, ସୋମବାର ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ନାବାଳିକା ସ୍କୁଲ ଯାଇଥିଲେ । ସ୍କୁଲ ନିକଟରେ ଥିବା ଏକ ଜାମୁ କୋଳି ଗଛରୁ କୋଳି ଖାଇବାକୁ ଯାଇଥିଲେ । ଏହି ସମୟରେ ନାବାଳିକାଙ୍କ ଗ୍ରାମର ଜଣେ ଯୁବକ ତାଙ୍କୁ ସ୍କୁଲ ଠାରୁ କିଛି ଦୂରକୁ ନେଇଯାଇଥିଲେ । ସେଠାରେ ନାବାଳିକାଙ୍କ ହାତ ଗୋଡ଼ ବାନ୍ଧି ଦୁଷ୍କର୍ମ କରିଥିଲେ । ଏନେଇ ନାବାଳିକା ଜଣଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ । ଏହାପରେ ପୀଡ଼ିତା ଓ ତାଙ୍କ ପରିବାର ଗୋଳନ୍ଥରା ଥାନାରେ ଆସି ଅଭିଯୋଗ କରିଛନ୍ତି । ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

ଏକ ମାସ ମଧ୍ୟରେ ଗୋଳନ୍ଥରା ଥାନା ଅଞ୍ଚଳରେ ଏହା ଦ୍ୱିତୀୟ ଘଟଣା । ଜୁନ ୩ ଓ ୪ ତାରିଖରେ ଉକ୍ତ ଥାନା ଅଞ୍ଚଳରେ ଦୁଇ ନାବାଳିକା ଭଉଣୀଙ୍କୁ ଦୁଇ ଦିନ ଧରି ବିଭିନ୍ନ ସ୍ଥାନରେ ଦୁଷ୍କର୍ମ ହୋଇଥିଲା । ଏବେ ପୁଣି ଏକ ଦୁଷ୍କର୍ମ ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଜିଲ୍ଲାରେ ନିୟମିତ ଦୁଷ୍କର୍ମ ମାମଲା ସାମ୍ନାକୁ ଆସୁଛି । ଯାହାକି ପୁଲିସ ଜିଲ୍ଲାରେ ଆଇନ ଶୃଙ୍ଖଳାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଛତ୍ରପୁରରେ ହେରା ପଞ୍ଚମୀ : ମହାପ୍ରଭୁଙ୍କ ନରସିଂହ ବେଶ ଦର୍ଶନ ଶ୍ରଦ୍ଧାଳୁ

ଛତ୍ରପୁର,(ନିପ୍ର): ଚାଲିଛି ପ୍ରଭୁ ଜଗନ୍ନାଥଙ୍କ ମାନବୀୟ ଲୀଳା । ରଥଯାତ୍ରା ଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ମହାପ୍ରଭୁ ଶ୍ରୀ ଜଗନ୍ନାଥ ମାଉସୀ ମା ମନ୍ଦିରରେ ବିଭିନ୍ନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ମଙ୍ଗଳବାର ହେରା ପଞ୍ଚମୀ ଥିବାରୁ ଗଞ୍ଜାମ ଜିଲ୍ଲା ଛତ୍ରପୁର ସହରର ବିଭିନ୍ନ ସ୍ଥାନରେ ଏହା ଧୁମଧାମ ସହକାରେ ପାଳିତ ହୋଇଛି । ଠାକୁରଙ୍କ ରୀତିନିତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ମହାପ୍ରଭୁଙ୍କ ନରସିଂହ ଅବତାର ଅନୁଷ୍ଠିତ ହୋଇଯାଇଛି । ପରମ୍ପରା ଅନୁଯାୟୀ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦେବୀ ମହାଲକ୍ଷ୍ମୀଙ୍କୁ ଏକ ସୁସଜ୍ଜିତ ବିମାନ ଯୋଗେ ଆଡପ ମଣ୍ଡପ ନିଆଯାଇଥିଲା । ସେଠାରେ ମା ମହାଲକ୍ଷ୍ମୀ ରାଗରେ ଜଗନ୍ନାଥଙ୍କ ରଥକୁ ଭାଙ୍ଗିଥିଲେ । ଘଣ୍ଟ , କାହାଳୀର ଶବ୍ଦରେ ସାରା ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା । ପୂର୍ବାହ୍ନରେ ଓଲିଉଡ ଜଗତର ସୁପରିଚିତ ହାସ୍ୟଭିନେତା ହରିହର ମହାପାତ୍ର ଛତ୍ରପୁର ମଝିବଜାର ସ୍ଥିତ ଆଡପ ମଣ୍ଡପରେ ପହଂଚି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ । ଏବଂ ଆଗାମୀ ଦିନରେ ତାଙ୍କ ଚଳଚିତ୍ର ଆଇ ଏମ କାଳିଆର ଲୋକ ପ୍ରିୟତା ଏବଂ ତାହା କିପରି ବେଶ ଲୋକାଦୃତ ହୋଇପାରିବ ସେଥିଲାଗି ଜଗନ୍ନାଥଙ୍କ ଆଶିଷ ଭିକ୍ଷା କରିଥିଲେ । ଏହା ସହ ଆଇ ଏମ କାଳିଆ ଚଳଚିତ୍ର ପ୍ରଭୁ ଜଗନ୍ନାଥଙ୍କୁ ନେଇ ହିଁ ତିଆରି କରାଯାଇଛି ଏଣୁ ଉକ୍ତ ଚଳଚିତ୍ରକୁ ଦେଖିବା ସହ ଭଲପାଇବା ଦେବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ । ମନ୍ଦିର କମିଟି ପକ୍ଷରୁ ତାଙ୍କୁ ବାଜା ବଜାଇ ସ୍ୱାଗତ କରାଯାଇଥିଲା । ମନ୍ଦିର ପରିଚାଳନା କମିଟିର ସଭାପତି ସୁଧିର କାନ୍ତ ରଥ, ଆଦିକନ୍ଦ ପାଣିଗ୍ରାହୀ, ରାମ ଚନ୍ଦ୍ର ପଟ୍ଟନାୟକ, ଭାଗବତ ପ୍ରସାଦ ମହାପାତ୍ର, କିଶୋର ଚନ୍ଦ୍ର ସେନାପତି, ଓମ ପ୍ରକାଶ ମହାପାତ୍ର, କାଠପାଦ ନୃତ୍ୟ ଶିଳ୍ପୀ ସମୀର କୁମାର ବେହେରା ଓ ଦିବାକର ବିଶୋୟୀ, ନରେଶ ସାହୁ, ରବି ରଥ, ମନ୍ଦିର ମୁଖ୍ୟ ପୂଜକ ରାଜେନ୍ଦ୍ର ଶତପଥି, କୃଷ୍ଣ ଚନ୍ଦ୍ର ସାହୁ, ଏନ. ପ୍ରଭାକର ରାଓ, ଆଇନଜିବୀ ତଥା କବି ପ୍ରଶାନ୍ତ କୁମାର ଶତପଥି ପ୍ରମୁଖ ଉପସ୍ଥିତ ଥିଲେ ।

## ଶନିଦେବଙ୍କ ମନ୍ଦିରରେ ଭକ୍ତଙ୍କ ସମାଗମ

ରେଢାଖୋଲ,(ନିପ୍ର) : ଶନିଙ୍କ କୃପା ଲାଭରୁ ସବୁକିଛି ପାଆନ୍ତି ଭକ୍ତ ଏଭଳି ବିଶ୍ୱାସ ରହିଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ବଡ଼ମାଲ ପଞ୍ଚାୟତ ଅନ୍ତର୍ଗତ ଖଇରଟାପ ଛକ ନିକଟରେ ଅବସ୍ଥିତ ଶନି ମନ୍ଦିର ଆଖପାଖ ଅଞ୍ଚଳରେ । ମନ୍ଦିର ଗତ ୨୦୨୪ରୁ ସ୍ଥାପିତ ହୋଇଛି । ତେଣୁ ପ୍ରତେକ ଶନିବାର ସଖାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଶନିଦେବଙ୍କୁ ପୂଜାର୍ଚ୍ଚନା କରିବା ସହ ବହୁ ଭକ୍ତ ମାନଙ୍କର ସମାଗମ ହୋଇ ଥାଏ ।




କୁହାଯାଉଛି ଯେ ବଡ଼ମାଳ ଗ୍ରାମର ବାବା ପ୍ରଶାନ୍ତଙ୍କୁ ମାଁ ଦକ୍ଷିଣକାଳି ଆବିର୍ଭାବ ହୋଇ ଶନିମନ୍ଦିର ସ୍ଥାପନ କରିବାକୁ ଆଦେଶ ଦେଇଥିଲେ । ସେହି ପରିପେକ୍ଷୀରେ ମାଁ ଦକ୍ଷିଣ କାଳିଙ୍କୁ ଆଶୀର୍ବାଦ ମାଗି ପ୍ରଶାନ୍ତ ବାବା ଅଞ୍ଚଳବାସୀଙ୍କ ସହାୟତା ନେଇ ଏହି ଶନି ମନ୍ଦିର ନିର୍ମାଣଧୀନ କରିଥିବା ବେଳେ ମନ୍ଦିରଟି ପ୍ରଶାନ୍ତ ବାବା ସମେତ ଅଞ୍ଚଳବାସୀଙ୍କ ସହାୟତାରେ ପ୍ରତିଷ୍ଠିତ । ଶନିଦେବଙ୍କ ପାଖରେ ପ୍ରଭୁ ପଞ୍ଚମୁଖି ହନୁମାନ ଓ ମାଁ ବନଦୁର୍ଗା ରହିଥିବା ବେଳେ ଏହି ମନ୍ଦିରରେ ପୂଜକ ସିଲୁ ଦେହୁରୀ ଓ ଶ୍ରୀତମ ଦେହୁରୀ ପ୍ରତି ଶନିବାର ପୂଜାର୍ଚ୍ଚନା କରିଥାନ୍ତି ।

## କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ନେଇ ବିଧାୟକଙ୍କ ପ୍ରସ୍ତୁତି

ଦାମନଯୋଡି,(ନିପ୍ର): ଆସନ୍ତା ୫ ତାରିଖରେ କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦାମନଯୋଡି ଗସ୍ତ କାର୍ଯ୍ୟକ୍ରମକୁ ନେଇ କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ବିଜେପି ଜିଲ୍ଲା ସମ୍ପାଦକ ଚୈତନ୍ୟ ହନ୍ତାଳ କାର୍ଯକ୍ରମ ପରିଚାଳନା କରିଥଲେ । କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ, ରାଷ୍ଟ୍ରଦୀପ ପ୍ରସାର ସମିତି ସମ୍ପାଦକ ଜଳେନ୍ଦ୍ର ତ୍ରିପାଠୀ, ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ନନ୍ଦିବାଲି ଚୈତନ୍ୟ, ଭାରତୀୟ ମଜଦୂର ସଂଘର କର୍ମକର୍ତ୍ତା, ବିଭିନ୍ନ ମଣ୍ଡଳର ମଣ୍ଡଳ ସଭାପତି, ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ସମେତ ସ୍ଥାନୀୟ କାର୍ଯ୍ୟକର୍ତ୍ତାମାନଙ୍କ ଉପସ୍ଥିତିରେ ଆଲୋଚନା କରି କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ ପ୍ରସ୍ତୁତ କରାଯିବା ସହ ବିଭିନ୍ନ କାର୍ଯ୍ୟ ପାଇଁ ଦାୟିତ୍ୱ ବଣ୍ଟନ କରଯାଇଥିଲା । ପ୍ରକାଶ ଥାଉ କି, କେନ୍ଦ୍ରମନ୍ତ୍ରୀ ଦାମନଯୋଡିରେ କିଛି ସମୟ ରହି ସୁନାବେଡ଼ା ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଆସିବେ ।

## ସଂସ୍କୃତି ଶିକ୍ଷକ ପାଇଲେ ପୂର୍ଣ୍ଣାଙ୍ଗ ପେନସନ ସଂକ୍ରାନ୍ତ କାଗଜପତ୍ର

କେନ୍ଦୁଝର,(ନିପ୍ର): ସୋମବାର କେନ୍ଦୁଝର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜିଲ୍ଲା ଶିକ୍ଷା ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ବିଭାଗୀୟ ଅଧିକାରୀ, ପ୍ରତିଷ୍ଠାନ ଅଧିକାରୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ତେଲକୋଇ ବ୍ଲକ ଅଧୀନସ୍ଥ ଛାମୁଣ୍ଡା ଜି.ପି. ହାଇସ୍କୁଲର ସଂସ୍କୃତ ଶିକ୍ଷକ ସୁରେନ୍ଦ୍ର ନାଥ ସାହୁଙ୍କୁ ଅବସର ଦିନ ପୂର୍ଣ୍ଣାଙ୍ଗ ପେନସନ ସଂକ୍ରାନ୍ତୀୟ ସମସ୍ତ କାଗଜପତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ଜିଲ୍ଲା ଶିକ୍ଷାଧିକାରୀ ଅବସରପ୍ରାପ୍ତ ଶିକ୍ଷକଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ଭବିଷ୍ୟତ ଜୀବନ ସୁଖ, ଶାନ୍ତିରେ କଟିବା ନିମନ୍ତେ କାମନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ହେରା ପଞ୍ଚମୀ ବିଧାନ ଦର୍ଶନ ପାଇଁ ବିପୁଳ ଜନସମାଗମ

# ଶ୍ରୀଜଗନ୍ନାଥଙ୍କ ନୃସିଂହ ଅବତାର



ହିଞ୍ଜିଳିକାଟୁ, (ନିପ୍ର): ରଥଯାତ୍ରାର ପଞ୍ଚମ ଦିବସରେ ଆଜି ହେରା ପଞ୍ଚମୀର ନାଟକୀୟ ବିଧାନ ଦର୍ଶନ ପାଇଁ ସ୍ଥାନୀୟ ଆଡପ ମଣ୍ଡପ ପରିସରରେ ବିପୁଳ ଜନସମାଗମ ହୋଇଥିଲା । ଶ୍ରୀଜଗନ୍ନାଥ ମହାପ୍ରଭୁ , ଅଗ୍ରଜ ଭ୍ରାତା ବଳଭଦ୍ର ଓ ଭଗ୍ନି ଦେବୀ ସୁଭଦ୍ରାଙ୍କ ସହ ସ୍ୱତନ୍ତ୍ର ବେଶରେ ସଜ୍ଜିତ ହୋଇଥିଲେ । ମଙ୍ଗଳବାର ଦିନ ଦୁର୍ଲଭ ନୃସିଂହ ବେଶ ସାଙ୍ଗକୁ ସପ୍ତ ଆଳତି ଓ ୧୦୮ ଆଳତି ଦର୍ଶନ ପାଇଁ ପ୍ରବଳ ଭିଡ଼ ହୋଇଥିଲା । ଶ୍ରୀଜଗନ୍ନାଥ ସଂସ୍କୃତି ଓ ରୀତିନୀତି ଅନୁସାରେ ପାବନ ଶ୍ରୀକ୍ଷେତ୍ର ଶ୍ରୀମନ୍ଦିରରେ ଅବସ୍ଥାନ କରୁଥିବା ମାତା ଲକ୍ଷ୍ମୀ ରାତି ଆଠଟା ବେଳକୁ ଷଡ଼ଚକ୍ର ଯାନ ରଥାରୂଢ ହୋଇ ବିଭିନ୍ନ ବାଦ୍ୟ ବାଜଣା ଓ ପଟୁଆରରେ ଆଡ଼ପ ମଣ୍ଡପକୁ ଆସିଥିଲେ । ସେଠାରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇବା ପରେ ଟେରାବାଡ଼ ଦ୍ୱାରା ଦେବଶ୍ରୁର ବଳଭଦ୍ରଙ୍କୁ ଆଢୁଆଳରେ ରହି ମହାପ୍ରଭୁଙ୍କ ସହ ବଚନିକା ମାଧ୍ୟମରେ ଝଗଡ଼ା କରିଥିଲେ ।

## ସିଏମସି ପକ୍ଷରୁ ବନ ମହୋତ୍ସବର ଶୁଭାରମ୍ଭ

କଟକ,(ନିପ୍ର): କଟକ ମହାନଗର ନିଗମ ପକ୍ଷରୁ ମଙ୍ଗଳବାର ୨୦୨୫ ବନ ମହୋତ୍ସବର ଶୁଭାରମ୍ଭ ହୋଇଯାଇଛି । ଏହି ବନମହୋତ୍ସବ ୧ମାସ ଧରି ଅନୁଷ୍ଠିତ ହେବ । ସିଏମସି ପକ୍ଷରୁ ଆଜି ମହାନଦୀକୂଳ କଟକ ଇନ କଟକ ଠାରେ ୨୦୨୫ ବର୍ଷ ପାଇଁ ବନ ମହୋତ୍ସବ ଆରମ୍ଭ ହୋଇଛି । ସେଠାରେ ବ୍ୟାପକ ବୃକ୍ଷରୋପଣ କରାଯାଇଛି । ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପରିବେଶର ସୁରକ୍ଷା ପାଇଁ ବ୍ୟାପକ ବୃକ୍ଷ ରୋପଣ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ ।

## ଗୋପ ବ୍ଲକ ଉପାଧ୍ୟକ୍ଷାଙ୍କ ହୃଦଘାତରେ ଦେହାନ୍ତ

କୋଣାର୍କ,(ନି: ପ୍ର),କୋଣାର୍କ ଥାନା ଅଧିନସ୍ଥ ସିମିଳି ଗ୍ରାମପଞ୍ଚାୟତର ଅନସରା ଗ୍ରାମର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ତଥା ଗୋପ ବ୍ଲକର ପୂର୍ବତନ ଉପାଧ୍ୟକ୍ଷା ସଞ୍ଜୁଲତା ସେଠଙ୍କ ୬୫ ବର୍ଷ ବୟସରେ ହୃଦଘାତରେ ଦେହାନ୍ତ ହୋଇଯାଇଛି ।ଖବରରୁ ପ୍ରକାଶ ଯେ, ସ୍ୱର୍ଗତା ସଞ୍ଜୁଲତା ସେଠ ଗତ ୨୦୦୨ ମସିହା ଠାରୁ ୨୦୦୭ ମସିହା ପର୍ଯ୍ୟନ୍ତ ୧୪ନଂ ଜିଲ୍ଲା ପରିଷଦ ଜୋନରେ ଜିଲ୍ଲା ପରିଷଦ ସଭ୍ୟା ଭାବେ ନିର୍ବାଚିତ ହୋଇ ବହୁ ଜନକଲ୍ୟାଣ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ ।

## ଅଙ୍ଗନବାଡ଼ି କେନ୍ଦ୍ରରେ ଲେଖାଯାଉନାହିଁ 'କାନ୍ଥ କହେ କାହାଣୀ' !




ଭାପୁର, (ନିପ୍ର): ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରର ବାହାର ପାର୍ଶ୍ୱରେ ବିଜେଡି ସରକାରଙ୍କ ସମୟରୁ 'କାନ୍ଥ କହେ କାହାଣୀ' ଏକ ସ୍ୱାସ୍ଥ୍ୟ ସୂଚନା ଫଳକ ଲେଖା ଯାଇଥାଏ । ଯେଉଁଥିରେ ସେ ଅଙ୍ଗନବାଡ଼ି ଅଞ୍ଚଳର ସମସ୍ତ ସ୍ୱାସ୍ଥ୍ୟ ଭିତ୍ତିକ ସୂଚନା ପ୍ରଦାନ କରାଯାଇଥାଏ । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏବଂ ଗ୍ରାମବାସୀଙ୍କର ଜାଣିବା ପାଇଁ ଏହି ସୂଚନା ପ୍ରଦାନ କରାଯାଇଥାଏ । କିନ୍ତୁ, ନୟାଗଡ ଜିଲ୍ଲା ଭାପୁର ବ୍ଲକରେ ଅବସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ମାନଙ୍କରେ ଏହି ସୂଚନା ଆଉ ଦେଖିବାକୁ ମିଳୁନାହିଁ । ଉଲ୍ଲେଖଯୋଗ୍ୟ, ଏହି କାର୍ଯ୍ୟ ଗାଁ କଲ୍ୟାଣ ସମିତିର ହୋଇଥିବାବେଳେ କରୋନା ପର ଠାରୁ ଗାଁ କଲ୍ୟାଣ ସମିତି ସ୍ଥାଣୁ ପାଲଟି ଯାଇଛି । ଫଳରେ, ଆଶାକର୍ମୀ ମାନଙ୍କର ଦାୟିତ୍ୱବୋଧ କମିଯାଇଥିବାରୁ ସେମାନେ ଗ୍ରାମ ମାନଙ୍କରେ ଆଉ କୌଣସି ସ୍ୱାସ୍ଥ୍ୟ ଭିତ୍ତିକ ସୂଚନା ଦେଉନଥିବା ଜଣାପଡିଛି । ଅଙ୍ଗନବାଡ଼ି କେନ୍ଦ୍ର ବାହାର ବାରଣ୍ଡାରେ ଅବସ୍ଥିତ କାନ୍ଥ କହେ କାହାଣୀ ଫଳକରେ ଆଶାକର୍ମୀ ମାନେ ନିୟମିତ ସେହି ଗାଁର ସ୍ୱାସ୍ଥ୍ୟ ସମ୍ପର୍କିତ ବିବରଣୀ ପ୍ରଦାନ କରିବା କଥା କିନ୍ତୁ, ବିଭାଗୀୟ ଅଧିକାରୀ ମାନଙ୍କର ଯାଞ୍ଚ ହେଉ ନ ଥିବାରୁ ତାହା ଧୀରେଧୀରେ ବନ୍ଦ ହେବାକୁ ବସିଲାଣି । ଗାଁରେ ଅବସ୍ଥିତ ଅପପୁଷ୍ଟି ଶିଶୁଙ୍କ ସଂଖ୍ୟା, ଋତୁ ଅନୁଯାୟୀ ବିଭିନ୍ନ ରୋଗର ଲକ୍ଷଣ, ପ୍ରତିକାର ଓ ସଚେତନତା, ବିଭିନ୍ନ ଟୀକା ପ୍ରଦାନର ତାରିଖ ଓ ସମୟ ଏବଂ ଗ୍ରାମ ର ସମସ୍ତ ସ୍ୱାସ୍ଥ୍ୟ ଭିତ୍ତିକ କାର୍ଯ୍ୟକ୍ରମ ଏହି କାନ୍ଥରେ ଲେଖା ଯାଇଥାଏ । କିନ୍ତୁ, ସ୍ୱାସ୍ଥ୍ୟ ଅଧିକାରୀଙ୍କ ତଦନ୍ତ ହେଉ ନ ଥିବାରୁ ବର୍ତ୍ତମାନ ଏହି ଅନୁଶାସନ କୌଣସି ଆଶାକର୍ମୀ ପାଳନ କରୁ ନ ଥିବା ଅଭିଯୋଗ ହୋଇଛି ଫଳରେ, ଗ୍ରାମବାସୀ କୌଣସି ସ୍ୱାସ୍ଥ୍ୟ ଭିତ୍ତିକ ସୂଚନା ପାଉ ନ ଥିବା ଅଭିଯୋଗ କରିଛନ୍ତି ।

## ପୁରୀ ଦଳା ଚକଟା ଘଟଣା

# ମୃତକଙ୍କ ପରିବାରକୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା




ବାଲିପାଟଣା (ନିପ୍ର): ଚଳିତବର୍ଷ ଶ୍ରୀଗୁଣ୍ଡିଚା ରଥଯାତ୍ରା ସମୟରେ ଦଳାଚକଟାରେ ମୃତ୍ୟୁବରଣ କରିଥିବା ରାଜଧାନୀ ଉପକଣ୍ଠ ଅଠାନ୍ତର ମହାନ୍ତି ସାହିର ପ୍ରଭାତୀ ଦାସଙ୍କ ପରିବାରକୁ ଭେଟି ସାନ୍ତ୍ୱନା ଦେବା ସହିତ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିବା ୨୫ ଲକ୍ଷ୍ୟ ଟଙ୍କାର ଅନୁକମ୍ପା ମୂଳକ ଅର୍ଥରାଶିର ଚେକ ପ୍ରଦାନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ପରିବାର ସଦସ୍ୟଙ୍କ ସହିତ କଥାହେବା ସହିତ ଏପରି ଅଘଟଣ ଘଟିବା ଏବଂ ଏଥିରେ ପ୍ରଭାତୀଙ୍କ ମୃତ୍ୟୁ ପାଇଁ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ସହିତ ପ୍ରଭାତୀଙ୍କ ପରିବାରକୁ ସମସ୍ତ ପ୍ରକାର ସହଯୋଗ କରାଯିବାକୁ କହିଥିଲେ । ପ୍ରଭାତୀ ପରିଡାଙ୍କ ଏହି ଗ୍ରସ୍ତ ସମୟରେ ଉପଜିଲ୍ଲାପାଳ ମନୋରଞ୍ଜନ ସାହୁ ତହସିଲଦାର କଳ୍ପନା ଦାସ ପୂର୍ବତନ ଜୟଦେବ ବିଧାୟକ ଅରବିନ୍ଦ ଢ଼ାଲି ବସନ୍ତ ନାୟକ ପ୍ରଭୃତି ଉପସ୍ଥିତ ଥିଲେ ।

## ସ୍ୱାଧୀନ କୁମାର ଦାଶଙ୍କୁ ଡକ୍ଟରେଟ ଉପାଧି



ଭୁବନେଶ୍ୱର,(ନିପ୍ର): ଭୁବନେଶ୍ୱର ଠାରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ସମାଜର ବିଭିନ୍ନ ବିଭାଗରେ ଉତ୍କର୍ଷତା ଲାଭ କରିଥିବା ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ମାନ ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ କବି ସ୍ୱାଧୀନ କୁମାର ଦାଶଙ୍କୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି । ଏହି ଅବସରରେ ଅତିଥି ଭାବେ ଆମେରିକାର ଡଃ ଇଗନ୍ନିଶ ହେନେରିକ୍, ଡଃ ଗିରୀଶ ଲାଲ୍ୱାନି ଓ ଡଃ ନିରଞ୍ଜନା ମୁଖାର୍ଜୀ ଯୋଗଦାନ କରିଥିଲେ । ସ୍ୱାଧୀନ ଦାଶ ବହୁ ପୁସ୍ତକ, ସ୍ତମ୍ଭ ଓ କବିତା ରଚନା କରି ବିଭିନ୍ନ ସଙ୍ଗଠନରୁ ପୁରସ୍କାର ଲାଭ କରିଛନ୍ତି ।

ତିଥି : (ସପ୍ତମୀ) : (ଉତ୍ତରାଫାଃ ସିଂହ)
ଅମୃତବେଳା: ଦିବା ଘ୭।୪୯ ଗତେ ଘ ୧୧।୧୭ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେ ପର୍ଯ୍ୟନ୍ତ ନିଜ ଉପରେ ବିଶ୍ୱାସ ନାହିଁ,ସେ ପର୍ଯ୍ୟନ୍ତ ଈଶ୍ୱର ବିଶ୍ୱାସ ଆସିପାରିବ ନାହିଁ।- ବିବେକାନନ୍ଦ

# ଶାସନତନ୍ତ୍ରରେ ବିଶୃଙ୍ଖଳା !

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଫିସରେ କାର୍ଯ୍ୟରତ ଥିବା ଜଣେ ଅତିରିକ୍ତ କମିଶନରଙ୍କୁ କିଛି ବ୍ୟକ୍ତି ଘୋଷାଡ଼ି ନେଲେ ତାଙ୍କ ତଳେ ପକାଇ ମୁହଁକୁ, ପିଠିକୁ, ଗୋଇଠା ମାରିଲେ। ଏ ସଂକ୍ରାନ୍ତ ଭିଡିଓ ପ୍ରସାରିତ ହେବା ପରେ କେବଳ ଆଞ୍ଚଳିକ ନୁହେଁ ଜାତୀୟ ଗଣମାଧ୍ୟମରେ ମଧ୍ୟ ପ୍ରସାରିତ ହୋଇଛି। ନିଶ୍ଚିତ ରୂପେ ଜାତୀୟ ଗଣମାଧ୍ୟମରେ ଯେଉଁମାନେ ସେହି ଦୃଶ୍ୟକୁ ଦେଖିଥିଲେ ତାହାଦ୍ୱାରା ଓଡ଼ିଶାର ପ୍ରଶାସନିକ ଭାବମୂର୍ତ୍ତି ପ୍ରତି ଆଞ୍ଚ ଆସିଛି ବୋଲି ବୁଝାଯିବ ନାହିଁ କି ? ଏହା ମଧ୍ୟ ବର୍ତ୍ତମାନର ତଥାକଥିତ ଆଧୁନିକ ସମାଜରେ ମାନବିକତା ହଜିଯାଉଥିବା ସଂକ୍ରାନ୍ତରେ ସାମାଜିକ ଅଧୋଗତିର ଅଭାବନୀୟ ଚିତ୍ର ତୋଳି ଧରିଛି। ମୋହନ ସରକାର ଘଟଣା ନେଇ ତ୍ୱରିତ ପଦକ୍ଷେପ ନେଲେ। ଏ ବାବଦରେ ଏଯାବତ୍ ତିନି ଜଣ ଗିରଫ ହେଲେ। ଅନ୍ୟ ସଂପୃକ୍ତମାନଙ୍କୁ ଗିରଫ ଲାଗି ପୋଲିସର ଅନୁସନ୍ଧାନ ଜାରି ରହିଛି। ଏ ସବୁ ସ୍ଥିତି ବେଳେ ଗଣମାଧ୍ୟମରେ ପ୍ରସାରିତ ଖବର ମୁତାବକ ଯାହା ସାମ୍ନାକୁ ଆସିଛି ସେଥିରେ ସଂପୃକ୍ତ ଅଧିକାରୀଙ୍କ ଅନ୍ୟ ପ୍ରତି ଉଚିତ ବ୍ୟବହାର ଅଭାବ ଓ ଧମକଚମକ କଥା ଆସିବା ଫଳରେ ଯେକୌଣସି ଅଧିକାରୀଙ୍କ ଆଚରଣଗତ ବ୍ୟବହାର ସଂପର୍କରେ ସଚେତ ହେବାର ନିତାନ୍ତ ଆବଶ୍ୟକତା ରହିଛି ବୋଲି କୁହାଯାଇପାରେ। ଅବଶ୍ୟ ବାସ୍ତବ ପକ୍ଷେ କ'ଣ ତାହା ତଦନ୍ତ ବିସ୍ତାରିତ ଭାବେ ହେଲେ ଜଣାପଡ଼ିବ। କିନ୍ତୁ ଏ କଥା ସତ ଯେ ରାଜ୍ୟରେ ବିଭିନ୍ନ ସମୟରେ ଅଧିକାରୀଙ୍କ ଉପରକୁ ଆକ୍ରମଣ ଏପରିକି କର୍ମଚାରୀଙ୍କ ହତ୍ୟା ଘଟଣା ବିମର୍ଷକର ସ୍ଥିତି ପ୍ରତିଫଳିତ କରେ। ମେ ୨୪ରେ ଢେଙ୍କାନାଳରେ ଜଣେ ଫରେଷ୍ଟ ଗାର୍ଡକୁ ହତ୍ୟା କରାଗଲା। ଜୁନ ପହିଲାରୁ କପ୍ତିପଦାର ଅତିରିକ୍ତ ତହସିଲଦାର ବାଲି ମାଫିଆମାନେ ନିଷ୍ଠୁର ପିଟିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେଲା। ଜୁନ ୧୦ରେ ବାଲେଶ୍ୱର ରେମୁଣାରେ ଖଣି ଅଧିକାରୀଙ୍କୁ ନିର୍ଘାତ ମାଡ଼ ମରାଗଲା। ଜୁନ ୧୩ରେ ଜଳେଶ୍ୱରରେ ଓ ଜୁନ ୨୬ରେ କୁଳିଅଣା ଅଧିକାରୀଙ୍କୁ ମାଡ଼ ମରାଯିବା ଘଟଣା ପଛରେ ଅସାମାଜିକ ତତ୍ତ୍ୱମାନେ ଦାୟୀ ଏଥିରେ ସନ୍ଦେହ ନାହିଁ। ଦିନକୁ ଦିନ ସରକାରୀ ଅଧିକାରୀଙ୍କ ସୁରକ୍ଷା ପ୍ରତି ଦିନ ଦ୍ୱିପ୍ରହରରେ ଯେଉଁ ବିପଦ ଆସି ପହଞ୍ଚିଲାଣି ସେମାନଙ୍କୁ ସୁରକ୍ଷା ଦେବା ପାଇଁ ବ୍ୟାପକ ପୋଲିସର ବାହିନୀର ଆବଶ୍ୟକତା ପଡୁଛି। ଏ ପ୍ରକାର ଅନୁଭୂତ ହେଲାଣି। ସରକାରୀ ଅଧିକାରୀମାନେ ଜନସାଧାରଣଙ୍କ ସେବା ନିଷ୍ଠାପର ତଥା ସାଧୁତାର ସଂପନ୍ନ କରିବା ପାଇଁ ଅଛନ୍ତି। ସରକାରୀ ଅନୁଶାସନର ଅନୁପାଳନ କରି ଜନସାଧାରଣଙ୍କୁ ଉପକୃତ କରାଇବା ଆବଶ୍ୟକ। କୌଣସି ସ୍ତରରେ ସାମାନ୍ୟତମ ବିଷ ବ୍ୟବସ୍ଥାକୁ ସୁଦ୍ଧା ପ୍ରଦୂଷିତ କରିବାକୁ ପଛାଏନାହିଁ। ଏହି ନ୍ୟାୟରେ ସଚ୍ଚୋଟ ତଥା କର୍ମନିଷ୍ଠ ସରକାରୀ ଅଧିକାରୀଙ୍କ ଆବଶ୍ୟକତା ମୋଦିଙ୍କ ସବ୍‌କା ସାଥ୍ ସବ୍‌କା ବିଶ୍ୱାସ ଧାରା ପାଇଁ ନିତାନ୍ତ ଆବଶ୍ୟକ। ତେବେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅହିଂସା ଓ ହିଂସାଚରଣ ମଧ୍ୟରେ ପ୍ରଭେଦ ସର୍ବଦା ରହିଆସିଛି। ଅନୁଶାସନ ଭାଙ୍ଗିବାକୁ ଯେଉଁମାନେ ଅପସାହସ ଜୁଟାଉଛନ୍ତି ସେମାନଙ୍କର ଆଇନ ପ୍ରତି ଭୟ ନାହିଁ। ବରଂ ବେପରୁଆ ମନୋଭାବ ଅଛି ବୋଲି ହିଂସାଚରଣ କରିବାକୁ ପଛାଉନାହାନ୍ତି। ତାହା ମଧ୍ୟରେ କୌଣସି ପ୍ରକାର ରାଜନୈତିକ ବିଦ୍ୱେଷ ଅବା ନିଶାଣ ରହିବା ଅନୁଚିତ। ଯଦି କେଉଁଠାରେ ଏପରି ରହୁଥାଏ ତାହା ଦୂର କରିବା ଲାଗି ଉପରିସ୍ଥ ଅଧିକାରୀମାନେ ସତର୍କ ତଥା ଦୂରଦର୍ଶୀ ରହିବାର ଯଥେଷ୍ଟ ଆବଶ୍ୟକତା ରହିଛି।

ଏକ ସୁସ୍ଥ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ସମ୍ମାନ ଦ୍ୱାରା ସାଧାରଣ ଜନତା ସୁରକ୍ଷିତ ରୁହନ୍ତି। ପ୍ରଶାସନ ଉପରେ ଆସ୍ଥା ଓ ଭରସା ରଖନ୍ତି। ମାତ୍ର ବ୍ୟବସ୍ଥାରେ ଯେବେ ଅଧୋଗତି ଯେଉଁଠି ଘଟେ ତାହା ବାର ବରଷର ତପସ୍ୟା ଉଜୁଡ଼ିଯିବା ଭଳି ହୁଏ। ବିଏମ୍‌ସିରେ ଅତିରିକ୍ତ କମିସନରଙ୍କୁ ଆକ୍ରମଣ ଘଟଣାରେ ପ୍ରଶ୍ନ ଉଠୁଛି ଏହା ପଛରେ ମାଷ୍ଟର ମାଇଣ୍ଡଙ୍କ ହାତ ରହିଛି କି ? ଯଦି ରହିଥାଏ ତେବେ ଏବେ ଠାରୁ ଯଦି ଦୃଷ୍ଟି ଦିଆନଯାଏ ଆଗକୁ ଅନୁଶାସନଗତ ବିଶୃଙ୍ଖଳା ଏକାଧିକବାର ଉପୁଜିବାର ଆଶଙ୍କା ବରାବର ହୋଇରହିବ। ସାଧାରଣ ଜନତା ସର୍ବୋପରି ସୁନିଶ୍ଚିତ ହେବା ଲୋଡ଼ା ଯେ ଶାସନତନ୍ତ୍ର ଠିକ୍ ଚାଲିଛି। ଏନେଇ ଜନତାଙ୍କ ମଧ୍ୟରେ ଭରସା ଦୃଢ ଭାବରେ ରହିବା ଦରକାର। ଶାସନତନ୍ତ୍ରର ଲଗାମରେ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ବ୍ୟତିରେକ ଏହା ଆଗକୁ ବଢ଼ିବା ମୁସ୍କିଲ, ଏକଥା ହେଜିବାକୁ ହେବ।

# ନୟନ ପଥଗାମୀ ଡାକେ ଭକତ...

**ଇନ୍ଦୁ ଭୂଷଣ ଭୂୟାଁ**

ନୀଳ ସରଗ ମୁଣ୍ଡ ଉପରେ। ନୀଳ ସମୁଦ୍ରର ନୀଳ ଲହରୀ ନିକାଞ୍ଚନ ବେଳା ଭୂମିରେ ମୁଣ୍ଡ ପିଟୁଥିଲା। ସେତେବେଳେ ଏବର ପୁରୀ ସହର ନ ଥିଲା, ଲୋକ ବସତି ଏତେ ନିବିଡ଼ ନ ଥିଲା। ସମୁଦ୍ର କୂଳରେ ଏକ ପାହାଡ଼, ବଣଘେରା ପାହାଡ଼ ଓ ପାହାଡ଼ ଚାରିପଟେ କଣ୍ଟେଇ କୋଳି, ବୁଦାଭଇଞ୍ଚ ଜଙ୍ଗଲ। ଏହି ବଣ ଓ ପାହାଡ଼ କୋଳରେ କେତୋଟି ନୂଆଁଣିଆ କୁଡ଼ିଆ ଶବରମାନଙ୍କର। ଏହି ବଣରେ ନିଘଞ୍ଚ କଣ୍ଟାବୁଦା ମଧ୍ୟରେ ବଡ଼ ବଡ଼ ବର, ଅଶ୍ୱତଥ, ତାଳ, ପଣସ ଓ ବାଜାଆମ୍ବ ଗଛ ମଧ୍ୟ ଥିଲା। ଝଙ୍କାଳିଆ ବରଗଛ ଓ ତେନ୍ତୁଳି ଗଛରେ ହଳଦୀବସନ୍ତ, ବଣି, ଶୁଆ, କପୋତ ପକ୍ଷୀମାନେ ନିର୍ଭୟରେ ରହୁଥିଲେ। ସନ୍ଧ୍ୟା ସମୟରେ ପକ୍ଷୀ କାକଳିରେ ଏହି ନିଘଞ୍ଚ ଜଙ୍ଗଲ ଭୂମି ପ୍ରକମ୍ପିତ ହେଉଥିଲା। ବାଲିବନ୍ତ ମଧ୍ୟରେ ଶବରମାନଙ୍କର କେତେଟା କୁଡ଼ିଆ ମୁଣ୍ଡ ଟେକିଥିଲା। ବେଳାଭୂମି ନିର୍ଜନ ଓ ଏହି ବଣ ଜଙ୍ଗଲରେ ଶବରମାନେ ଫଳମୂଳ ଖାଇ ଜୀବନ ଧାରଣ କରୁଥିଲେ। ପୁରୀ ସହର, ବଡ଼ଦେଉଳ, ବଡ଼ଦାଣ୍ଡ କିଛି ନଥିଲା।

ସେହି ଅତୀତ ଯୁଗର କାହାଣୀ କୁହାଯାଉଛି, ସେତେବେଳେ ନୀଳକନ୍ଦରରେ ଶବରରାଜା ବସୁ ଏକ ଦେବତା ପୂଜା କରୁଥିଲା। ତାଙ୍କ ନାଁ କୁଆଡ଼େ 'ବିଶ୍ୱାବସୁ'। ବିଶ୍ୱାସ ହୁଏନାହିଁ, ହୁଏତ ବସୁ ବା ବସୁଆ ବା ବିଶିଆ। ସେ ଏକ ଠାକୁର ପୂଜା କରୁଥିଲା ଗଛର କୋହ୍ଲିରେ କିମ୍ବା ପାହାଡ଼ ଗୁମ୍ଫାରେ। ସେ ଯାଏ ଜଙ୍ଗଲକୁ ଯାହା କିଛି କନ୍ଦମୂଳ ଫଳ ପାଏ, ତାହା ଆଗ ଠାକୁରଙ୍କୁ ଭୋଗ ଦେଉଥିଲା। ସେ ଠାକୁର ତାର ବଡ଼ ଠାକୁର, ମାତ୍ର ବଡ଼ ଦେଉଳ ସେ ଗଢ଼ିପାରି ନଥିଲା। କିମ୍ବଦନ୍ତୀରେ ଶ୍ରୀଜଗନ୍ନାଥ : ଲୋକମୁଖର କାହାଣୀ ନାଁ କିମ୍ବଦନ୍ତୀ। ଶ୍ରୀଜଗନ୍ନାଥଙ୍କୁ ଶବର ଦେବତା କୁହାଯାଇଥାଏ। ଆର୍ଯ୍ୟ ପୂର୍ବ ଭାରତରେ ଗଛପୂଜା ଥିଲା। ଏବେ ବି ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରେ ଗଛପୂଜା ଦେଖାଯାଏ। ଗଛପୂଜାରୁ ଦାରୁବ୍ରହ୍ମ କଥାଟି ଆସିଛି। ଶ୍ରୀଜଗନ୍ନାଥେ ଦାରୁବ୍ରହ୍ମ। ଏ ସମ୍ପର୍କରେ ପ୍ରଥମ ଲୋକ କଥା ବା କିମ୍ବଦନ୍ତୀ ହେଲା ଯେ ନୀଳକନ୍ଦରରେ ନୀଳମାଧବ ରୂପରେ ଶ୍ରୀଜଗନ୍ନାଥ ଶବର ରାଜା ବିଶ୍ୱାବସୁଙ୍କ ଦ୍ୱାରା ପୂଜା ପାଉଥିଲେ। ପୁରୁଷୋତ୍ତମ କ୍ଷେତ୍ରରେ ଏହି ନୀଳକନ୍ଦର ବିଦ୍ୟମାନ ଥିଲା ବୋଲି ମଧ୍ୟ ଉତ୍କଳଖଣ୍ଡରେ ବର୍ଣ୍ଣିତ। ଉତ୍କଳ ଖଣ୍ଡ ସ୍କନ୍ଦ ପୁରାଣ ଏହା ଅନ୍ତର୍ଗତ।

ଏହି ହେଲା ପୁରୁଷୋତ୍ତମ ଶ୍ରୀକ୍ଷେତ୍ରର ମହିମା। ଶ୍ରୀଜଗନ୍ନାଥଙ୍କ ସେବକମାନଙ୍କ ସମ୍ପର୍କରେ ସେହି ପଦ୍ୟରେ କୁହାଯାଇଛି – 'ଶବରର ଘରେ ଯେଉଁ ପୁତ୍ର ହେବ ଜାତ, ଦଇତ ସେବକ ହେବେ ବୋଲେ ଜଗନ୍ନାଥ। ଯେଉଁ ବ୍ରାହ୍ମଣ ତୋହର ଦୂତ ପଣେ ଗଲା, ନୀଳ ଯେ ମାଧବ ରୂପ ଭେଟ ସେ ପାଇଲା। ସେ ବ୍ରାହ୍ମଣ ଘରେ ଯେଉଁ ପୁତ୍ର ହେବ ଜାତ, ପ୍ରକୃତ ସେବକ ସେ ବୋଇଲେ ଜଗନ୍ନାଥ। ବିଦ୍ୟାପତି ବ୍ରାହ୍ମଣ ଯେ ଦୂତ ପଣେ ଗଲା, ଶବର ଝିଅଙ୍କୁ ସେ ଯେ ପ୍ରଦାନ ହୋଇଲା। ଶବରୁଣୀ ଠାରୁ ଯେଉଁ ପୁତ୍ର ହେବ ଜାତ, ଶୁଦ୍ଧ ଶୁଆର ସେ ହେବ ବୋଲେ ଜଗନ୍ନାଥ।' ସ୍ମରଣାତୀତ କାଳରୁ ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଆବିର୍ଭୂତ ହୋଇଛନ୍ତି। ଏହି ପରମ ପାବନ କ୍ଷେତ୍ର ଯେ ପୃଥିବୀର ଏକ ପ୍ରାଚୀନ ଧର୍ମପୀଠ ଏହା ବିନା ଦ୍ୱିଧାରେ କୁହାଯାଇପାରେ। କିନ୍ତୁ ଏହି କ୍ଷେତ୍ରର ଅଧିଷ୍ଠାତା ଦେବତା ଶ୍ରୀଜଗନ୍ନାଥଙ୍କର ଇତିବୃତ୍ତ ଅଦ୍ୟାବଧି ରହସ୍ୟାବୃତ୍ତ ହୋଇ ରହି ଆସିଛି। ବିଭିନ୍ନ ପୁରାଣ, କିମ୍ବଦନ୍ତୀ ଓ ଇତିହାସ ସେ ରହସ୍ୟ ଭେଦ କରି ପାରିନାହାନ୍ତି।

କଥାରେ କୁହାଯାଇଛି, ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ରହସ୍ୟ ଦେବଗଣଙ୍କୁ ମଧ୍ୟ ଆଗୋଚର ସାଧାରଣ ମାନବ ପକ୍ଷେ ସେ ରହସ୍ୟ ଭେଦ କରିବା ଅସମ୍ଭବ। ଶ୍ରୀଜଗନ୍ନାଥ ବେଦବର୍ଣ୍ଣିତ ବିରାଟ ପୁରୁଷଙ୍କ ପ୍ରତୀକ ବିଗ୍ରହ। ସେ ଦୁର୍ବୋଧ୍ୟ, ଉପନିଷଦ ଦର୍ଶନର ମୂର୍ତ୍ତିମନ୍ତ ବିଗ୍ରହ। ପୁରୀର ନାମ ହୁଏତ ଦିନେ ଥିଲା ପୁରୁଷୋତ୍ତମ ପୁରୀ ଓ ଜଗନ୍ନାଥ ପୁରୀ। ନାମ ସଂକ୍ଷିପ୍ତୀକରଣ ପ୍ରକ୍ରିୟାରେ ହୋଇଗଲା ପୁରୀ। ଏହାର ଅନ୍ୟାନ୍ୟ କେତୋଟି ନାମ ହେଲା ଶ୍ରୀକ୍ଷେତ୍ର, ନୀଳାଚଳ କ୍ଷେତ୍ର, ନୀଳାଚଳ ଧାମ, ଶଙ୍ଖକ୍ଷେତ୍ର, ପୁରୁଷୋତ୍ତମ କ୍ଷେତ୍ର, ପୁରୁଷୋତ୍ତମ ଧାମ, ନୀଳାଦ୍ରି।

# ଜେନେରିକ୍ ଔଷଧ ବିଷୟରେ ମିଥ୍ୟା ବିବୃତି !

**ଅସିତ ମହାନ୍ତି**

**"ଜେନେରିକ୍ସ ବନାମ ଜେନେରିକ୍ସର ମୂଲ୍ୟ ଲାଭ ବ୍ରାଣ୍ଡ :କମ୍ ମୂଲ୍ୟ ପଏଣ୍ଟ: ଜେନେରିକ୍ସ ସାଧାରଣତଃ ଯଥେଷ୍ଟ କମ୍ ମୂଲ୍ୟରେ ବିକ୍ରି ହୁଏ, ପ୍ରାୟତଃ ସେମାନଙ୍କର ବ୍ରାଣ୍ଡ-ନାମ ପ୍ରତିପକ୍ଷ ଅପେକ୍ଷା ୩୦% ରୁ ୮୦% ଶସ୍ତା । ଏହାର କାରଣ ହେଉଛି ଜେନେରିକ୍ ପାଇଁ ମୂଲ୍ୟବାନ ଗବେଷଣା ଏବଂ ବିକାଶର ଆବଶ୍ୟକତା ନାହିଁ ଯାହା ବ୍ରାଣ୍ଡ-ନାମ ଔଷଧ କରିଥାଏ, କାରଣ ସେଗୁଡ଼ିକ ପୂର୍ବରୁ ଅନୁମୋଦିତ ଔଷଧର ନକଲ । ବିପଣନ ଖର୍ଚ୍ଚ ହ୍ରାସ: ଜେନେରିକ୍ ଉତ୍ପାଦନକାରୀମାନେ ବିପଣନ ଏବଂ ବିଜ୍ଞାପନରେ କମ୍ ଖର୍ଚ୍ଚ କରନ୍ତି, ବ୍ରାଣ୍ଡ-ନାମ ଔଷଧ କମ୍ପାନୀଗୁଡ଼ିକ ତୁଳନାରେ ଯେଉଁମାନେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ଗ୍ରାହକଙ୍କ ପାଇଁ ସେମାନଙ୍କ ଉତ୍ପାଦକୁ ପ୍ରୋତ୍ସାହିତ କରିବାରେ ଅତ୍ୟଧିକ ବିନିଯୋଗ କରନ୍ତି। ରୋଗୀ ଏବଂ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ପାଇଁ ବ୍ୟୟବହୁଳ : କମ୍ ମୂଲ୍ୟ ଔଷଧକୁ ଅଧିକ ସୁଲଭ କରିଥାଏ, ବିଶେଷ କରି ସ୍ୱଳ୍ପ ଆୟ କ୍ଷେତ୍ରରେ। ଏହା ରୋଗୀ, ବୀମା କମ୍ପାନୀ ଏବଂ ସରକାରୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଉପରେ ଆର୍ଥିକ ବୋଝ ହ୍ରାସ କରିଥାଏ।**

ବ୍ରାଣ୍ଡେଡ ଔଷଧ ତୁଳନାରେ ସରକାର ପ୍ରଦାନ କରୁଥିବା ଜେନେରିକ୍ ଔଷଧ ନିମ୍ନ ଗୁଣବତ୍ତା କିମ୍ବା କମ୍ ପ୍ରଭାବଶାଳୀ ବୋଲି ଦାବି କରି ମିଥ୍ୟା ବିବୃତି କିମ୍ବା ଭୁଲ ଧାରଣା ପ୍ରାୟତଃ ପ୍ରସାରିତ ହୁଏ । ଏହିପରି ଭୁଲ ସୂଚନା ରୋଗୀମାନଙ୍କ ମଧ୍ୟରେ ଅନାବଶ୍ୟକ ଭୟ ଏବଂ ଦ୍ୱିଧା ସୃଷ୍ଟି କରିପାରେ, ଯଦିଓ ଉଭୟ ପ୍ରକାରର ଔଷଧରେ ସମାନ ସକ୍ରିୟ ଉପାଦାନ ଥାଏ ଏବଂ କଠୋର ନିୟାମକ ମାନକ ଅଧୀନରେ । ବାସ୍ତବରେ, ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ଔଷଧ ସମେତ ଜେନେରିକ୍ ଔଷଧ ସମାନ ଭାବେ ନିରାପଦ, ପ୍ରଭାବଶାଳୀ ଏବଂ ସମାନ ଗୁଣବତ୍ତା ସମ୍ପନ୍ନ ବୋଲି ପ୍ରମାଣିତ ହୋଇଛି। ମୁଖ୍ୟ ପାର୍ଥକ୍ୟ ହେଉଛି ମୂଲ୍ୟ - ଜେନେରିକ୍ ସାଧାରଣତଃ ଅଧିକ ସୁଲଭ କାରଣ ସେମାନେ ଗବେଷଣା, ମାର୍କେଟିଂ ଏବଂ ବ୍ରାଣ୍ଡିଂ ସହିତ ଜଡିତ ଉଚ୍ଚ ମୂଲ୍ୟ ବହନ କରନ୍ତି ନାହିଁ । ସରକାର ଏବଂ ନିୟାମକ ସଂସ୍ଥା ସୁନିଶ୍ଚିତ କରନ୍ତି ଯେ ସମସ୍ତ ଔଷଧ, ଜେନେରିକ୍ ହେଉ କିମ୍ବା ବ୍ରାଣ୍ଡେଡ, କଠୋର ସୁରକ୍ଷା ଏବଂ ପ୍ରଭାବଶୀଳତା ମାନକ ପୂରଣ କରୁଛି। ଜେନେରିକ୍ ବିଷୟରେ ମିଥ୍ୟା ସୂଚନା ବିସ୍ତାର କରିବା ଜନସାଧାରଣଙ୍କ ବିଶ୍ୱାସକୁ ଦୁର୍ବଳ କରିଥାଏ ଏବଂ ଲୋକଙ୍କୁ ସୁଲଭ ମୂଲ୍ୟର ଔଷଧ ପାଇବାରେ ବାଧା ଦେଇପାରେ ଯାହା ବ୍ରାଣ୍ଡେଡ ସଂସ୍କରଣ ପରି ବିଶ୍ୱସନୀୟ ।

ଜେନେରିକ୍ ଔଷଧ ହେଉଛି ଏକ ପ୍ରକାରର ଔଷଧ ଯେଉଁଥିରେ ଏକ ବ୍ରାଣ୍ଡ୍-ନାମ ଔଷଧ ଭଳି ସମାନ ସକ୍ରିୟ ଉପାଦାନ ଥାଏ କିନ୍ତୁ ସାଧାରଣତଃ କମ୍ ମୂଲ୍ୟରେ ବିକ୍ରି ହୁଏ । ଏହା ସମାନ ଅବସ୍ଥାର ଚିକିତ୍ସା ପାଇଁ ବ୍ୟବହୃତ ହୁଏ ଏବଂ ମୂଳ ବ୍ରାଣ୍ଡେଡ ଔଷଧ ପରି ସମାନ ଥେରାପିଉଟିକ୍ ଲାଭ ପ୍ରଦାନ କରେ । ଏହା ନିମ୍ନ ବିଷୟରେ କୌଣସି ସାଲିସ କରିନଥାଏ - ସମାନ ସକ୍ରିୟ ଉପାଦାନ: ଔଷଧୀୟ ପ୍ରଭାବ ପାଇଁ ଦାୟୀ ମୂଳ ପଦାର୍ଥ। ସମାନ ମାତ୍ରା ଏବଂ ସାମର୍ଥ୍ୟ : ଏହା ମୂଳ ଔଷଧର ମାତ୍ରା ସହିତ ମେଳ ଖାଉଛି। ସମାନ ରୂପ: ତାହା ଟାବଲେଟ୍, କ୍ୟାପସୁଲ, ଇଞ୍ଜେକ୍ସନ୍ ଇତ୍ୟାଦି ହେଉ। ସମାନ ସୁରକ୍ଷା ଏବଂ କାର୍ଯ୍ୟକାରିତା: ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ଏହାର କଠୋର ପରୀକ୍ଷଣ ଏବଂ ନିୟନ୍ତ୍ରଣ କରାଯାଇଥାଏ।

**ଜେନେରିକ୍ ଔଷଧ କିପରି ତିଆରି ହୁଏ ? :** ଗବେଷଣା ଏବଂ ବିକାଶଃ ବ୍ରାଣ୍ଡ-ନାମ ଔଷଧ ତୁଳନାରେ, ଜେନେରିକ୍ ବ୍ୟାପକ ନୂତନ ଗବେଷଣା ଦେଇ ଯାଆନ୍ତି ନାହିଁ। ଏହା ପରିବର୍ତ୍ତେ, ସେମାନେ ମୂଳ ଔଷଧର ତଥ୍ୟ ଉପରେ ନିର୍ଭର କରନ୍ତି, ଯାହା କିଛି ବର୍ଷ ପାଇଁ ସୁରକ୍ଷିତ । ଫର୍ମୁଲେସନ୍: ଉତ୍ପାଦନକାରୀମାନେ ସମାନ ସକ୍ରିୟ ଉପାଦାନ ଏବଂ ସମାନ ଏକ୍ସାଇପିଏଣ୍ଟ (ନିଷ୍କ୍ରିୟ ପଦାର୍ଥ) ବ୍ୟବହାର କରି ମୂଳ ଔଷଧର ଘନିଷ୍ଠ ନକଲ କରିବା ପାଇଁ କଠୋର ନିର୍ଦ୍ଦେଶାବଳୀ ଅନୁସରଣ କରି ଔଷଧ ସୃଷ୍ଟି କରନ୍ତି । ଉତ୍ପାଦନ ପ୍ରକ୍ରିୟା : ସକ୍ରିୟ ଉପାଦାନକୁ ସଂଶ୍ଳେଷିତ କିମ୍ବା ବାହାର କରାଯାଇଥାଏ। ଏହା ପରେ ଏକ୍ସାଇପିଏଣ୍ଟସ୍-ଫିଲର୍, ବାଇଣ୍ଡର୍ ଏବଂ ଷ୍ଟେବିଲାଇଜର ପରି ପଦାର୍ଥ ସହିତ ମିଳିତ ହୁଏ । ମିଶ୍ରଣକୁ ଅନ୍ତିମ ରୂପରେ ପ୍ରକ୍ରିୟାକରଣ କରାଯାଏ; ଟାବଲେଟ୍, କ୍ୟାପସୁଲ, ଇଞ୍ଜେକ୍ସନ୍ ଇତ୍ୟାଦି। **ଗୁଣବତ୍ତା ନିୟନ୍ତ୍ରଣ:** ପ୍ରସ୍ତୁତ ଉତ୍ପାଦ ଶକ୍ତି, ଶୁଦ୍ଧତା ଏବଂ ସୁରକ୍ଷା ପାଇଁ ନିୟାମକ ମାନକ ପୂରଣ କରୁଛି ବୋଲି ସୁନିଶ୍ଚିତ କରିବା ପାଇଁ କଠୋର ପରୀକ୍ଷଣ ଦେଇ ଗତି କରିଥାଏ। **ନିୟାମକ ଅନୁମୋଦନ:** ନିର୍ମାତା ଅନୁମୋଦନ ପାଇଁ ନିୟାମକ କର୍ତ୍ତୃପକ୍ଷଙ୍କୁ ତଥ୍ୟ ଦାଖଲ କରନ୍ତି, ଯାହା ପ୍ରମାଣ କରେ ଯେ ଜେନେରିକ୍ ମୂଳ ଔଷଧ (ଜୈବ ସମାନତା) ସହିତ ସମାନ । **ବଜାର ପ୍ରକାଶନ :** ଥରେ ଅନୁମୋଦିତ ହେବା ପରେ, ଜେନେରିକ୍ ଔଷଧ ଏକ ବଡ଼ ସ୍ତରରେ ଉତ୍ପାଦିତ ହୋଇପାରିବ ଏବଂ ଏକ ଭିନ୍ନ ବ୍ରାଣ୍ଡ ନାମ ସହିତ କିମ୍ବା 'ଜେନେରିକ୍' ଭାବରେ ବଜାରରେ ବିକ୍ରି ହୋଇପାରିବ ।

ସଂକ୍ଷେପରେ, ଜେନେରିକ୍ ଔଷଧଗୁଡିକ ସେମାନଙ୍କର ଉପାଦାନ ଏବଂ ପ୍ରଭାବ ଦୃଷ୍ଟିରୁ ବ୍ରାଣ୍ଡେଡ ଔଷଧ ସହିତ ସମାନ, କିନ୍ତୁ ମୂଳ ଔଷଧ ପାଇଁ ପେଟେଣ୍ଟ ସୁରକ୍ଷା ଅବଧି ସମାପ୍ତ ହେବା ପରେ ସେଗୁଡିକ ବିଭିନ୍ନ କମ୍ପାନୀ ଦ୍ୱାରା ଉତ୍ପାଦିତ ହୁଏ । ସେମାନଙ୍କର ଉତ୍ପାଦନରେ ସୁରକ୍ଷା ଏବଂ ପ୍ରଭାବଶୀଳତା ସୁନିଶ୍ଚିତ କରିବା ପାଇଁ କଠୋର ନିୟାମକ ମାନକ ଅଧୀନରେ ପ୍ରତିକୃତି ଅନ୍ତର୍ଭୁକ୍ତ । ସରକାର ଯୋଗାଇ ଦେଉଥିବା ଜେନେରିକ୍ ଔଷଧ ସାଧାରଣ ଜେନେରିକ୍ ଔଷଧ ଭଳି। ଉଭୟରେ ସମାନ ସକ୍ରିୟ ଉପାଦାନ, ମାତ୍ରା, ଫର୍ମ ଥାଏ, ଏବଂ ସେମାନଙ୍କର ବ୍ରାଣ୍ଡ-ନାମ ପ୍ରତିପକ୍ଷଙ୍କ ପରି ସମାନ ଭାବରେ ଦିଆଯାଏ । ପ୍ରାଥମିକ ପାର୍ଥକ୍ୟ ହେଉଛି ବ୍ରାଣ୍ଡିଂ କିମ୍ବା ଉତ୍ସରେ, ସରକାରୀ ଜେନେରିକ୍ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଯୋଗାଇ ଦିଆଯାଉଛି । କମ୍ ବିପଣନ ଏବଂ ଗବେଷଣା ଖର୍ଚ୍ଚ ହେତୁ ଜେନେରିକ୍, ସାଧାରଣତଃ ବ୍ରାଣ୍ଡ-ନାମ ଔଷଧ ତୁଳନାରେ ବହୁତ କମ୍ ମହଙ୍ଗା । ସେମାନେ ସମାନ ଥେରାପିଉଟିକ୍ ପ୍ରଭାବ ଏବଂ ସୁରକ୍ଷା ପ୍ରୋଫାଇଲ୍ ପ୍ରଦାନ କରନ୍ତି ଯେପରି ସେମାନଙ୍କର ବ୍ରାଣ୍ଡ-ନାମ ସମକକ୍ଷ। ତେଣୁ, ସରକାରୀ ଯୋଗାଣ ଏବଂ ଅନ୍ୟାନ୍ୟ ଜେନେରିକ୍ ଔଷଧ ମଧ୍ୟରେ କାର୍ଯ୍ୟକାରିତା କିମ୍ବା ଗୁଣବତ୍ତା ଦୃଷ୍ଟିରୁ କୌଣସି ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ନାହିଁ। ଜେନେରିକ୍ ବନାମ ବ୍ରାଣ୍ଡ-ନାମ ଔଷଧର ମୂଲ୍ୟ ଲାଭ ଗୁରୁତ୍ୱପୂର୍ଣ୍ଣ ଏବଂ ମୁଖ୍ୟତଃ ବିକାଶ, ବିପଣନ ଏବଂ ଉତ୍ପାଦନ ଖର୍ଚ୍ଚରେ ପାର୍ଥକ୍ୟରୁ ଉତ୍ପନ୍ନ ହୁଏ ।

ଏଠାରେ ଏକ ବିସ୍ତୃତ ତୁଳନା ଦିଆଯାଇଛି - ଜେନେରିକ୍ସ ବନାମ ଜେନେରିକ୍ସର ମୂଲ୍ୟ ଲାଭ ବ୍ରାଣ୍ଡ :କମ୍ ମୂଲ୍ୟ ପଏଣ୍ଟ: ଜେନେରିକ୍ସ ସାଧାରଣତଃ ଯଥେଷ୍ଟ କମ୍ ମୂଲ୍ୟରେ ବିକ୍ରି ହୁଏ, ପ୍ରାୟତଃ ସେମାନଙ୍କର ବ୍ରାଣ୍ଡ-ନାମ ପ୍ରତିପକ୍ଷ ଅପେକ୍ଷା ୩୦% ରୁ ୮୦% ଶସ୍ତା । ଏହାର କାରଣ ହେଉଛି ଜେନେରିକ୍ ପାଇଁ ମୂଲ୍ୟବାନ ଗବେଷଣା ଏବଂ ବିକାଶର ଆବଶ୍ୟକତା ନାହିଁ ଯାହା ବ୍ରାଣ୍ଡ-ନାମ ଔଷଧ କରିଥାଏ, କାରଣ ସେଗୁଡ଼ିକ ପୂର୍ବରୁ ଅନୁମୋଦିତ ଔଷଧର ନକଲ ।

**ବିପଣନ ଖର୍ଚ୍ଚ ହ୍ରାସ:** ଜେନେରିକ୍ ଉତ୍ପାଦନକାରୀମାନେ ବିପଣନ ଏବଂ ବିଜ୍ଞାପନରେ କମ୍ ଖର୍ଚ୍ଚ କରନ୍ତି, ବ୍ରାଣ୍ଡ-ନାମ ଔଷଧ କମ୍ପାନୀଗୁଡ଼ିକ ତୁଳନାରେ ଯେଉଁମାନେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ଗ୍ରାହକଙ୍କ ପାଇଁ ସେମାନଙ୍କ ଉତ୍ପାଦକୁ ପ୍ରୋତ୍ସାହିତ କରିବାରେ ଅତ୍ୟଧିକ ବିନିଯୋଗ କରନ୍ତି।

**ରୋଗୀ ଏବଂ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ପାଇଁ ବ୍ୟୟବହୁଳ :** କମ୍ ମୂଲ୍ୟ ଔଷଧକୁ ଅଧିକ ସୁଲଭ କରିଥାଏ, ବିଶେଷ କରି ସ୍ୱଳ୍ପ ଆୟ କ୍ଷେତ୍ରରେ। ଏହା ରୋଗୀ, ବୀମା କମ୍ପାନୀ ଏବଂ ସରକାରୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଉପରେ ଆର୍ଥିକ ବୋଝ ହ୍ରାସ କରିଥାଏ। ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରିଥାଏ: ଜେନେରିକ୍‌ର ଉପଲବ୍ଧତା ଫାର୍ମାସିଉଟିକାଲ୍ ବଜାରରେ ପ୍ରତିଦ୍ୱନ୍ଦ୍ୱିତାକୁ ପ୍ରୋତ୍ସାହିତ କରେ, ମୂଲ୍ୟକୁ ଆହୁରି ହ୍ରାସ କରେ ଏବଂ ପ୍ରବେଶ ବୃଦ୍ଧି କରେ । ସମାନ କାର୍ଯ୍ୟକାରିତା ଏବଂ ସୁରକ୍ଷା: କମ୍ ମୂଲ୍ୟ ସତ୍ତ୍ୱେ, ଜେନେରିକ୍ ବ୍ରାଣ୍ଡ-ନାମ ଔଷଧ ଭଳି ସମାନ ଗୁଣବତ୍ତା, ଶକ୍ତି ଏବଂ ମାତ୍ରା ମାନକ ପୂରଣ କରିଥାଏ, ଯାହା ଏଫ. ଡି. ଏ. ଭଳି ନିୟାମକ ସଂସ୍ଥା କିମ୍ବା ବିଶ୍ୱବ୍ୟାପୀ ସମାନ ସଂସ୍ଥା ଦ୍ୱାରା ସମର୍ଥିତ। ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ଔଷଧ ସମେତ ଜେନେରିକ୍ ଔଷଧରେ, ସକ୍ରିୟ ଉପାଦାନ ବ୍ରାଣ୍ଡ-ନାମ ଔଷଧ ଭଳି ସମାନ, କିନ୍ତୁ ବେଳେବେଳେ ଔଷଧୀୟ ଉପାଦାନ ଭିନ୍ନ ହୋଇପାରେ । ଏହି ପାର୍ଥକ୍ୟ ଗୁଡ଼ିକ ସାଧାରଣତଃ ସର୍ବନିମ୍ନ କିନ୍ତୁ ଏଥିରେ ଫିଲର୍, ବାଇଣ୍ଡର୍, ପ୍ରିଜର୍ଭେଟିଭ୍, ରଙ୍ଗ ଏଜେଣ୍ଟ୍ ଏବଂ ବିଚ୍ଛିନ୍ନକାରୀ ଅନ୍ତର୍ଭୁକ୍ତ ହୋଇପାରେ । କିଛି ପାର୍ଥକ୍ୟ ଅଛି କି? ନିୟାମକ ମାନକ : ଜେନେରିକ୍ସ ସୁରକ୍ଷା, ପ୍ରଭାବଶୀଳତା ଏବଂ ଗୁଣବତ୍ତା ପାଇଁ କଠୋର ନିୟାମକ ମାନକ ପୂରଣ କରିବା ଆବଶ୍ୟକ, ଯେଉଁଥିରେ ଏକ୍ସାଇପିଏଣ୍ଟସ୍ (ଔଷଧୀୟ ଉପାଦାନ) ଅନ୍ତର୍ଭୁକ୍ତ । ଏଫ୍‌ଡିଏ(ୟୁଏସ୍ ଫୁଡ୍) ଡ୍ରଗ ଆଡମିନିଷ୍ଟ୍ରେସନ୍) ଭଳି ନିୟାମକ ସଂସ୍ଥା କିମ୍ବା ଅନ୍ୟ ଦେଶର ସମତୁଲ୍ୟ ସଂସ୍ଥା ଜେନେରିକ୍ ଔଷଧରେ ବ୍ୟବହୃତ ଏକ୍ସାଇପିଏଣ୍ଟ (ଔଷଧୀୟ ଉପାଦାନ) ଉପରେ ନଜର ରଖନ୍ତି ଏବଂ ଅନୁମୋଦନ କରନ୍ତି। ସମ୍ଭାବ୍ୟ ପ୍ରଭାବ : ବିରଳ କ୍ଷେତ୍ରରେ, କିଛି ବ୍ୟକ୍ତି ନିର୍ଦ୍ଦିଷ୍ଟ ଏକ୍ସାଇପିଏଣ୍ଟ ପ୍ରତି ସମ୍ବେଦନଶୀଳ କିମ୍ବା ଆଲର୍ଜି ହୋଇପାରନ୍ତି ଯାହା ବ୍ରାଣ୍ଡେଡ ଔଷଧରୁ ଭିନ୍ନ । କାର୍ଯ୍ୟକାରିତା: ସାଧାରଣତଃ, ବ୍ୟବହୃତ ଏକ୍ସାଇପିଏଣ୍ଟସ୍ ଔଷଧର ଥେରାପିଉଟିକ୍ କାର୍ଯ୍ୟକୁ ପ୍ରଭାବିତ କରେ ନାହିଁ, କିନ୍ତୁ ସେମାନେ ଔଷଧର ସ୍ଥିରତା, ସ୍ୱାଦ କିମ୍ବା ଅବଶୋଷଣ ପରି କାରକମାନଙ୍କୁ ପ୍ରଭାବିତ କରିପାରିବେ ।

ସର୍ବମୋଟ କହିବାକୁ ଗଲେ, ସରକାର ଯୋଗାଇ ଦେଉଥିବା ଜେନେରିକ୍ ଔଷଧ ସାଧାରଣ ଜେନେରିକ୍ ଔଷଧ ଭଳି। କମ୍ ବିପଣନ ଏବଂ ଗବେଷଣା ଖର୍ଚ୍ଚ ହେତୁ ଜେନେରିକ୍, ସାଧାରଣତଃ ବ୍ରାଣ୍ଡ-ନାମ ଔଷଧ ତୁଳନାରେ ବହୁତ କମ୍ ମହଙ୍ଗା । ସେମାନେ ସମାନ ଥେରାପିଉଟିକ୍ ପ୍ରଭାବ ଏବଂ ସୁରକ୍ଷା ପ୍ରୋଫାଇଲ୍ ପ୍ରଦାନ କରନ୍ତି ଯେପରି ସେମାନଙ୍କର ବ୍ରାଣ୍ଡ-ନାମ ସମକକ୍ଷ। ତେଣୁ, ସରକାରୀ ଯୋଗାଣ ଏବଂ ଅନ୍ୟାନ୍ୟ ଜେନେରିକ୍ ଔଷଧ ମଧ୍ୟରେ କାର୍ଯ୍ୟକାରିତା କିମ୍ବା ଗୁଣବତ୍ତା ଦୃଷ୍ଟିରୁ କୌଣସି ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ନାହିଁ।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

# ଦେଶରେ ଶିକ୍ଷାର ସ୍ଥିତି

**ସୌଭାଗ୍ୟ ରଂଜନ ମହାନ୍ତି**

**"କହିବା ବାହୁଲ୍ୟ ଯେ, ଏହି କ୍ଷେତ୍ରଗୁଡିକରେ ସଫଳତା ନେଇ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡିକ ମଧ୍ୟରେ କେରଳ ମଧ୍ୟମ ସ୍ତରରେ ରହିବାକୁ ସକ୍ଷମ ହୋଇଛି। ର୍ୟାଙ୍କିର ସବା ତଳ ସ୍ତରରେ ପାଞ୍ଚଟି ରାଜ୍ୟ ତଥା ମେଘାଳୟ, ଅରୁଣାଚଳ ପ୍ରଦେଶ, ମିଜୋରାମ, ନାଗାଲାଣ୍ଡ ଏବଂ ବିହାର ରହିଥିବାବେଳେ ର୍ୟାଙ୍କିର ଉପର ତଥା ଉଚ୍ଚ ସ୍ତରରେ ଚଣ୍ଡିଗଡ, ପଞ୍ଜାବ, ଦିଲ୍ଲୀ, ଗୁଜରାଟ ଓ ଓଡିଶା ରହିଛି। ଓଡ଼ିଶା ସମାନତା କ୍ଷେତ୍ରରେ ଜାତି, ଲିଙ୍ଗ ଓ ଆଂଚଳିକ କ୍ଷେତ୍ରରେ ଥିବା ତାରତମ୍ୟକୁ ହ୍ରାସ କରିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। କିନ୍ତୁ ଶିକ୍ଷା ଫଳାଫଳ କ୍ଷେତ୍ରରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ଗୁରୁତର ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିବା କୁହାଯାଇଛି।**

ଏଥିରେ ଦ୍ୱିଧା ନାହିଁ ଯେ, ଦେଶରେ ସରକାରୀ ବିଦ୍ୟାଳୟଗୁଡିକର ପାଠପଢା ପରିବେଶ ଅତ୍ୟନ୍ତ ଚିନ୍ତାଜନକ । ସରକାରୀ ବିଦ୍ୟାଳୟରେ କେଉଁଠି ଗୋଟିଏ କକ୍ଷରେ ୩ଟି ଶ୍ରେଣୀ ଚାଲିଛି ତ କେଉଁଠି ପିଲା ନାହାନ୍ତି। ଶିକ୍ଷକ ଅଭାବ ସରକାରୀ ବିଦ୍ୟାଳୟଗୁଡିକରେ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଥିବାବେଳେ ଅଷ୍ଟମ ଶ୍ରେଣୀ ପିଲା ତୃତୀୟ ଶ୍ରେଣୀ ଗଣିତ କରିପାରୁନାହାନ୍ତି। ନିକଟରେ ଜାତିସଂଘ ଓ ଅସର ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହି ଚିନ୍ତାଜନକ ତଥ୍ୟ ପ୍ରକାଶ ପାଇଥିଲା।

ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଶିକ୍ଷାର ବିକାଶ ଲାଗି କେନ୍ଦ୍ର ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରଣୟନ କରିଛନ୍ତି। ଜାତୀୟ ଶିକ୍ଷାନୀତିରେ ଥିବା ତ୍ରିଭାଷୀ ପ୍ରସଙ୍ଗକୁ ନେଇ ଏବେ କେତେକ ରାଜ୍ୟରେ ବିରୋଧ ମୁଣ୍ଡ ଟେକିଛି। ଏହା ସତ୍ତ୍ୱେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ୨.୦ ଗ୍ରେଡିଂ ଢାଞ୍ଚା ଏବେ ଶିକ୍ଷାର ବିକାଶ ନେଇ କେତେକ ସୁଖଦ ଖବର ଆଣିଛି। ୨୦୧୭-୧୮ ରୁ ୨୦୨୨-୨୩ ମଧ୍ୟରେ ଉଚ୍ଚ ର୍ୟାଙ୍କି ଏବଂ ନିମ୍ନ ର୍ୟାଙ୍କିରେ ଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ସରକାରୀ ବିଦ୍ୟାଳୟଗୁଡିକର ସଫଳତା ନେଇଥିବା ତାରତମ୍ୟ ୫୧ ପ୍ରତିଶତରୁ ୪୨ପ୍ରତିଶତକୁ ହ୍ରାସ ପାଇଛି। ଏହା ନିଃସନ୍ଦେହ ଯେ, ଏହା ଏକ ଆଖିଦୃଶିଆ ସଫଳତା ବୋଲି କୁହାଯାଇପାରେ। କିନ୍ତୁ ଦୁର୍ଭାଗ୍ୟର କାରଣ ଏହା ଯେ, କୌଣସି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଂଚଳ କୌଣସି ଟପ୍ ଗ୍ରେଡ ଦକ୍ଷ, ଉତ୍କର୍ଷ, ଉତ୍ତମ ଓ ଅତି ଉତ୍ତମ ହାସଲ କରିପାରନାହାନ୍ତି। ସେମାନେ 'ପ୍ରଚେଷ୍ଟା' ଏବଂ 'ଆକାଂକ୍ଷା' ସ୍ତରରେ ରହିଯାଇଛନ୍ତି। ଏପରିକି କେନ୍ଦ୍ରଶାସିତ ଅଂଚଳ ଚଣ୍ଡିଗଡ, ଯେ କି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ମଧ୍ୟରେ ୧୦୦୦ରୁ ସର୍ବାଧିକ ସ୍କୋର କରିଥିବା ସତ୍ତ୍ୱେ ଏବେ କେବଳ ପ୍ରଚେଷ୍ଟା ଲେବୁଲ-୧ ସ୍ତରରେ ପ୍ରବେଶ କରିବାକୁ ସମର୍ଥ ହୋଇଛି। ପୂର୍ବରୁ ଚଣ୍ଡିଗଡ ପ୍ରଚେଷ୍ଟା ଲେବୁଲ-୨ ସ୍ତରରେ ଥିଲା। ନିକଟରେ ୬ଟି କ୍ଷେତ୍ର ତଥା ଶିକ୍ଷା ଫଳାଫଳ, ସୁବିଧା ସୁଯୋଗ, ଭିତ୍ତିଭୂମି, ସମାନତା ପ୍ରଶାସନିକ ପ୍ରକ୍ରିୟା ଏବଂ ଶିକ୍ଷକ ତାଲିମ ଉପରେ ଦେଶବ୍ୟାପୀ ହୋଇଥିବା ପିଜିଆଇ ପରୀକ୍ଷାରେ କେରଳ ହେଉଛି ଏକମାତ୍ର ରାଜ୍ୟ ଯେ କି, ଶିକ୍ଷକ, ପ୍ରଶିକ୍ଷଣ ଓ ତାଲିମରେ କେବଳ ଦକ୍ଷ ସ୍ତରରେ ପହଁଚିବାକୁ ସମର୍ଥ ହୋଇଥିବାବେଳେ ଅନ୍ୟ କୌଣସି କ୍ଷେତ୍ରରେ ଉତ୍ତମ ଫଳାଫଳ ପ୍ରଦର୍ଶନ କରିପାରିନାହିଁ।



କହିବା ବାହୁଲ୍ୟ ଯେ, ଏହି କ୍ଷେତ୍ରଗୁଡିକରେ ସଫଳତା ନେଇ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ମଧ୍ୟରେ କେରଳ ମଧ୍ୟମ ସ୍ତରରେ ରହିବାକୁ ସକ୍ଷମ ହୋଇଛି। ର୍ୟାଙ୍କିର ସବା ତଳ ସ୍ତରରେ ପାଞ୍ଚଟି ରାଜ୍ୟ ତଥା ମେଘାଳୟ, ଅରୁଣାଚଳ ପ୍ରଦେଶ, ମିଜୋରାମ, ନାଗାଲାଣ୍ଡ ଏବଂ ବିହାର ରହିଥିବାବେଳେ ର୍ୟାଙ୍କିର ଉପର ତଥା ଉଚ୍ଚ ସ୍ତରରେ ଚଣ୍ଡିଗଡ, ପଞ୍ଜାବ, ଦିଲ୍ଲୀ, ଗୁଜରାଟ ଓ ଓଡ଼ିଶା ରହିଛି। ଓଡିଶା ସମାନତା କ୍ଷେତ୍ରରେ ଜାତି, ଲିଙ୍ଗ ଓ ଆଂଚଳିକ କ୍ଷେତ୍ରରେ ଥିବା ତାରତମ୍ୟକୁ ହ୍ରାସ କରିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। କିନ୍ତୁ ଶିକ୍ଷା ଫଳାଫଳ କ୍ଷେତ୍ରରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡିକ ଗୁରୁତର ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିବା କୁହାଯାଇଛି।

ଉଲ୍ଲେଖ କରାଯାଇପାରେ ଏହି କ୍ଷେତ୍ରରେ ଗୁରୁତର ନିଅଣ୍ଟିଆ ସ୍ଥିତିର ସମ୍ମୁଖୀନ ହୋଇଥିବା ଆନୁଆଲ ଷ୍ଟାଟସ ଅଫ ଏଜୁକେଶନ (ଅସର) ୨୦୨୪ ରିପୋର୍ଟରେ ଦର୍ଶାଇଥିଲା। ଅନ୍ୟ କେତେକ ରାଜ୍ୟ ବିଶେଷ କରି ଛତିଶଗଡ, ପଶ୍ଚିମବଙ୍ଗ ଏବଂ ତାମିଲନାଡୁ ଲକ୍ଷ୍ୟ ହାସଲ ସ୍ତରର ତଳେ ରହିଛନ୍ତି। ପଶ୍ଚିମବଙ୍ଗରେ ହଠାତ ଶିକ୍ଷକ ସଂଖ୍ୟା ହ୍ରାସ ଏବଂ ଅସ୍ଥିରତା ଏହା କାରଣ ହୋଇପାରେ।

ତେବେ ୨୦୧୮ରୁ ୨୦୨୪ ମଧ୍ୟରେ ଓଡିଶା ସମେତ ହିମାଚଳ ପ୍ରଦେଶ, ଗୋଆ, ଚଣ୍ଡିଗଡ, ତେଲେଙ୍ଗାନା ଉଲ୍ଲେଖନୀୟ ଲକ୍ଷ୍ୟ ସାଧନ କରିବାରେ ସକ୍ଷମ ବେଳେ ବିହାର ଏବେ ବି ଭିତ୍ତିଭୂମି ସହ ସଂଗ୍ରାମ କରୁଛି। ବିହାର ଏବେ ଆକାଂକ୍ଷୀ ସ୍ତର-୨ରେ ସୀମିତ ରହିଛ। ଅନ୍ୟପକ୍ଷରେ ଥିବା ତଳ ର୍ୟାଙ୍କ ଆକାକ୍ଷୀ ସ୍ତର-୩ରେ ମେଘାଳୟ ଏକମାତ୍ର ରାଜ୍ୟ ରହିଛି। ଏହା ନିଃସନ୍ଦେହ ଯେ, ଗ୍ରେଡିଂ ଏବଂ ଏହି ୬ଟି ପ୍ରସଙ୍ଗ ଦେଶରେ ଶିକ୍ଷାର ବିକାଶ ନେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମନେହୁଏ। କାରଣ ଏହା ରାଜ୍ୟ କେନ୍ଦ୍ରଶାସିତ ଅଂଚଳଗୁଡିକର ଶିକ୍ଷା କ୍ଷେତ୍ରରେ ଥିବା ସାମର୍ଥ୍ୟ ଏବଂ ଦୁର୍ବଳତାକୁ ଲୋକ ଲୋଚନକୁ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଛି। ୟୁନିଫାଏଡ ଡିଷ୍ଟ୍ରିକ୍ଟ ଏନଫରମେସନ ସିଷ୍ଟମ ଫର ଏଜୁକେଶନ ପ୍ଲସ ରାଜ୍ୟଗୁଡିକର ଶିକ୍ଷାର ବିକାଶ ଲାଗି ତଥା ସେମାନଙ୍କର ଦୁର୍ବଳତା ଦୂର କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଆଧାରରେ ପ୍ରମାଣ ଯୋଗାଇଥାଏ। ଦେଶରେ ଗ୍ରେଡିଂ-୨.୦ରେ ଶିକ୍ଷାକ୍ଷେତ୍ରରେ ତାରତମ୍ୟ ହ୍ରାସ ପାଉଥିବା ସତ୍ତ୍ୱେ ପଦ୍ଧତିବଦ୍ଧ ପ୍ରକ୍ରିୟାରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ଏହା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡିକର ଟାର୍ଗେଟ ହେବା ଉଚିତ।

ମୋ-୭୯୭୮୬୬୬୪୦୩

## ସାଂସଦ ଓ ବିଧାୟକଙ୍କ ଦ୍ୱାରା ପିପିଲି ତହସିଲରେ ପଟ୍ଟା ବଣ୍ଟନ

ପିପିଲି, ୧ ।୭ (ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପ୍ରତ୍ୟେକ ତହସିଲ କାର୍ଯ୍ୟାଳୟରେ ପଟ୍ଟା ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପୁରୀ ଜିଲ୍ଲା ପିପିଲି ତହସିଲ କାର୍ଯ୍ୟାଳୟ ଠାରେ ପଟ୍ଟା ବଣ୍ଟନ କରାଯାଇଛି। ଏହି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ପୁରୀ ସାଂସଦ ଡ଼. ସମ୍ବିତ ପାତ୍ର ଓ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ପିପିଲି ଅଞ୍ଚଳର ଜନସାଧାରଣଙ୍କୁ ୧୨୭ ଗୋଟି ପଟ୍ଟା ପ୍ରଦାନ କରିଛନ୍ତି। ଏହି ପଟ୍ଟା ବଣ୍ଟନରେ କିସମ ସଂଶୋଧନ ପଟ୍ଟା, ଉତ୍ତରାଧିକାରି ସଂଶୋଧନ ପଟ୍ଟା ପ୍ରଦାନ କରାଯାଇଛି। ପଟ୍ଟା ବଣ୍ଟନ ସମୟରେ ପିପିଲି ତହସିଲଦାର ହୃଷିକେଶ ତ୍ରିପାଠୀ, ଅତିରିକ୍ତ ତହସିଲଦାର ବସନ୍ତ କୁମାର ବେହେରା ସମେତ ସମସ୍ତ ରେଭେନ୍ୟୁ ନିରୀକ୍ଷକ ତହସିଲ କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ସରକାର ଉତ୍ତରାଧିକାରୀ ସଂଶୋଧନ ନିମନ୍ତେ ନିୟମାବଳୀ ଆଦେଶ କରି ଥିବା ବେଳେ ଏହି ଆଦେଶ ବଳରେ ପ୍ରତ୍ୟେକ ରେଭେନ୍ୟୁ ନିରୀକ୍ଷକମାନେ ପ୍ରତ୍ୟେକ ଗ୍ରାମ ଓ ୱାର୍ଡକୁ ଯାଇ ଘର ଘର ବୁଲି ସଂଶୋଧନ କରୁ ଥିବା ଜାଣିବାକୁ ମିଳିଅଛି।

## ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ ଏବଂ ନୂତନ କର୍ମକର୍ତ୍ତା

କେନ୍ଦୁଝର, ୧ ।୭ (ନିପ୍ର): ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ କର୍ମଚାରୀ ସଂଘ (ଓଷ୍ଟା)ର ୨୬ତମ ସାମ୍ବିଧାନିକ ସମ୍ମିଳନୀ ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଓଷ୍ଟା କେନ୍ଦୁଝର ଜିଲ୍ଲା ସଭାପତି ରଘୁନାଥ ବେହେରା ସଭାପତିତ୍ୱ କରିଥିବାବେଳେ ସଂପାଦକ ପ୍ରଶାନ୍ତ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ କର୍ମଚାରୀ ସଂଘ (ଓଷ୍ଟା) ର ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷକମାନଙ୍କ ପ୍ରମୁଖ ସମସ୍ୟା କେତେ ଦୂର ସମାଧାନ କରାଯାଇଛି ଏବଂ ଆଗାମୀ ଦିନରେ କ'ଣ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଓଷ୍ଟା ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ସାଂପ୍ରତିକ ଶିକ୍ଷକମାନଙ୍କ ସମସ୍ୟା,ଓଷ୍ଟାର ଲକ୍ଷ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଓଷ୍ଟା କେନ୍ଦୁଝର ଶାଖାର ନୂତନ କର୍ମକର୍ତ୍ତା ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମୋଟ ୪୯୬ ଜଣ ଭୋଟରଙ୍କ ମଧ୍ୟରୁ ୪୫୩ ଜଣ ଭୋଟ ଦେଇଥିଲେ । ଆଗାମୀ ୩ବର୍ଷ ପାଇଁ ଓଷ୍ଟା କେନ୍ଦୁଝରର ନିମ୍ନୋକ୍ତ କର୍ମକର୍ତ୍ତାଙ୍କୁ ନିର୍ବାଚିତ କରାଯାଇଥିଲା । ସଭାପତି ଭାବେ ମନ୍ମଥନାଥ ମହାନ୍ତ,କାର୍ଯ୍ୟକାରୀ ସଭାପତି ଭାବେ ସୁଧାକର ପଣ୍ଡା,ଉପସଭାପତି ଭାବେ ବୈକୁଣ୍ଠ ମହାନ୍ତ, ମନୋଜ କୁମାର ପଣ୍ଡା, ପୁଷ୍ପାଞ୍ଜଳୀ ମିଶ୍ର,ସଂପାଦକ ଭାବେ ରଞ୍ଜନ କୁମାର ଘଡେଇ, ଯୁଗ୍ମ ସଂପାଦକ ଭାବେ ଅନିରୁଦ୍ଧ ସେଠୀ,ଅଜ୍ଞାନ କୁମାର ଚାନ୍ଦ,ଲାବଣ୍ୟବତୀ ମହାନ୍ତ, କାର୍ଯ୍ୟକାରୀ ସମିତି ସଭ୍ୟ ଭାବେ ହେମନ୍ତ କୁମାର ମହାନ୍ତ, ଦିଲ୍ଲୀପ କୁମାର ମହାନ୍ତ, ଧନୁର୍ଜୟ ମହାନ୍ତ, ସୁବ୍ରତ କୁମାର ଲେଙ୍କା ନିର୍ବାଚିତ ହୋଇଛନ୍ତି ।

## 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ

କେନ୍ଦୁଝର, ୧ ।୭ (ନିପ୍ର):କେନ୍ଦୁଝର ନଗର ମଣ୍ଡଳ ବିଜେପି ପକ୍ଷରୁ ନଗର ସଭାପତି ବିଶ୍ୱଜିତ ତ୍ରିପାଠୀଙ୍କ ନେତୃତ୍ୱ ରେ ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ସୋମବାର 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ କରି ବୃକ୍ଷ ରୋପଣ କରିବା ସହିତ ଚାରା ବଣ୍ଟନ କରାଯାଇଥିଲା। ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମର ନଗର ମଣ୍ଡଳ ସଂଯୋଜକ ଦୁର୍ଗା ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ବୃକ୍ଷରୋପଣ କରିବା ସହିତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଚାରା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ କେନ୍ଦୁଝରଗଡ଼ ପୌରପାଳିକାର ପୌରାଧ୍ୟକ୍ଷା ନିକୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣ କରିବା ସହିତ ଆଜିର ପରିସ୍ଥିତି ରେ ପରିବେଶକୁ ସୁରକ୍ଷିତ ରଖିବାକୁ ହେଲେ ବୃକ୍ଷ ରୋପଣ ଏବଂ ଏହାର ସୁରକ୍ଷା ହିଁ ଏକମାତ୍ର ବିକଳ୍ପ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନଗର ମଣ୍ଡଳ ପ୍ରଭାରୀ ଦିଲ୍ଲୀପ କୁମାର ପଣ୍ଡା, ନଗର ମଣ୍ଡଳ ଦୁଇ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପାତ୍ର ଏବଂ ବ୍ରଜକିଶୋର ରାୟ,ଉପସଭାପତି ଦୁର୍ଯ୍ୟୋଧନ ସାହୁ, ମଞ୍ଜରୀ ମୁର୍ମୁ,ଅଜୟ ପାତ୍ର,ଯୁଗୋଳ କିଶୋର ମହାନ୍ତ,ରାଜେନ୍ଦ୍ର ନାଏକ,କଉନସିଲର ପଙ୍କଜ କୁମାର ଦ୍ୱିବେଦୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ରଥଯାତ୍ରା ୨୦୨୫: ଦୁଇ ସଂଗଠନ ଉଦ୍ୟମରେ ଅନ୍ନଦାନ

ଭୁବନେଶ୍ୱର, ୧ ।୭: ବିଶ୍ୱ ପ୍ରସିଦ୍ଧ ଘୋଷ ଯାତ୍ରା ଉପଲକ୍ଷେ ଭକ୍ତଙ୍କୁ ଅନ୍ନଦାନ ସେବା ପ୍ରଦାନ କରୁଛନ୍ତି ଗୋଲଡ଼େନ ଇଗଲ ଫାଉଣ୍ଡେସ ଓ ଅତୁଲ କ୍ରିଷ୍ଣା ଫାଉଣ୍ଡେସ। ଏହି ଦୁଇଟି ସଂଗଠନ



ମିଳିତ ଉଦ୍ୟମରେ ଅନ୍ନଦାନ ସେବା ସଫଳତାର ସହିତ ୧୦ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅନୁଷ୍ଠାନ ଶ୍ରଦ୍ଧା, ଭକ୍ତି ଓ ଏକତାର ପ୍ରତୀକ ହେବା ସହ ବର୍ଷର ବଡ଼ ଧାର୍ମିକ ଉତ୍ସବ ଶ୍ରୀ ଜଗନ୍ନାଥ ରଥଯାତ୍ରା ୨୦୨୫ ଉପଲକ୍ଷେ, ଗୋଲଡ଼େନ ଇଗଲ ଫାଉଣ୍ଡେସନ ଓ ଅତୁଲ କ୍ରିଷ୍ଣା ଫାଉଣ୍ଡେସନର ତରଫରୁ ଏକ ମହାନ ଓ ମୂଲ୍ୟବାନ କାର୍ଯ୍ୟକ୍ରମ ଅନ୍ନଦାନ ସେବା ଆୟୋଜିତ ହୋଇଛି। ଏହି ଅନ୍ନଦାନ ସେବା କ୍ରମରେ ପ୍ରତିଦିନ ସକାଳରୁ ଶେଷ ଯାଏଁ ଅନେକ ଭକ୍ତଙ୍କୁ ଜଳଖିଆ, ମଧ୍ୟାହ୍ନ ଭୋଜନ ଓ ରାତିରେ ଭୋଜନ ସହ ସେବା ଯୋଗାଇଦିଆଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମ ଗୋଲଡ଼େନ ଇଗଲ ଫାଉଣ୍ଡେସ ଓ ଅତୁଲ କ୍ରିଷ୍ଣା ଫାଉଣ୍ଡେସନ ମିଳିତ ପ୍ରୟାସ ଓ ଉଦ୍ୟମ ଦ୍ୱାରା ସମ୍ଭବ ହୋଇଛି। ଏହି ପବିତ୍ର ଓ ସେବାପୂର୍ଣ୍ଣ ଯଜ୍ଞକୁ ସଫଳ କରିବାରେ ଯେଉଁ ସମସ୍ତ ଭକ୍ତ, ସଂଗଠନ ଓ ସହଯୋଗୀ ମାନବତା ଓ ଦୟାର ହାତ ବଢ଼ାଇଛନ୍ତି ସେମାନଙ୍କୁ ଦୁଇ ସଂଗଠନ ପକ୍ଷରୁ ହୃଦୟପୂର୍ଣ୍ଣ ଧନ୍ୟବାଦ ଜ୍ଞାପନ କରାଯାଇଛି। ଏହି ଅନ୍ନଦାନ ସେବା କେବଳ ଜୀବନ ଧାରଣ ପାଇଁ ଭୋଜନ ନୁହେଁ, ବରଂ ଏହା ହେଉଛି ଏକ ମୌନ ମନ୍ତ୍ର – 'ସେବା ହିଁ ପ୍ରଭୁ ସେବନ'ର ପ୍ରତୀକ ଏବଂ ମାନବତାର ସତ୍ୟ ସ୍ୱରୂପ। କାର୍ଯ୍ୟକ୍ରମକୁ ରତିକାନ୍ତ ଦାଶ. ପ୍ରଜ୍ଞାପରିମିତା ବେହେରା, ରୋଜାଲିନ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୧୫ ବର୍ଷ ହେଲା ବିନା ପାରିଶ୍ରମିକରେ ବେଠି ଖଟୁଛନ୍ତି ୨ ସ୍କୁଲ ପିଅନ

କେସିଙ୍ଗା, ୧ ।୭ (ନିପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ସିରଜାପାଲି ଗ୍ରାମରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ସରକାରୀ ସ୍କୁଲ ପିଅନ ନିଯୁକ୍ତି ହୋଇନାହାନ୍ତି । ସରକାରଙ୍କ ତରଫରୁ ଉଚ୍ଚ ବିଦ୍ୟାଳୟ ଖୋଲା ଯିବା ସମୟରୁ ଏହି ବିଦ୍ୟାଳୟରେ କୌଣସି ଚତୁର୍ଥ କର୍ମଚାରୀ ଦିଆଯାଇନାହିଁ । ବିଦ୍ୟାଳୟ ପରିଚାଳନାରେ ବହୁତ ଅସୁବିଧା ହେବାରୁ ୨୦୧୧ ମସିହାରେ ବିଦ୍ୟାଳୟ ପରିଚାଳନା କମିଟି ସ୍ୱତନ୍ତ୍ର ବୈଠକ ଡକାଇ କର୍ଣ୍ଣ ଗହୀରଙ୍କୁ ପିଅନ ଏବଂ ରାଧୁ ଗହୀରଙ୍କୁ ରାତ୍ର ଜଗୁଆଳି ଭାବେ ନିଯୁକ୍ତି ଦେଇଥିଲେ। ସେହି ଦିନଠାରୁ ବିନା କୌଣସି ପାରିଶ୍ରମିକରେ ଏହି ଦୁଇଜଣ ବିଦ୍ୟାଳୟରେ ସେବାକାର୍ଯ୍ୟ ଯୋଗାଇ ଆସୁଛନ୍ତି । ଅନେକ ଥର ଏମାନଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯିବା ନେଇ ସିରଜାପାଲି ଗ୍ରାମବାସୀ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରସ୍ତ ହୋଇଥିଲେ । କୌଣସି ସ୍ୱାୟଂସହାୟକ ଗୋଷ୍ଠୀ ଜରିଆରେ ଏମାନଙ୍କୁ ଶୀଘ୍ର ନିଯୁକ୍ତି ଦିଆଯିବ ବୋଲି ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପୂରଣ ହୋଇପାରିଲା ନାହିଁ । ଏହି ଦୁଇଜଣ ଆଜିର ମହଙ୍ଗା ଯୁଗରେ ମଧ୍ୟ ବିନା ପାରିଶ୍ରମିକରେ ବିଦ୍ୟାଳୟ ରେ ସେବା ଯୋଗାଇ ଦେଇ ବିଦ୍ୟାଳୟକୁ ପରିଷ୍କାର ପରିଚ୍ଛନ୍ନ ଏବଂ ସୁରକ୍ଷିତ ରଖୁଛନ୍ତି କିନ୍ତୁ ପ୍ରଶାସନର ଦାୟିତ୍ୱହୀନ ମନୋଭାବ ଗ୍ରାମବାସୀଙ୍କୁ କଷ୍ଟ ଦେଉଛି । ବର୍ତ୍ତମାନ ସିରଜାପାଲି ଉଚ୍ଚ ବିଦ୍ୟାଳୟ ରୂପାନ୍ତରିତ ହୋଇ ଅନେକ ମୂଲ୍ୟବାନ ବସ୍ତୁ ବିଦ୍ୟାଳୟରେ ଥିବାବେଳେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୦୦ରୁ ଅଧିକ ତେଣୁ ଶୀଘ୍ର ଏହିଦୁଇଜଣଙ୍କୁ ବିଦ୍ୟାଳୟରେ ସ୍ଥାୟୀ ପିଅନ ଓ ରାତ୍ର ଜଗୁଆଳି ଭାବେ ନିଯୁକ୍ତି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ହେରା ପଞ୍ଚମୀ ମାନବୀୟଲୀଳାର ପ୍ରତିଫଳନ

ରାୟଗଡା, ୧ ।୭ (ନିପ୍ର): ହେରା ପଞ୍ଚମୀ ମହୋତ୍ସବ ପାଇଁ ରାୟଗଡା ଚଳଚଞ୍ଚଳ। ଶ୍ରୀଗୁଣ୍ଡିଚାରେ ବ୍ରହ୍ମମୁହୂର୍ତ୍ତ ରୁ ଭକ୍ତଙ୍କ ସମାଗମ। ହେରା ପଞ୍ଚମୀ ମହୋତ୍ସବ ପାଇଁ ରାୟଗଡା ଉତ୍ସବମୁଖର ହୋଇପଡିଛି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଏହି ପର୍ବ ବିଶ୍ୱନିୟନ୍ତାଙ୍କ ମାନବୀୟ ଲୀଳାର ଏକ ନିଚ୍ଛକ ଉଦାହରଣ ବା ପ୍ରତିଫଳନ। ମହାପ୍ରଭୁଙ୍କ ଏହି ଦିବ୍ୟ ଉତ୍ସବକୁ ହେରପଞ୍ଚମୀ ବୋଲି କହୁଥିଲେ ମଧ୍ୟ ଏହା ଷଷ୍ଠୀ ତିଥିରେ ପଡିଥାଏ। ଏହି ହେରାପଞ୍ଚମୀଙ୍କୁ ନେଇ ଏକ ସୁନ୍ଦର ରୋଚକ କାହାଣୀ ରହିଛି, ଯେହେତୁ କାଳିଆ ଠାକୁର ଧରାପୃଷ୍ଠରେ ମାନବୀୟ ଲୀଳା କରିଥାଆନ୍ତି। ଏହି ନବ ଦିନାତ୍ମକ ଯାତ୍ରା ସମୟରେ ମହାସ୍ନାନ ପରେ ଠାକୁରଙ୍କୁ ଜ୍ୱର ହେବା, ବିଭିନ୍ନ ପ୍ରକାର ଚେରମୂଳି ଔଷଧ ସେବନ କରି ସୁସ୍ଥ ହେବା, ଶ୍ରୀଗୁଣ୍ଡିଚା ଜାତରେ ଭାଇଭଉଣୀକୁ ନେଇ ମାଉସୀଙ୍କ ଘରକୁ ଯିବା, ଇତି ମଧ୍ୟରେ ମା ଲକ୍ଷ୍ମୀ ଠାକୁରାଣୀ ଅଭିମାନରେ ରଥକୁ ଭାଙ୍ଗିବା ଆଦି ଅନ୍ତର୍ଭୁକ୍ତ। ଏସବୁ ଆଧାତ୍ମିକ କାର୍ଯ୍ୟ ମାଧ୍ୟମରେ ସମାଜକୁ ଅନେକ ଶିକ୍ଷା ମିଳିଥାଏ। ଏହି ହେରାପଞ୍ଚମୀ ପୁଣ୍ୟତିଥିରେ ରାୟଗଡା ରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇ ଲୋକଙ୍କ ମନରେ ଭକ୍ତି ଭାବନା ଓ ଆଧ୍ୟାତ୍ମିକ ଚେତନାର ଜାଗରଣ ହୋଇଥିବା ଲକ୍ଷ୍ୟ କରାଯାଇଛି। ଶ୍ରଦ୍ଧାଳୁମାନେ ବଡି ଭୋରରୁ ସ୍ନାନାଦି କର୍ମ ସାରି ଫୁଲ, ଫୁଲମାଳ,ନଡ଼ିଆ, କଦଳୀ ଧୂପ ଦୀପ ନେଇ ପ୍ରଭୁଙ୍କ ଦର୍ଶନ ପାଇଁ ଯାଉଥିବା ଦେଖା ଯାଇଥିଲା, ଲାଗିଥିଲା ଲମ୍ବା ଧାଡି, ଶ୍ରଦ୍ଧାଳୁମାନେ ଆଜି ଖୁବ ଉତ୍ସାହିତ ହୋଇ ଆଜି ଭଗବାନ ମହାପ୍ରଭୁଙ୍କ ନୃସିଂହନାଥ ବେଶରେ ଦର୍ଶନ କରି ବେଶ ଆନନ୍ଦ ଲାଭ କରିଥିଲେ। ପ୍ରାତଃ କାଳରେ ପ୍ରଭୁଙ୍କର ନୀତିକାନ୍ତି, ସମାପନ କରାଯାଇ ଆଳତି କରାଯାଇଥିଲା, ଧୂପ, ଦୀପ,ଘଣ୍ଟ, ଘଣ୍ଟା, ଶଙ୍ଖ ମୃଦଙ୍ଗ ଧ୍ୱନିରେ କମ୍ପି ଉଠିଥିଲା ଗୁଣ୍ଡିଚା ମନ୍ଦିର, ଜଗତର ନାଥ ଜଗନ୍ନାଥଙ୍କ ଏହି ଅପୂର୍ବ ନୃସିଂହନାଥ ଅବତାର ବେଶ ଦର୍ଶନ କରିବା ପାଇଁ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। ଏହି ବେଶ ଦର୍ଶନ ଓ ଆଳତି ଦେଖି ଶ୍ରଦ୍ଧାଳୁ ମାନେ ହୁଳହୁଳି ଦେଇଥିଲେ । କେତେକ ଶ୍ରଦ୍ଧାଳୁ ଶ୍ଳୋକ ଉଚ୍ଚାରଣ କରି ଭାବରେ ମୁଣ୍ଡିଆ ମାରି ତୁଳସୀ ପ୍ରସାଦ ପାଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ସୁରକ୍ଷା କର୍ମୀ ମୁତୟନ ରହିଥିଲେ। ଏହି ଅପୂର୍ବ ଦର୍ଶନ ରେ ଶ୍ରଦ୍ଧାଳୁ ବିମୋହିତ, ଓ ଆନନ୍ଦ ଲାଭ କରିଥିବା ଭକ୍ତମାନେ କହିଥିଲେ।

# 'ଗାନ୍ଧୀ କଥା'ରେ ବୃକ୍ଷରୋପଣ ଓ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଆହ୍ୱାନ

କେନ୍ଦୁଝର, ୧ ।୭ (ନିପ୍ର): କେନ୍ଦୁଝର ସଦର ବ୍ଲକ ମଇଦାନକେଲ ପଂଚାୟତର ହରିହରପୁରଠାରେ ଗାନ୍ଧୀ କଥା ଅନୁଷ୍ଠିତ ହୋଇଯାଇଛି । ଓଡିଶା ଗାନ୍ଧୀ ବିଚାର ପରିଷଦ, କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ ଓ ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟର ମିଳିତ ସହଯୋଗରେ ଆୟୋଜିତ ଗାନ୍ଧୀ କଥାରେ ନୂତନ ଜଙ୍ଗଲ ସୃଷ୍ଟି ଓ ଫଳନ୍ତି ବୃକ୍ଷରୋପଣ ପାଇଁ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମା' ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର କାଞ୍ଚନପ୍ରଭା ମହାନ୍ତ ଓ ମଇଦାନକେଲ ଗ୍ରାମ ପଂଚାୟତର ନାଏବ ସରପଂଚ ଶକୁନ୍ତଳା ମହାନ୍ତ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଦରବାର ସାହିତ୍ୟ ସଂସଦ, ଭୁବନେଶ୍ୱରର ସଂପାଦକ କେଦାରଶ୍ୱର ଚୌଧୁରୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ କେନ୍ଦୁଝରରେ ମିଳୁଥିବା ସ୍ଥାନୀୟ ମଞ୍ଜିକୁ ମାଟିରେ ବଲ ତିଆରି କରି ଜଙ୍ଗଲରେ ପକାଇବାକୁ ପରାମର୍ଶ ଦେଇଥିଲେ



। ଚାର,ଜାମୁ,ନିମ୍ବ,ଟୁଲ,ପଣସ,ପିଜୁଳି ଭଳି ମଞ୍ଜିକୁ ମାଟି ବଲରେ ପୂରାଇ ଛାଇରେ ଶୁଖାଇବା ପରେ ପାଖ ଜଙ୍ଗଲରେ ପକାଇବାର କୌଶଳ ଶିକ୍ଷା ଦେଇଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏହାର ନେତୃତ୍ୱ ନେବାକୁ ସ୍ଥିର ହୋଇଥିଲା । ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟର ଯୁବଗୋଷ୍ଠୀମାନେ ହରିହରପୁର,ବାଘୁଆ ସାହି,କେରୀ,ଜଡିଖୁଣ୍ଟା ଗ୍ରାମରେ ପ୍ରତ୍ୟେକ ପରିବାରକୁ ୪ଟି କରି ଫଳନ୍ତି ଚାରା ପ୍ରଦାନ କରିବାକୁ ପରିବେଶବିତ ଡକ୍ଟର ବିମ୍ବାଧର ବେହେରା ଅନ୍ୟତମ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । ଗାନ୍ଧୀ ତତ୍ତ୍ୱବିତ ଭକ୍ତବତ୍ସଳ ମହାନ୍ତି କହିଲେ ଆମେ ଜଙ୍ଗଲ ସୁରକ୍ଷା କମିଟିରେ ଜଙ୍ଗଲକୁ ପାଳି କରି ଜଗିଦେଲେ ଶାଳ ଜଙ୍ଗଲ ଆପଣା ଛାଏଁ ବୃଦ୍ଧି ପାଇବ । ଶାଳ ଗଛ ମୂଳରେ ପାଣି ରହିଥାଏ, କାରଣ ଶାଳ ଗଛର ଚେର ପାଣିକୁ ଧରି ରଖେ । ଜଳସ୍ତର ଧୀରେ ଧୀରେ ବଢିବା ସହିତ ବାୟୁ ମଣ୍ଡଳର ପରିବର୍ତ୍ତନକୁ ନିୟନ୍ତ୍ରଣ କରିବ । ଓଡ଼ିଶା ଗାନ୍ଧୀ ବିଚାର ପରିଷଦ ତରଫରୁ ମୁଖ୍ୟବକ୍ତା କେଦାରେଶ୍ୱର ଚୌଧୁରୀଙ୍କୁ ଡକ୍ଟର ବିମ୍ବାଧର ବେହେରା ଗାନ୍ଧୀ ସାହିତ୍ୟ, ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରଗତି ଫାଉଣ୍ଡେସନର ଯୁବ ସ୍ୱେଚ୍ଛାସେବୀ, ହରିହରପୁର ଗ୍ରାମର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବୈଠକରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପ୍ରଗତି ଫାଉଣ୍ଡେସନର ସଭାପତି ମନୋଜ କୁମାର ମହାନ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବନ ମହୋତ୍ସବ ପାଳନ ସପ୍ତାହରେ ଫଳନ୍ତି ଚାରା ବଂଟନ ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

# ବାଜିରେ ଲାଗୁଛି ଜୀବନ, ବେଫିକର ପ୍ରଶାସନ

ଶେରଗଡ଼, ୧ ।୭ (ନିପ୍ର): ରାଜ୍ୟ ର ୭ଟି ଜିଲ୍ଲାରେ କାୟା ବିସ୍ତାର କରୁଚି ଡାଇରିୟା । ତାଭିତରେ ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ ସାମିଲ ଅଛି । ଯେଉଁଠି ଦୂଷିତ ପାଣି,ଅପରିଷ୍କାର ବାସିଖାଦ୍ୟ, ଆସ୍ୱାସ୍ଥ୍ୟକର ପରିବେଶ, ରାସ୍ତା କଡ଼ ରେ ଚାଲୁଚି ମାଳମାଳ ହୋଟେଲ ଓ ଫାଷ୍ଟଫୁଡ୍ ଦୋକାନ କିନ୍ତୁ ଖାଦ୍ୟ, ସ୍ୱାସ୍ଥ୍ୟ ବିଭାଗ ଏନେଇ ଆଖିବୁଜି ଦେଇଥିବା ସାଧାରଣରେ ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ର ସୂଚନା ଅନୁସାରେ ଉତ୍ତମ ଖାଦ୍ୟ ପାନୀୟ ନୀରୋଗ ରହିବାର ଚାବିକାଠି । ଉତ୍ତମ କହିଲେ କେବଳ ଗୁଣାତ୍ମକ ଦୃଷ୍ଟିରୁ ନୁହେଁ ବରଂ ଖାଦ୍ୟ ଉତ୍ତମ ପରିବେଶରେ ପରିଷ୍କାର ଭାବେ ରନ୍ଧା ହୋଇଥିବା ଆବଶ୍ୟକ। କିନ୍ତୁ ମାଳମାଳ ଖାଦ୍ୟ ସେଣ୍ଟରକୁ ଦେଖିଲେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ସଚେତନ ନଥିବା ପରି ମନେ ହେଉଛି। କାରଣ ଶେରଗଡ଼ ବଜାରରେ ନିମ୍ନମାନର ତେଲ, କଲର ସହିତ ଅସ୍ୱାସ୍ଥ୍ୟକର ପରିବେଶରେ ଲୋକଙ୍କୁ ଖାଦ୍ୟ ରନ୍ଧାଯାଇ ବିକ୍ରୀ କରାଯାଉଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ସଚେତନ ହେଉନାହିଁ କିମ୍ବା ଉକ୍ତ ସେଣ୍ଟର ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଦେଖିବାକୁ ମିଳୁଚି ଯେଉଁ କାରଣରୁ ବଜାରର ବିଭିନ୍ନ ସ୍ଥାନରେ ହୋଟେଲ ଓ ଫାଷ୍ଟଫୁଡ ସେଣ୍ଟରମାନ ଖୋଲି ଏହାକୁ ଏକ ଲାଭଜନକ ବ୍ୟବସାୟ ରୂପେ ଚଳାଉଛନ୍ତି। ଏହି ସେଣ୍ଟର ଗୁଡିକରେ ବେଳେ ବେଳେ ବଳକା ବାସି ଖାଦ୍ୟ ପଦାର୍ଥ ମଧ୍ୟ ଦେଉଥିବା ଅଭିଯୋଗ ହେଉଛି। ସହରରେ ଅଧିକାଂଶ ହୋଟଲର ପରିବେଶ ଅପରିଷ୍କାର ରହୁଥିବା ବେଳେ ପିଇବାକୁ ଅତ୍ୟନ୍ତ ଦୂଷିତ ଜଳ ଦେଉଥିବା ମଧ୍ୟ ଅଭିଯୋଗ ହେଉଛି। ପୂର୍ବ ଦିନଗୁଡ଼ିକରେ କିଛି ହୋଟେଲ ଓ ଜଳଖିଆ ଦୋକାନରେ କେବେ ବି ଚଢ଼ଉ ନ କରି ବିଭାଗ ଚୁପ ହୋଇ ବସିଛି । ଫଳରେ ଅସ୍ଥାୟୀ ହୋଟେଲ ଓ ଉଠାଦୋକାନୀଙ୍କୁ ଏହା ବେଶ ସୁହାଇଛି । ଖରାପ ଓ ଅପମିଶ୍ରିତ ଖାଦ୍ୟ ବିକ୍ରି କରୁଥିବା ବ୍ୟବସାୟୀ ଧରାପଡିଲେ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଓ ୪ ବର୍ଷ ଜେଲ ଦଣ୍ଡାଦେଶ ପାଇଁ ଆଇନର ବ୍ୟବସ୍ଥା ରହିଛି । ମାତ୍ର ଏହି ଅଞ୍ଚଳ ଲାଗି ଏହି ଆଇନ କେବଳ କାଗଜପତ୍ରରେ ସୀମିତ ରହିଛି। ଅନେକ ବ୍ୟବସାୟୀ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରୁଥିବା ବେଳେ ନଷ୍ଟ ହୋଇଯାଇଥିବା ପନିପରିବା ବ୍ୟବହାର କରିବାକୁ ମଧ୍ୟ ପଛାଉନଥିବା ଜଣାଯାଇଛି। କେବଳ ହୋଟେଲ କି ଜଳଖିଆ ଦୋକାନୀ ନୁହେଁ, ବରଂ କିଛି ମିଠା ଦୋକାନୀ ମଧ୍ୟ ଅପମିଶ୍ରିତ ମିଠା ବିକି ବାର ମଧ୍ୟ ନଜରକୁ ଆସୁଛି ଓ ଠେଲାଗାଡିରେ ବିକ୍ରି କରୁଥିବା ଖାଦ୍ୟ ପଦାର୍ଥର ମଧ୍ୟ ଅସ୍ୱାସ୍ଥ୍ୟକର ପରିବେଶରେ ତିଆରି ଓ ବିକ୍ରୀ ହେଉଛି। ନିମ୍ନମାନର ଖାଦ୍ୟ ଖାଇବା ଦ୍ୱାରା ଫୁଡ , ଡିସେଣ୍ଟ୍ରି, ବିଭିନ୍ନ ଜଳବାହିତ ରୋଗ, ନାଳଝାଡା, ଜଣ୍ଡିସ ପ୍ରଭୃତି ରୋଗ ବ୍ୟାପିଥାଏ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ତେଣୁ ଜନସାଧାରଣଙ୍କୁ ଏହି ସବୁ ରୋଗ ଠାରୁ ଦୂରେଇ ରଖିବା ପାଇଁ ପ୍ରଶାସନ ତତ୍ପରତା ପ୍ରକାଶ କରିବା ସହିତ ଖାଦ୍ୟରମାନ ଯାଞ୍ଚ କରିବା ଗ୍ରାହକଙ୍କୁ ଉତ୍ତମ ଖାଦ୍ୟ ପରିବେଷଣ କୁ ଖାଦ୍ୟ ସେଣ୍ଟର ଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି।

## ରାୟଗଡାରେ ବ୍ୟାପୁଛି ଝାଡାବାନ୍ତି

ରାୟଗଡା :୧/୭(ନି :ପ୍ର )ରାୟଗଡାରେ ବ୍ୟାପୁଛି ଝାଡାବାନ୍ତି। ପ୍ରତିଦିନ ୭ ରୁ ୮ ରୋଗୀ ମେଡ଼ିକାଲରେ ଭର୍ତ୍ତି ହେଉଛନ୍ତି। ଝାଡାବାନ୍ତି ରେ ଗତକାଲି ୮ ଆକ୍ରାନ୍ତ ହୋଇ ରାୟଗଡା ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସା ହେଉଥିବା ବେଳେ ଆଜି ଆଉ ୧୨ ଜଣ ଝାଡାବାନ୍ତି ରୋଗୀ ଭର୍ତ୍ତି ହୋଇଥିବାରୁ ବର୍ତ୍ତମାନ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ୨୦ ରେ ପହଂଚିଛି। ରୋଗୀଙ୍କୁ ମେଡିକାଲ ରେ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦିଆଯାଉଥିବା ରୋଗୀଙ୍କ ସମ୍ପର୍କୀୟଙ୍କ ଠାରୁ ପ୍ରକାଶ। ଏ ବିଷୟରେ ଡାକ୍ତର ଲୋକନାଥ ରାଜୁ କହିଛନ୍ତି ଯେ ରୋଗୀଙ୍କୁ ଓ ଆର ଏସ, ସାଲାଇନେ ଏବଂ ଔଷଧ ଦିଆଯାଇ ଚିକିତ୍ସା କରାଯାଉଛି। ସେମାନେ ସୁସ୍ଥ ଅନୁଭବ କରୁଥିବା କହିଛନ୍ତି। ଝାଡାବାନ୍ତିର କାରଣ ସମ୍ପର୍କରେ ଡାକ୍ତର କହିଛନ୍ତି ଯେ, ଦୂଷିତ ପାନୀୟଜଳ ପାନ କରିବା ଓ ଅପରିଷ୍କାର ବାସି ଖାଦ୍ୟ ଖାଇବା ଦ୍ୱାରା ଲୋକେ ଏହି ରୋଗରେ ଆକ୍ରାନ୍ତ ହୋଇ ଥାଆନ୍ତି। ବର୍ତ୍ତମାନ ରଥଯାତ୍ରା ପାଇଁ ବାହାରେ ବିଭିନ୍ନ ପ୍ରକାର ଖାଦ୍ୟଦ୍ରବ୍ୟ ବିକ୍ରିକାରା ଯାଉଛି। ଲୋକେ ଜଳଖିଆ, ମିଠା, ପଲାଉ, ସସ ଆଦି ଖାଇ ଥାଆନ୍ତି ଏବଂ ପାଣି ମଧ୍ୟ ପିଇଥାଆନ୍ତି। ଏହା ମଧ୍ୟ ଏକ କାରଣ ହୋଇପାରେ। ତେଣୁ ଏସବୁ ଖାଦ୍ୟର ମାନ ତଦାରଖ କରିବା ପାଇଁ. ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏକ ଟିମ ଗଠନ କରାଯାଇଛି। ସେମାନେ ବୁଲି ସ୍ଥାନେ ସ୍ଥାନେ ବିକ୍ରି କରାଯାଉଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀର ମାନ ପରୀକ୍ଷା କରାଯିବ ବୋଲି କହିଥିଲେ। ଲଗାଣ ବର୍ଷା ଯୋଗୁଁ ରାୟଗଡାରେ ଦେଖାଦେଇଛି ଝାଡାବାନ୍ତି। ଝାଡାବାନ୍ତି ଉଗ୍ରରୂପ ଧାରଣ କରିଥିବା ବେଳେ ଏହାର ନିରାକରଣ ପାଇଁ ଉଦ୍ୟମ ଜାରିରହିଥିବା କହିଛନ୍ତି ମେଡିକାଲ ଟିମ୍।

## ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଆସିକା, ୧ ।୭ (ନିପ୍ର); ଆସିକା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ କଲେଜଛକ ସ୍ଥିତ ଟେକ୍ନିକାଲ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରତାପ କୁମାର ମହାପାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖାରିଆ ସରପଞ୍ଚ ଜୟନ୍ତୀ ସାହୁ, ଆସିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁନ ରାଣୀ ମହାନ୍ତି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୁନନ୍ଦନ ପଣ୍ଡା, ଜଗଦଳପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ନାରାୟଣ ମହାପାତ୍ର, ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଗୋଲାପଡା (ଭଞ୍ଜନଗର)ର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସେଠୀ, ଟେକ୍ନିକାଲ ହାଇସ୍କୁଲର ଅବସର ପ୍ରାପ୍ତ ହିନ୍ଦୀ ଶିକ୍ଷକ ଅଶୋକ କୁମାର ପଟ୍ଟନାୟକ,ଟେକ୍ନିକାଲ ହାଇ ସ୍କଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତ ପଣ୍ଡା, ଚିନି ଶିଳ୍ପ ହାଇସ୍କଲର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ପାତ୍ର, ଟେକ୍ନିକାଲ ହାଇ ସ୍କୁଲ୍ର ଅବସର ପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ଖାଡଙ୍ଗା ,କାଳିଆ ରେଡ୍ଡୀ, ପାଣ୍ଡବ ପାତ୍ର, ବି କୃଷ୍ଣମୂର୍ତ୍ତି ପାତ୍ର, ସୁମନ୍ତ କୁମାର ପାତ୍ର, ରବୀନ୍ଦ୍ର କୁମାର ପଟ୍ଟାୟକଙ୍କ ଉପସ୍ଥିତରେ ଦୁଇ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ସହିତ ଦୁଇ ପ୍ରଧାନଶିକ୍ଷକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା ।

## ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ରାଉରକେଲା, ୧ ।୭ (ନିପ୍ର); ୟୁଥ ମୁଭମେଣ୍ଟ ଫେଡେରେସନ ଅଫ ଇଣ୍ଡିଆ, ରାଉରକେଲା ପକ୍ଷରୁ ଚଳିତ ବର୍ଷ ବିଭିନ୍ନ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ଏନଆଇଟି ସ୍ଥିତ ତୀର୍ ଅଡ଼ିଟୋରିୟମ ଠାରେ ସମ୍ବର୍ଦ୍ଧିତ କରାଯାଇଛି । ଏଥିରେ ଏନଆଇଟିର ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ନିଟ୍ରାର ସାଧାରଣ ସମ୍ପାଦକ ପ୍ରଫେସର ହୃଷିକେଶ ନାୟକ, ଉତ୍କଳ ମେଲର ମୁଖ୍ୟ ସମ୍ପାଦକ ଡ଼ ପୀତବାସ ମିଶ୍ର, ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ୱାଇଏମଏଫ୍ଆଇର ଅଧ୍ୟକ୍ଷ ଇଂ.ଗୋପୀନାଥ ପଟ୍ଟନାୟକ, ଉପଦେଷ୍ଟା ଇଂ ନଳିନୀକାନ୍ତ ଧର ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ୱାଇଏମଏଫଆଇର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଶ୍ରୀ ଦାସ ସ୍ୱାଗତ ଭାଷଣ ପ୍ରଦାନକରିଥିଲେ। ସିବିଏସସି, ଆଇସିଏସସି ଓ ଓଡିଶା ବୋର୍ଡରୁ ଉତ୍ତୀର୍ଣ୍ଣ ହୋଇଥିବା ଦଶମ, ଦ୍ୱାଦଶ ଶ୍ରେଣୀ ଓ ସମ୍ବଲପୁରୀ ବିଶ୍ୱବିଦ୍ୟାଳୟ ତଥା ଅଟୋନମସ କଲେଜର ଶତାଧିକ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ।

# ଆଡପମଣ୍ଡପରେ ଶୋଭାପାଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ

ରାଉରକେଲା, ୧ ।୭ (ନିପ୍ର): ରଥଯାତ୍ରାର ପଞ୍ଚମ ଦିନ ହୋଇଥିବାରୁ ମଙ୍ଗଳବାର ହେରାପଞ୍ଚମୀ। ହେରା ପଞ୍ଚମୀ କାହିଁକି ପାଳନ କରାଯାଏ । ଏହା କିମ୍ବଦନ୍ତୀ ଅନୁସାରେ, ପ୍ରଭୁ ଶ୍ରୀଜଗନ୍ନାଥ ଲକ୍ଷ୍ମୀଙ୍କ ବିନା ରଥରେ ଯାତ୍ରା ଗୁଣ୍ଡିଚା କରନ୍ତି, ଦେବୀ ଲକ୍ଷ୍ମୀ ଦୁଃଖିତ ଏବଂ ଅଣଦେଖା ଅନୁଭବ କରି ପାଞ୍ଚ ଦିନ ଅପେକ୍ଷା କରିବା ପରେ, ସେ ତାଙ୍କର ଭାବନା ପ୍ରକାଶ କରିବାକୁ ଏବଂ ପ୍ରଭୁଙ୍କୁ ଫେରାଇ ଆଣିବାକୁ ଗୁଣ୍ଡିଚା ମନ୍ଦିରକୁ ଆସନ୍ତି। ସେଠାରେ ମାତା ଲକ୍ଷ୍ମୀ ଆଡପ ମଣ୍ଡପରେ ଶ୍ରୀଜୀଉଙ୍କ ସହିତ ବଡଭାଇ ବଳଭଦ୍ର ଓ ଭଉଣୀ ଶୁଭଦ୍ରାଙ୍କୁ ଦେଖିବା ପରେ, କୌଣସି ଉପାୟ ନପାଇ ରାଗିଯାଇ ରଥର କିଛି ଅଂଶକୁ ଭାଙ୍ଗି ଦେଇ ଶ୍ରୀମନ୍ଦିରକୁ ଫେରିଯାଆନ୍ତି। ଏହା ସେମାନଙ୍କର ମଧୁର ସମ୍ପର୍କକୁ ଦର୍ଶାଏ। ଉଦିତନଗର ପଞ୍ଚଦେବ ସାଂସ୍କୃତିକ ଟ୍ରଷ୍ଟର ରଥ ରାଉରକେଲା ରେଳ ଷ୍ଟେସନ ନିକଟସ୍ଥ ସଙ୍କଟ ମୋଚନ ମନ୍ଦିର ପରିସରରେ ପହଞ୍ଚିଛି। ରଥକୁ ସଙ୍କଟ ମୋଚନ ପରିସରରେ ଥିବା ମାଉସୀ ମାଆ ମନ୍ଦିରକୁ



ଅଣାଯାଇଥିଲା। ସଂକଟମୋଚନ ମନ୍ଦିର ପରିସରସ୍ଥ ଆଡପ ମଣ୍ଡପରେ ବିଜେ ହୋଇଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରୀତିନୀତି ଅନୁଷ୍ଠିତ ହେବା ପରେ ମଧ୍ୟାହ୍ନରେ ମହାପ୍ରଭୁଙ୍କୁ ଭୋଜନ ପ୍ରଦାନ କରିବା ପରେ ଭକ୍ତମାନଙ୍କ ମଧ୍ୟରେ ପ୍ରସାଦ ବଣ୍ଟନ କରାଯାଇଥିଲା। ଶହ ଶହ ଭକ୍ତ ସଙ୍କଟ ମୋଚନ ମନ୍ଦିର ସମ୍ମୁଖରେ ପ୍ରସାଦ ସେବନ କରିଥିଲେ। ବହୁ ଭକ୍ତ କୁପନ୍ ସାହାଯ୍ୟରେ ଘରକୁ ପ୍ରସାଦ ମଧ୍ୟ ନେଇଥିଲେ। ସନ୍ଧ୍ୟାରେ ହେରା ପଞ୍ଚମୀ ପୂଜା ଅନୁଷ୍ଠିତ ହେବ। ମଧ୍ୟାହ୍ନରେ ଶ୍ରୀଜଗନ୍ନାଥଙ୍କ ପୂଜା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ରଥଯାତ୍ରା ପାଇଁ ରାଉରକେଲା ସହରର ମାଉସୀ ମା ମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି। ହେରା ପଞ୍ଚମୀର ସନ୍ଧ୍ୟା ସମୟରେ ଅନେକ ମନ୍ଦିର କମିଟି ଦ୍ୱାରା ଭଜନ ମଧ୍ୟ ଆୟୋଜନ କରାଯାଇଛି। ସେହିପରି ପାନପୋଷ ରୋଡରେ ଥିବା ତାରଣୀ ମନ୍ଦିର ପରିସରରେ ଥିବା ଜଗନ୍ନାଥ ମନ୍ଦିରର ରଥ ଏସଟିଆଇ ଯୋଡା ପାଣି ଟାଙ୍କି ନିକଟରେ ଥିବା ମାଉସୀ ମାଆ ମନ୍ଦିରକୁ ଆସିଛି। ସେହିପରି ପ୍ଲାଣ୍ଟସାଇଟ୍ ଜଗନ୍ନାଥ ମନ୍ଦିରର ରଥ ପାୱାର ହାଉସ୍ ରୋଡ୍ ସ୍ଥିତ ମାଉସୀ ମାଆ ମନ୍ଦିରକୁ ମଧ୍ୟ ଆସିଛି। ରାଉରକେଲା ସହର ସମେତ ଷ୍ଟିଲ୍ ଟାଉନସିପରେ ଅଞ୍ଚଳରେ ରଥରେ ଶ୍ରୀବିଗ୍ରହମାନଙ୍କୁ ମାଉସୀ ମାଆ ମନ୍ଦିରକୁ ଅଣାଯାଇଛି। ବିଭିନ୍ନ ମନ୍ଦିର କମିଟି ପକ୍ଷରୁ ଭଜନ ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

## ପ୍ରବାସୀ ଶ୍ରମିକ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଇନ ସଚେତନତା

ଧର୍ମଗଡ, ୧ ।୭ (ନିପ୍ର): ତାଲୁକ ଆଇନ ସେବା ସମିତି ଧର୍ମଗଡ ଦ୍ୱାରା ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଅତିରିକ୍ତ ଜିଲ୍ଲା ଜଜ ତଥା ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ରବାସୀ ଶ୍ରମିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଅତିରିକ୍ତ ଶ୍ରମିକ




ଅଧିକାରୀ ପ୍ରସଂଜିତ ମାଝୀ, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଦେୱାନୀ ବିଚାରପତି ଇପ୍ସି ମହାନ୍ତି, ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ବିଚାରପତି ପ୍ରଜ୍ଞାପରମିତା ସ୍ୱାଇଁ, ବରିଷ୍ଠ ଆଇନଜୀବୀ ଦିଗାମ୍ବର ଦୁରିଆ, ମିହିର ରଞ୍ଜନ ପଟ୍ଟଯୋଶୀ, ଧର୍ମଗଡ଼ ଆଇନଜୀବୀ ସଂଘର ସଭାପତି ବସନ୍ତ ଠାକୁର, ବରିଷ୍ଠ ଓକିଲ ତଥା ତାଲୁକ ଆଇନ ସେବା ସମିତି ସଦସ୍ୟା ସଂଯୁକ୍ତା ପଣ୍ଡା, ଜନ କଲ୍ୟାଣ ଶ୍ରମିକ ସଙ୍ଘର ସଭାପତି ମୁପୀନ୍ଦ୍ର ସୁନାନୀ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଶ୍ରୀ ମାଝୀ ଉପସ୍ଥିତ ଜନସାଧାରଣମାନଙ୍କୁ ପ୍ରବାସୀ ଶ୍ରମିକମାନେ ପ୍ରବାସୀ ହେବା ସମୟରେ କଣ କଣ ସତର୍କତା ଅବଲମ୍ବନ କରିବେ ତାହା ଉପରେ କହିବା ସହିତ ସରକାରଙ୍କ ତରଫରୁ ପ୍ରବାସୀ ଶ୍ରମିକ ପାଇଁ ଦିଆଯାଉଥିବା ସରକାରୀ ଯୋଜନା ଉପରେ ଅବଗତ କରାଇଥିଲେ । ଏହି ଅବସରରେ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଶ୍ରୀ ପ୍ରଧାନ କହିଥିଲେ ଯେ ରାଷ୍ଟ୍ରର ଗଠନରେ ଶ୍ରମିକମାନଙ୍କର ଅବଦାନ ନଗଣ୍ୟ, ସେ ପ୍ରବାସୀ ଶ୍ରମିକମାନଙ୍କୁ ସରକାରଙ୍କ ତରଫରୁ ଦିଆଯାଉଥିବା ବହୁ ପ୍ରକାରର କାମର ଲାଭ ଉଠାଇ ନିଜ ନିଜ ଗ୍ରାମର ବିକାଶ ଓ ନିଜର ତଥା ପରିବାରର ବିକାଶ ପ୍ରତି ଦୃଷ୍ଟି ଦେବା ପାଇଁ କହିଥିଲେ ।

# ନିଯୁକ୍ତି-ସଂଯୁକ୍ତ ପ୍ରୋତ୍ସାହନ ଯୋଜନାକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରି



ନୂଆଦିଲ୍ଲୀ,୧।୭ କେନ୍ଦ୍ର କ୍ୟାବିନେଟ୍ ସମସ୍ତ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି ଏବଂ ସାମାଜିକ ସୁରକ୍ଷା ପ୍ରଦାନ କରିବା ପାଇଁ ନିଯୁକ୍ତି-ସଂଯୁକ୍ତ ପ୍ରୋତ୍ସାହନ ଯୋଜନାକୁ ମଞ୍ଜୁରୀ ଦେଇଛି। ଏହାର ବିଶେଷ ଲକ୍ଷ୍ୟ ଉତ୍ପାଦନ କ୍ଷେତ୍ର ଉପରେ ରହିଛି। ଆଜି ନୂଆଦିଲ୍ଲୀରେ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ଏହି ଯୋଜନା ଅଧୀନରେ ପ୍ରଥମ ଥର ପାଇଁ କର୍ମଚାରୀମାନେ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଏକ ମାସର ମଜୁରୀ ପାଇବେ। ସେ କହିଛନ୍ତି ଯେ ନିଯୁକ୍ତିଦାତାମାନଙ୍କୁ ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବା ପାଇଁ ଦୁଇ ବର୍ଷ ପର୍ଯ୍ୟନ୍ତ ପ୍ରୋତ୍ସାହନ ଦିଆଯିବ, ଉତ୍ପାଦନ କ୍ଷେତ୍ର ପାଇଁ ଆହୁରି ଦୁଇ ବର୍ଷ ପାଇଁ ଅତିରିକ୍ତ ଲାଭ ଦିଆଯିବ। ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ସରକାର ଅତି କମରେ ଛଅ ମାସ ପାଇଁ ସ୍ଥାୟୀ ନିଯୁକ୍ତି ସହିତ ପ୍ରତ୍ୟେକ ଅତିରିକ୍ତ କର୍ମଚାରୀଙ୍କ ପାଇଁ ନିଯୁକ୍ତିଦାତାମାନଙ୍କୁ ଦୁଇ ବର୍ଷ ପାଇଁ ପ୍ରତି ମାସରେ ତିନି ହଜାର ପର୍ଯ୍ୟନ୍ତ ପ୍ରୋତ୍ସାହନ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ପାଞ୍ଚଟି ଯୋଜନାର ପ୍ୟାକେଜର ଅଂଶ ଭାବରେ ନିଯୁକ୍ତି-ସଂଯୁକ୍ତ ପ୍ରୋତ୍ସାହନ ଯୋଜନା ଘୋଷଣା କରାଯାଇଥିଲା ଯାହାର ମୋଟ ବଜେଟ୍ ଦୁଇ ଲକ୍ଷ କୋଟି ଟଙ୍କା। ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ କେନ୍ଦ୍ର କ୍ୟାବିନେଟ୍ ଏକ ଲକ୍ଷ କୋଟି ଟଙ୍କା କର୍ପସ ସହିତ ଗବେଷଣା ବିକାଶ ଏବଂ ନବସୃଜନ ଯୋଜନାକୁ ମଧ୍ୟ ମଞ୍ଜୁରୀ ଦେଇଛି। ଏହି ଯୋଜନାର ଲକ୍ଷ୍ୟ ଦେଶର ଗବେଷଣା ଏବଂ ନବସୃଜନ ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ଘରୋଇ କ୍ଷେତ୍ର ନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ଦୀର୍ଘକାଳୀନ ଆର୍ଥିକ ସହାୟତା କିମ୍ବା ପୁନଃଅର୍ଥ ପ୍ରଦାନ କରିବା। ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁସନ୍ଧାନ ଜାତୀୟ ଗବେଷଣା ଫାଉଣ୍ଡେସନର ପରିଚାଳନା ବୋର୍ଡ ଗବେଷଣା ବିକାଶ ଏବଂ ନବସୃଜନ ଯୋଜନାକୁ ବ୍ୟାପକ ରଣନୈତିକ ଦିଗ ପ୍ରଦାନ କରିବ। ଶ୍ରୀ ବୈଷ୍ଣବ ଆହୁରି କହିଛନ୍ତି ଯେ ଦେଶର କ୍ରୀଡ଼ା ଦୃଶ୍ୟପଟକୁ ପରିବର୍ତ୍ତନ କରିବା ଏବଂ ନାଗରିକମାନଙ୍କୁ କ୍ରୀଡ଼ା କାର୍ଯ୍ୟକଳାପ ସହିତ ସଶକ୍ତ କରିବା ପାଇଁ ଜାତୀୟ କ୍ରୀଡ଼ା ନୀତି ୨୦୨୫ ମଧ୍ୟ ଅନୁମୋଦନ କରାଯାଇଛି। ସେ କହିଛନ୍ତି ଯେ, ଏହି ନୀତି କାର୍ଯ୍ୟକାରୀ ହେବା ସହିତ, ବିଶ୍ୱର ଶ୍ରେଷ୍ଠ ପାଞ୍ଚଟି କ୍ରୀଡ଼ା ରାଷ୍ଟ୍ର ହେବା ଲକ୍ଷ୍ୟ ରଖାଯାଇଛି। ସେ ଆଲୋକପାତ କରିଥିଲେ ଯେ ଏହି ନୀତି ପ୍ରତିଭାର ପ୍ରାରମ୍ଭିକ ଚିହ୍ନଟ ଏବଂ ପୋଷଣ ସହିତ ତୃଣମୂଳ ସ୍ତରରୁ ଉଚ୍ଚସ୍ତରୀୟ ସ୍ତର ପର୍ଯ୍ୟନ୍ତ କ୍ରୀଡ଼ା କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛି। ସୂଚନା ସମୟରେ ଶ୍ରୀ ବୈଷ୍ଣବ କହିଥିଲେ ଯେ କେନ୍ଦ୍ର କ୍ୟାବିନେଟ ତାମିଲନାଡୁରେ ଏକ ହଜାର ୮୫୩ କୋଟି ଟଙ୍କା ବ୍ୟୟରେ ଚାରି ଲେନ୍ ପରମାକୁଡି-ରାମନାଥପୁରମ ସେକ୍ସନ ନିର୍ମାଣ ପାଇଁ ମଧ୍ୟ ମଞ୍ଜୁରୀ ପ୍ରଦାନ କରିଛି। ଏହି ପ୍ରକଳ୍ପର ମୋଟ ଲମ୍ବ ୪୬.୭ କିଲୋମିଟର ହେବ ଏବଂ ଏହା ପ୍ରମୁଖ ଧାର୍ମିକ ଓ ଆର୍ଥିକ କେନ୍ଦ୍ରଗୁଡ଼ିକ ମଧ୍ୟରେ ସଂଯୋଗକୁ ସୁଦୃଢ଼ କରି ସୁଗମ ସଂଯୋଗୀକରଣ ପ୍ରଦାନ କରିବ ଓ ରାମେଶ୍ୱରମ୍ ଏବଂ ଧନୁଷକୋଡିକୁ ପର୍ଯ୍ୟଟନକୁ ବୃଦ୍ଧି କରିବ।

## ଜୁନରେ ୧.୮୪ ଲକ୍ଷ କୋଟି ଛୁଇଁଲା ଜିଏସଟି ରାଜସ୍ୱ

ନୂଆଦିଲ୍ଲୀ,୧।୭: ନିକଟରେ ସମାପ୍ତ ଜୁନ ମାସରେ ଦେଶର ଜିଏସଟି ସଂଗ୍ରହ ୬.୨ ପ୍ରତିଶତ ବୃଦ୍ଧି ପାଇ ୧.୮୪ ଲକ୍ଷ କୋଟିରେ ପହଞ୍ଚିଛି । ଗତ ବର୍ଷ ଜୁନ ମାସରେ ଏହା ୧ ଲକ୍ଷ ୭୩ ହଜାର ୮୧୩ କୋଟି ଟଙ୍କା ଥିଲା ଓ ଗତ ମେ ମାସ (ମେ ୨୦୨୫)ରେ ଜିଏସଟି ସଂଗ୍ରହ ୨.୦୧ ଲକ୍ଷ କୋଟି ଟଙ୍କା ଥିଲା । ମଙ୍ଗଳବାର ଜାରି ଅର୍ଥ ମନ୍ତ୍ରାଳୟ ତଥ୍ୟ ଅନୁସାରେ ଜୁନ ମାସରେ ଆଦାୟ ୧.୮୪ ଲକ୍ଷ କୋଟି ମଧ୍ୟରୁ କେନ୍ଦ୍ରୀୟ ଜିଏସଟି ରାଜସ୍ୱ ୩୪,୫୫୮ କୋଟି ଟଙ୍କା ଥିଲା, ରାଜ୍ୟ ଜିଏସଟି ୪୩,୨୬୮ କୋଟି ଟଙ୍କା ଥିଲା ଓ ସମନ୍ୱିତ ଜିଏସଟି ରାଜସ୍ୱ ୯୩,୨୮୦ କୋଟି ଟଙ୍କା ଥିଲା । ସେହିପରି ସେସ ରାଜସ୍ୱ ୧୩,୪୯୧ କୋଟି ଟଙ୍କା ଥିଲା । ଏହି ମାସରେ ମୋଟ ରିଫଣ୍ଡ ୨୮.୪ ପ୍ରତିଶତ ବୃଦ୍ଧି ପାଇ ୨୫,୪୯୧ କୋଟି ଟଙ୍କାରେ ପହଞ୍ଚିଛି। ନେଟ୍ ଜିଏସଟି ସଂଗ୍ରହ ବର୍ଷ ବର୍ଷ ଧରି ୩.୩ ପ୍ରତିଶତ ବୃଦ୍ଧି ପାଇ ୧.୫୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି।

## ଔଷଧ କାରଖାନା ବିସ୍ଫୋରଣ ମୃତ୍ୟୁସଂଖ୍ୟା ୩୫ ଛୁଇଁଲା

ସାଙ୍ଗାରେଡ୍ଡି,୧।୭: ତେଲେଙ୍ଗାନାର ସାଙ୍ଗାରେଡ୍ଡି ଜିଲ୍ଲାରେ ଏକ ଔଷଧ କାରଖାନାରେ ସୋମବାର ଦିନ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଏବେ ସୁଦ୍ଧା ୩୫ ଜଣଙ୍କର ମୃତ୍ୟୁ ଘଟି ସାରିଲାଣି। ଏବେ ବି ଧ୍ୱଂସପ୍ରାପ୍ତ ସ୍ଥାନରୁ ଭଗ୍ନାବଶେଷ ସଫା କାର୍ଯ୍ୟ ଜାରି ରହିଛି। ଉଦ୍ଧାରକାରୀମାନେ ଅନେକଙ୍କୁ ଉଦ୍ଧାର କରି ସାରିଥିବା ବେଳେ ଆହୁରି କିଛି ଜଣ ଫସି ରହିଛନ୍ତି ବୋଲି ସନ୍ଦେହ କରାଯାଉଛି। ଏନେଇ ଜିଲ୍ଲା ପୁଲିସ ଅଧୀକ୍ଷକ ପାରିତୋଷ ପଙ୍କଜ ମଙ୍ଗଳବାର ଦିନ ପଶାମିଲାରାମର ସିଗାଚି ଇଣ୍ଡଷ୍ଟ୍ରିଜ୍ ଫାର୍ମା ପ୍ଲାଣ୍ଟ (ଔଷଧ କାରଖାନା)ରେ ବିସ୍ଫୋରଣରେ ମୃତ ଲୋକଙ୍କ ସଂଖ୍ୟା ନିଶ୍ଚିତ କରିଛନ୍ତି। ଭଗ୍ନାବଶେଷରୁ ମଧ୍ୟ ଅନେକ ମୃତଦେହକୁ ଉଦ୍ଧାର କରାଯାଇଛି। ତେବେ ସେଠାରୁ ଉଦ୍ଧାର କରାଯାଇ ଲୋକମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ନିଆଯାଇଛି। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତିନି ଜଣଙ୍କ ମୃତ୍ୟୁ ହୋଇଛି।

## ଆଇଆଇଟି ବମ୍ବେରେ ପରିଚୟ ଲୁଚାଇ ୧୪ ଦିନ ରହିଲେ ନକଲି ଛାତ୍ର

ମୁମ୍ବାଇ,୧।୭: ନିଜକୁ ଆଇଆଇଟି ବମ୍ବେର ଛାତ୍ର ବୋଲି ଉପସ୍ଥାପନ କରି କଲେଜ କ୍ୟାମ୍ପସରେ ରହିଥିବା ଜଣେ ୨୨ ବର୍ଷୀୟ ଯୁବକଙ୍କୁ ଗତ ସପ୍ତାହରେ ଗିରଫ କରାଯାଇଥିଲା। ଏବେ ତାଙ୍କୁ ଜେରା କରିବାରୁ ନୂଆ ନୂଆ ତଥ୍ୟ ସବୁ ହସ୍ତଗତ ହେବାରେ ଲାଗିଛି। ଛାତ୍ର ରୂପଧାରୀ ନକଲି ଯୁବକ ଜଣକ ହେଉଛନ୍ତି ବିଲାଲ ଅହମଦ ତେଲି। ଘଟଣା ସଂପର୍କରେ ଜୁନ ୨୬ ତାରିଖରେ ଜାଣିବାକୁ ମିଳିଲା। ବିଲାଲଙ୍କୁ ସୋଫାରେ ଶୋଇଥିବାର ଦେଖି ଆଇଆଇଟି-ବମ୍ବେର ଜଣେ କର୍ମଚାରୀଙ୍କ ମନରେ ସନ୍ଦେହ ଉପୁଜିଥିଲା। କର୍ମଚାରୀ ତାଙ୍କୁ ପଚାରିଲେ ଯେ ସେ କିଏ, କିନ୍ତୁ ବିଲାଲ ପ୍ରଶ୍ନର ଉତ୍ତର ନ ଦେଇ ପଳାଇଗଲେ। ଏହା ପରେ ଅଧିକାରୀମାନେ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଜାଣିବାକୁ ପାଇଲେ ଯେ ସେ ସେଠାକାର ଛାତ୍ର ନୁହନ୍ତି। ଛାତ୍ର ନହେବା ସତ୍ତ୍ୱେ ବି ଗତ କିଛି ଦିନ ଧରି କ୍ୟାମ୍ପସରେ ବୁଲୁଛନ୍ତି। ଅଧିକାରୀମାନେ ଅଭିଯୋଗ ଦାଖଲ କରିବାରୁ ପୁଲିସ୍ ବିଲାଲଙ୍କୁ ଗିରଫ କରିଥିଲା। ତାଙ୍କୁ ୭ ଜୁଲାଇ ପର୍ଯ୍ୟନ୍ତ ୧୪ ଦିନର ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। ସେ ନିଜକୁ ପିଏଚଡି ଛାତ୍ର ଭାବରେ ପରିଚୟ ଦେଉଥିଲେ ଏବଂ ନକଲି ପ୍ରବେଶ ପତ୍ର ବ୍ୟବହାର କରୁଥିଲେ। ମୁମ୍ବାଇ କ୍ରାଇମବ୍ରାଞ୍ଚ ସୂତ୍ର ଅନୁଯାୟୀ, ରହଣି ସମୟରେ ବିଲାଲ୍ ୨୧ଟି ମେଲ୍ ଆଇଡି ତିଆରି ଖୋଲିଥିଲେ।

## ମସ୍କଙ୍କ ନୂଆ ରାଜନୈତିକ ଦଳ 'ଆମେରିକା ପାର୍ଟି' !

ୱାସିଂଟନ,୧।୭: ଶିଳ୍ପପତି ଏଲନ ମସ୍କ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟର ତିକ୍ତତା ଆହୁରି ବଢିଯାଇଛି । ସଂପର୍କ ଏତେ ଖରାପ ହୋଇଯାଇଛି ଯେ ମସ୍କଙ୍କୁ ତାଙ୍କ ମୂଳ ଦେଶ ଦକ୍ଷିଣ ଆଫ୍ରିକାକୁ ପ୍ରତ୍ୟାର୍ପଣ କରିବାକୁ ଧମକ ଦେଇଛନ୍ତି ଟ୍ରମ୍ପ । ଏହାର ଜବାବରେ ଏକ ନୂଆ ରାଜନୈତିକ ଦଳ ଗଠନ କରିବାକୁ ଘୋଷଣା କରିଛନ୍ତି ମସ୍କ । ଏହାର ନାଁ ରହିବ 'ଆମେରିକା ପାର୍ଟି'। ମସ୍କ କହିଛନ୍ତି ଯେ ଯଦି ଡୋନାଲ୍ଡ ଟ୍ରମ୍ପଙ୍କ 'ୱାନ୍ ବିୟୁଟିଫୁଲ୍ ବିଲ୍' ଆମେରିକା ସଂସଦରେ ଗୃହୀତ ହୁଏ, ତେବେ ସେ ପରଦିନ ଏକ ନୂତନ ରାଜନୈତିକ ଦଳ ଆନୁଷ୍ଠାନିକଭାବେ ଘୋଷଣା କରିବେ। ସେ ଟ୍ରମ୍ପଙ୍କ ବିଲକୁ ସମାଲୋଚନା କରିଛନ୍ତି ଏବଂ ଏହାକୁ ଋଣ ଏବଂ ଦାସତ୍ୱର ବିଲ୍ ବୋଲି କହିଛନ୍ତି। ବର୍ତ୍ତମାନ, ଡୋନାଲ୍ଡ ଟ୍ରମ୍ପଙ୍କ 'ୱାନ୍ ବିୟୁଟିଫୁଲ୍ ବିଲ୍' ଉପରେ ସିନେଟରେ ଆଲୋଚନା ହେଉଛି। ମସ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଲେଖିଛନ୍ତି ଯେ ଯଦି ଏହି ବିଲ୍ ଗୃହୀତ ହୁଏ, ତେବେ ସଂସଦର ପ୍ରତ୍ୟେକ ସଦସ୍ୟ ଲଜ୍ଜିତ ହେବା ଉଚିତ, ଯେଉଁମାନେ ସରକାରୀ ଖର୍ଚ୍ଚ ହ୍ରାସ କରିବା ପାଇଁ ଅଭିଯାନ ଚଳାଇଥିଲେ ଏବଂ ତା'ପରେ ଇତିହାସର ସବୁଠାରୁ ବଡ଼ ଋଣ ବୃଦ୍ଧି ପାଇଁ ଭୋଟ ଦେଇଥିଲେ। ମୁଁ ଭାବୁଛି ଏହି ବିଲ୍ ପାସ୍ ହେବା ପରେ, ଦେଶରେ ଏକ ନୂତନ ରାଜନୈତିକ ଦଳର ଆବଶ୍ୟକତା ପଡ଼ିବ।

## ନିଜ ଲୋକଙ୍କୁ ସୁରକ୍ଷା ଦେବାର ଅଧିକାର ଭାରତର ଅଛି : ଜୟଶଙ୍କର



ନ୍ୟୁୟର୍କ,୧।୭ : କ୍ୱାଡ୍ ବୈଦେଶିକ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ଭାରତର ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର ଆମେରିକାର ନ୍ୟୁୟର୍କରେ ପହଞ୍ଚିଛନ୍ତି। ବୈଠକ ପୂର୍ବରେ ସେ ଜାପାନର ବୈଦେଶିକ ମନ୍ତ୍ରୀ ଟାକେଶି ଇୱାୟାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଏହି ବୈଠକ ଅବସରରେ ସେ ଆତଙ୍କବାଦକୁ ନେଇ ଭାରତର ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି । ବୈଠକରେ ଜୟଶଙ୍କର କହିଛନ୍ତି "ଆତଙ୍କବାଦକୁ ନେଇ ଭାରତ କଠୋର ଆଭିମୁଖ୍ୟ ରଖୁଛି । ସମଗ୍ର ବିଶ୍ୱକୁ ମଧ୍ୟ ଆତଙ୍କବାଦ ପ୍ରତି ଶୂନ ସହନଶୀଳତା ମନୋଭାବ ଦେଖାଇବାକୁ ପଡ଼ିବ । ଯେଉଁମାନେ ଆତଙ୍କବାଦର ଶିକାର ହୁଅନ୍ତି ଏବଂ ଯେଉଁମାନେ ଏହାକୁ ବିସ୍ତାର କରନ୍ତି ସେମାନଙ୍କୁ ସମାନ ଭାବରେ ଦେଖାଯାଇପାରିବ ନାହିଁ। ଭାରତର ନିଜ ଲୋକଙ୍କୁ ସୁରକ୍ଷା ଦେବାର ସମ୍ପୂର୍ଣ୍ଣ ଅଧିକାର ଅଛି, ଏବଂ ଆମେ ନିଶ୍ଚିତ ଭାବରେ ଏହି ଅଧିକାରକୁ ବ୍ୟବହାର କରିବୁ। ଆମେ ଆଶା କରୁଛୁ ଯେ ଆମର କ୍ୱାଡ୍ ଅଂଶୀଦାରମାନେ ଏହାକୁ ବୁଝିବେ ଏବଂ ସମର୍ଥନ କରିବେ।" ସେ ଆହୁରି ମଧ୍ୟ ସ୍ପଷ୍ଟଭାବରେ କହିଛନ୍ତି ଯେ ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାର ଅଧିକାର ଅଛି । ଆତଙ୍କବାଦୀ ଯେଉଁଠାରେ ବି ଥାନ୍ତୁ, ଭାରତ ସେଠାକୁ ଯାଇ ସେମାନଙ୍କୁ ଶେଷ କରିବ ।

## ଘର ସାମ୍ନାରୁ ୨ବର୍ଷର ଶିଶୁକୁ ଝାମ୍ପି ନେଇଗଲା ବାଘ

ନୂଆଦିଲ୍ଲୀ,୧।୭: ଉତ୍ତରପ୍ରଦେଶର ବିଜନୌରରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଘର ସାମ୍ନାରେ ଭାଇ ସହିତ ଖେଳୁଥିବା ବେଳେ ୨ବର୍ଷର ଶିଶୁକୁ ବାଘ ଝାମ୍ପି ନେଇ ଜୀବନ ନେଇଯାଇଥିବା ଗ୍ରାମବାସୀ ବନବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ ବାଘ ଏଯାବତ ୨୮ଜଣ ଲୋକଙ୍କ ଜୀବନ ନେଇ ସାରିଲାଣି। ସୂଚନାଯୋଗ୍ୟ, ବିଜନୌର ମଣ୍ଡାବର ଅଞ୍ଚଳସ୍ଥ କୋହରୀପୁର ଗ୍ରାମର ବାସିନ୍ଦା ରାଜକୁମାର ଗ୍ରାମ ନିକଟସ୍ଥ ଜମିରେ ଚାଷ କାମ କରନ୍ତି। ଘଟଣାଦିନ ରାଜକୁମାର ତାଙ୍କ ସ୍ତ୍ରୀଙ୍କ ସହିତ ଚାଷଜମିକୁ ପନିପରିବା ତୋଳିବା ପାଇଁ ଯାଇଥିଲେ। ଏହି ସମୟରେ ରାଜକୁମାରଙ୍କ ପୁଅ ହର୍ଷିତଔର ଓ ତାଙ୍କ ୨ବର୍ଷର ପୁଅ ମୟଙ୍କ ଘର ସାମ୍ନାରେ ଖେଳୁଥିଲେ। ଏତିକି ବେଳେ ଏକ ବାଘ ଆସି ଶିଶୁ ମୟଙ୍କଙ୍କୁ ଝାମ୍ପି ନେଇ ନିକଟସ୍ଥ ଜଙ୍ଗଲକୁ ଚାଲି ଯାଇଥିଲା।

## ସୁପ୍ରିମକୋର୍ଟରେ ଲାଗୁ ହେଲା ସଂରକ୍ଷଣ ବ୍ୟବସ୍ଥା



ନୂଆଦିଲ୍ଲୀ,୧।୭: ସୁପ୍ରିମକୋର୍ଟ ଏକ ଐତିହାସିକ ନିଷ୍ପତ୍ତି ନେଇ ଅନୁସୂଚିତ ଜାତି (ଏସସି) ଏବଂ ଅନୁସୂଚିତ ଜନଜାତି (ଏସ୍‌ଟି) ବର୍ଗ ପାଇଁ କର୍ମଚାରୀଙ୍କ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ପଦୋନ୍ନତିରେ ସଂରକ୍ଷଣର ଆନୁଷ୍ଠାନିକ ନୀତି କାର୍ଯ୍ୟକାରୀ କରିଛନ୍ତି। ସୁପ୍ରିମକୋର୍ଟର ସମସ୍ତ କର୍ମଚାରୀଙ୍କୁ ଜାରି ଏକ ସର୍କୁଲାରରେ ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦିଆଯାଇଛି। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ, ସୁପ୍ରିମକୋର୍ଟରେ କର୍ମଚାରୀଙ୍କ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ପଦୋନ୍ନତିରେ ୧୫ ପ୍ରତିଶତ ପଦବୀ ଏସସି ବର୍ଗ ପାଇଁ ଏବଂ ୭.୫ ପ୍ରତିଶତ ଏସଟି ବର୍ଗ ପାଇଁ ସଂରକ୍ଷିତ ରହିବ। ଏହି ବ୍ୟବସ୍ଥା ୨୩ ଜୁନ୍ ୨୦୨୫ରୁ କାର୍ଯ୍ୟକାରୀ ହୋଇଛି। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ, ସୁପ୍ରିମକୋର୍ଟରେ କର୍ମଚାରୀଙ୍କ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ପଦୋନ୍ନତିରେ ୧୫ ପ୍ରତିଶତ ପଦବୀ ଏସସି ବର୍ଗ ପାଇଁ ଏବଂ ୭.୫ ପ୍ରତିଶତ ଏସଟି ବର୍ଗ ପାଇଁ ସଂରକ୍ଷିତ ରହିବ। ଏଠାରେ ଏହା ମଧ୍ୟ ସ୍ପଷ୍ଟ କରିଦେବା ଉଚିତ ଯେ ଏହି ସଂରକ୍ଷଣ ବିଚାରପତିଙ୍କ ପାଇଁ ନୁହେଁ ବରଂ ଏହି ନୀତି ରେଜିଷ୍ଟ୍ରାର, ବରିଷ୍ଠ ବ୍ୟକ୍ତିଗତ ସହାୟକ, ସହାୟକ ଲାଇବ୍ରେରିଆନ୍, ଜୁନିଅର କୋର୍ଟ ଆସିଷ୍ଟାଣ୍ଟ ଏବଂ ଚାମ୍ବର ଆଟେଣ୍ଡାଣ୍ଟ ଭଳି ଅନେକ ପଦବୀରେ ପ୍ରଯୁଜ୍ୟ ହେବ।

## ଜଳବାୟୁ ପରିବର୍ତ୍ତନ ପାଇଁ ବିପଦରେ ଅଧିକାଂଶ ବିଶ୍ୱ ଐତିହ୍ୟ ସ୍ଥଳ: ଜାତିସଂଘ

ନୂଆଦିଲ୍ଲୀ,୧।୭: ଜାତିସଂଘର ସାଂସ୍କୃତିକ ସଂଗଠନ ୟୁନେସ୍କୋ ଏକ ସାମ୍ପ୍ରତିକ ରିପୋର୍ଟରେ ଚେତାବନୀ ଦେଇଛି ଯେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ମରୁଡ଼ି ଏବଂ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ହେତୁ ବିଶ୍ୱର ଅଧିକାଂଶ ଐତିହ୍ୟ ସ୍ଥଳ ଗୁରୁତର ବିପଦରେ ଅଛି। ଏହି ରିପୋର୍ଟ ଅନୁସାରେ, ବିଶ୍ୱ ଐତିହ୍ୟ ସ୍ଥଳଗୁଡ଼ିକ, ଯାହା ମାନବ ସଭ୍ୟତାର ଅମୂଲ୍ୟ ସମ୍ପଦ ଭାବେ ବିବେଚିତ, ତାପମାତ୍ରା ବୃଦ୍ଧି, ସମୁଦ୍ର ପତ୍ତନ ବୃଦ୍ଧି, ଏବଂ ଅତ୍ୟଧିକ ପାଗ ପରିବର୍ତ୍ତନ ଯୋଗୁଁ କ୍ଷତିଗ୍ରସ୍ତ ହେବାର ଆଶଙ୍କାରେ ରହିଛି। ୟୁନେସ୍କୋର ତଥ୍ୟ ଅନୁସାରେ, ବିଶ୍ୱବ୍ୟାପୀ ୧୧୫୪ଟି ବିଶ୍ୱ ଐତିହ୍ୟ ସ୍ଥଳ ମଧ୍ୟରୁ ପ୍ରାୟ ୭୦% ସ୍ଥଳ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁଁ ବିପଦରେ ଅଛି। ଏହି ସ୍ଥଳଗୁଡ଼ିକରେ ଐତିହାସିକ ନଗରୀ, ପୁରାତନ ମନ୍ଦିର, ପ୍ରାଚୀନ ସହର ଏବଂ ପ୍ରାକୃତିକ ସମ୍ପଦ ଅନ୍ତର୍ଭୁକ୍ତ। ମୁଖ୍ୟତଃ ଏହି ସ୍ଥଳଗୁଡ଼ିକ ମରୁଡ଼ି, ବନ୍ୟା, ଭୂସ୍ଖଳନ, ଏବଂ ଅତ୍ୟଧିକ ଗରମ ପାଗ ଯୋଗୁଁ କ୍ଷତିଗ୍ରସ୍ତ ହେଉଛି। ତେବେ ଭେନିସ୍, ଇଟାଲୀ: ସମୁଦ୍ର ପତ୍ତନ ବୃଦ୍ଧି ଯୋଗୁଁ ଏହି ଐତିହାସିକ ସହର ବାରମ୍ବାର ବନ୍ୟାରେ ଜଳମଗ୍ନ ହେଉଛି, ଯାହା ଏହାର ପୁରାତନ ସ୍ଥାପତ୍ୟକୁ କ୍ଷତି ପହଞ୍ଚାଉଛି। ସେହିପରି ପେଟ୍ରା, ଜୋର୍ଡାନରେ ମରୁଡ଼ି ଏବଂ ଅତ୍ୟଧିକ ତାପମାତ୍ରା ଏହି ପ୍ରାଚୀନ ସହରର ପଥର ନିର୍ମିତ ସ୍ମାରକୀଗୁଡ଼ିକୁ ନଷ୍ଟ କରୁଛି। ଅନ୍ୟପକ୍ଷେ ସୁନ୍ଦରବନ, ଭାରତ-ବାଂଲାଦେଶ: ସମୁଦ୍ର ପତ୍ତନ ବୃଦ୍ଧି ଏବଂ ବାତ୍ୟା ଯୋଗୁଁ ଏହି ମ୍ୟାଙ୍ଗ୍ରୋଭ ଜଙ୍ଗଲ ଏବଂ ଏହାର ଜୈବବିବିଧତା ବିପଦରେ ଅଛି। ୟୁନେସ୍କୋ ଏବଂ ଅନ୍ୟାନ୍ୟ ବୈଜ୍ଞାନିକ ଅନୁଷ୍ଠାନର ଗବେଷଣା ଅନୁସାରେ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ପୃଥିବୀର ହାରାହାରି ତାପମାତ୍ରା ବୃଦ୍ଧି ପାଉଛି, ଯାହା ଗ୍ରୀନହାଉସ୍ ଗ୍ୟାସ ନିର୍ଗମନ, ଯଥା କାର୍ବନ ଡାଇଅକ୍ସାଇଡ୍ ଏବଂ ମିଥେନ୍‌ର ବୃଦ୍ଧି ଦ୍ୱାରା ପ୍ରଭାବିତ। ଭାରତରେ ଅନେକ ବିଶ୍ୱ ଐତିହ୍ୟ ସ୍ଥଳ, ଯଥା ତାଜମହଲ, କୋଣାର୍କ ମନ୍ଦିର, ଓ ସୁନ୍ଦରବନ, ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ବିପଦରେ ଅଛି। ଉପକୂଳବର୍ତ୍ତୀ ଅଞ୍ଚଳରେ ବନ୍ୟା ଓ ବାତ୍ୟା ଯୋଗୁଁ ଏହି ସ୍ଥଳଗୁଡ଼ିକରେ କ୍ଷୟକ୍ଷତି ହେବାର ଆଶଙ୍କା ରହିଛି।

## ଡିଜିଟାଲ୍ ଭାରତର ଏକ ଦଶନ୍ଧି



ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ

ଦଶ ବର୍ଷ ପୂର୍ବେ, ଆମେ ପୂର୍ଣ୍ଣ ବିଶ୍ୱାସ ସହିତ ଏପରି ଏକ କ୍ଷେତ୍ରକୁ ଯାତ୍ରା ଆରମ୍ଭ କରିଥିଲୁ ଯେଉଁଠାକୁ ପୂର୍ବରୁ କେହି ଯାଇ ନଥିଲେ। ଭାରତୀୟମାନେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିପାରିବେ କି ନାହିଁ ତାହାକୁ ନେଇ ଅନେକ ଦଶନ୍ଧି ଧରି ଶଙ୍କା ବ୍ୟକ୍ତ କରାଯାଉଥିଲା। ଆମେ ସେହି ମାନସିକତାକୁ ପରିବର୍ତ୍ତନ କରିଛୁ ଏବଂ ଭାରତୀୟମାନଙ୍କ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବାର କ୍ଷମତାରେ ବିଶ୍ୱାସ କରିଛୁ। ପ୍ରଯୁକ୍ତିବିଦ୍ୟାର ବ୍ୟବହାର କେବଳ ଧନୀ ଏବଂ ଗରିବଙ୍କ ମଧ୍ୟରେ ବ୍ୟବଧାନକୁ ଆହୁରି ଅଧିକ କରିବ ବୋଲି ଅନେକ ଦଶନ୍ଧି ଧରି ଯେଉଁ ମାନସିକତା ରହିଥିଲା ଆମେ ସେହି ମାନସିକତାକୁ ପରିବର୍ତ୍ତନ କରି ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବ୍ୟବଧାନକୁ ଦୂର କରିଛୁ। ଉଦ୍ଦେଶ୍ୟ ସଠିକ୍ ଥିଲେ ନବସୃଜନ ଅବହେଳିତ ଲୋକଙ୍କୁ ସଶକ୍ତ କରିଥାଏ। ଆଭିମୁଖ୍ୟ ସମାବେଶୀ ହେଲେ ପ୍ରଯୁକ୍ତିବିଦ୍ୟା ଗରିବ ଲୋକଙ୍କ ଜୀବନକୁ ପରିବର୍ତ୍ତନ କରିଥାଏ। ଏହି ବିଶ୍ୱାସ ଡିଜିଟାଲ୍ ଇଣ୍ଡିଆର ମୂଳଦୁଆ ପାଲଟିଥିଲା। ଏହାର ବିସ୍ତାରକୁ ସାର୍ବଜନୀନ କରିବା, ସମନ୍ୱିତ ଡିଜିଟାଲ୍ ଭିତ୍ତିଭୂମି ନିର୍ମାଣ କରିବା ଏବଂ ସମସ୍ତଙ୍କ ପାଇଁ ସୁଯୋଗ ଉପଲବ୍ଧ କରାଇବାର ଏକ ମିଶନ ଆରମ୍ଭ ହୋଇଥିଲା। ୨୦୧୪ରେ, ଇଣ୍ଟରନେଟ୍ ଉପଲବ୍ଧତା ସୀମିତ ଥିଲା, ଡିଜିଟାଲ୍ ସାକ୍ଷରତା କମ୍ ଥିଲା, ଏବଂ ସରକାରୀ ସେବା ପାଇଁ ଅନଲାଇନ୍ ପ୍ରବେଶ ଅତ୍ୟନ୍ତ ସୀମିତ ଥିଲା। ଅନେକ ସନ୍ଦେହ କରୁଥିଲେ ଯେ ଭାରତ ଭଳି ବିଶାଳ ଏବଂ ବିବିଧ ଦେଶ ପ୍ରକୃତରେ ଡିଜିଟାଲ୍ ହୋଇପାରିବ କି ନାହିଁ। ଆଜି, ଏହି ପ୍ରଶ୍ନର ଉତ୍ତର ତଥ୍ୟ କିମ୍ବା ଡ୍ୟାସବୋର୍ଡରେ ନୁହେଁ, ବରଂ ୧୪୦ କୋଟି ଭାରତୀୟଙ୍କ ଜୀବନରେ ଉପଲବ୍ଧ। ଶାସନ ଠାରୁ ଶିକ୍ଷା, କାରବାର ଏବଂ ଉତ୍ପାଦନ ପର୍ଯ୍ୟନ୍ତ, ଡିଜିଟାଲ ଇଣ୍ଡିଆ ସବୁଠି ରହିଛି। ଡିଜିଟାଲ ବିଭାଜନର ଦୂରୀକରଣ: ୨୦୧୪ରେ, ଭାରତରେ ପ୍ରାୟ ୨୫ କୋଟି ଇଣ୍ଟରନେଟ୍ ସଂଯୋଗ ଥିଲା। ଆଜି, ଏହି ସଂଖ୍ୟା ୯୭ କୋଟିରୁ ଅଧିକ ହୋଇଛି। ୪୨ ଲକ୍ଷ କିଲୋମିଟରରୁ ଅଧିକ ଅପ୍ଟିକାଲ୍ ଫାଇବର କେବୁଲ୍, ପୃଥିବୀ ଏବଂ ଚନ୍ଦ୍ର ମଧ୍ୟରେ ଦୂରତାର ୧୧ ଗୁଣ, ବର୍ତ୍ତମାନ ସବୁଠାରୁ ଉପାନ୍ତ ଗ୍ରାମଗୁଡ଼ିକୁ ମଧ୍ୟ ସଂଯୋଗ କରୁଛି। ଭାରତରେ ୫ଜି ସେବା ବିଶ୍ୱର ସବୁଠାରୁ ଦ୍ରୁତତମ ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇଛି । ମାତ୍ର ଦୁଇ ବର୍ଷ ମଧ୍ୟରେ ୪.୮୧ ଲକ୍ଷ ବେସ୍ ଷ୍ଟେସନ୍ ସ୍ଥାପିତ ହୋଇଛି। ହାଇ-ସ୍ପିଡ୍ ଇଣ୍ଟରନେଟ୍ ବର୍ତ୍ତମାନ ସହରାଞ୍ଚଳ କେନ୍ଦ୍ରଗୁଡ଼ିକଠାରୁ ଆରମ୍ଭ କରି ଗଲୱାନ୍, ସିଆଚେନ୍ ଏବଂ ଲଦାଖ ଭଳି ସାମରିକ ପୋଷ୍ଟଗୁଡ଼ିକରେ ପହଞ୍ଚାଯାଇଛି। ଆମର ଡିଜିଟାଲ୍ ଭିତ୍ତିଭୂମି, ଇଣ୍ଡିଆ ଷ୍ଟାକ୍, ୟୁପିଆଇ ଭଳି ପ୍ଲାଟଫର୍ମକୁ ସକ୍ଷମ କରିଛି, ଯାହା ଏବେ ବାର୍ଷିକ ୧୦୦ ବିଲିୟନରୁ ଅଧିକ କାରବାର ପ୍ରକ୍ରିୟାକରଣ କରିଥାଏ। ବିଶ୍ୱର ମୋଟ ବାସ୍ତବ ସମୟ ବା ରିଅଲ୍-ଟାଇମ୍ ଡିଜିଟାଲ୍ କାରବାରର ପ୍ରାୟ ଅଧା ଭାରତରେ ହେଉଛି। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ନାଗରିକମାନଙ୍କୁ ସିଧାସଳଖ ୪୪ ଲକ୍ଷ କୋଟି ଟଙ୍କାରୁ ଅଧିକ ହସ୍ତାନ୍ତର କରାଯାଇଛି। ଦଲାଲଙ୍କ ଭୂମିକାକୁ ଦୂର କରି ଏବଂ ୩.୪୮ ଲକ୍ଷ କୋଟି ଟଙ୍କାର ବାଟମାରଣାକୁ ବନ୍ଦ କରାଯାଇପାରିଛି। ସ୍ୱାମିତ୍ୱ ଭଳି ଯୋଜନାଗୁଡ଼ିକ ୨.୪ କୋଟିରୁ ଅଧିକ ସମ୍ପତ୍ତି କାର୍ଡ ଜାରି କରିଛି ଏବଂ ୬.୪୭ ଲକ୍ଷ ଗ୍ରାମକୁ ମ୍ୟାପ୍ ଅଧୀନକୁ ଆଣିଛି । ଫଳରେ ବର୍ଷ ବର୍ଷ ଧରି ଜମି ସମ୍ପର୍କିତ ଅନିଶ୍ଚିତତାର ସମାପ୍ତି ହୋଇଛି। **ସମସ୍ତଙ୍କ ପାଇଁ ସୁଯୋଗର ଉପଲବ୍ଧତା :** ଭାରତର ଡିଜିଟାଲ ଅର୍ଥବ୍ୟବସ୍ଥା ଏବେ ପୂର୍ବ ଅପେକ୍ଷା ଅଧିକ ଏମଏସଏମଇ ଏବଂ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ସଶକ୍ତ କରୁଛି। ଓଏନଡିସି (ଓପନ୍ ନେଟୱାର୍କ ଫର୍ ଡିଜିଟାଲ କମର୍ସ) ଏକ କ୍ରାନ୍ତିକାରୀ ପ୍ଲାଟଫର୍ମ ଯାହା ବିକ୍ରେତା ଏବଂ କ୍ରେତାଙ୍କୁ ଏକ ବିଶାଳ ବଜାର ସହିତ ସଂଯୋଗ କରି ନୂତନ ସୁଯୋଗର ଏକ ଦ୍ୱାର ଖୋଲିଥାଏ। ଜିଇଏମ (ସରକାରୀ ଇ-ମାର୍କେଟପ୍ଲେସ୍) ସାଧାରଣ ଲୋକଙ୍କୁ ସରକାରଙ୍କ ସମସ୍ତ ବିଭାଗକୁ ସାମଗ୍ରୀ ଏବଂ ସେବା ବିକ୍ରୟ କରିବାକୁ ଅନୁମତି ଦିଏ। ଏହା କେବଳ ସାଧାରଣ ନାଗରିକଙ୍କୁ ଏକ ବିଶାଳ ବଜାର ପ୍ରଦାନ କରେ ନାହିଁ ବରଂ ସରକାରଙ୍କ ପାଇଁ ଟଙ୍କା ମଧ୍ୟ ସଞ୍ଚୟ କରେ।

**କଳ୍ପନା କରନ୍ତୁ:** ଆପଣ ଅନଲାଇନରେ ମୁଦ୍ରା ଋଣ ପାଇଁ ଆବେଦନ କରିପାରୁଛନ୍ତି। ଆପଣଙ୍କର କ୍ରେଡିଟ ଯୋଗ୍ୟତା ଆକାଉଣ୍ଟ ଏଗ୍ରିଗେଟର ଫ୍ରେମୱାର୍କ ମାଧ୍ୟମରେ ମୂଲ୍ୟାଙ୍କନ କରାଯାଇପାରୁଛି। ଆପଣ ଋଣ ପାଉଛନ୍ତି, ଆପଣ ନିଜର ବ୍ୟବସାୟ ଆରମ୍ଭ କରନ୍ତି। ଆପଣ ଜିଇଏମରେ ପଞ୍ଜୀକରଣ କରିପାରୁଛନ୍ତି, ସ୍କୁଲ ଏବଂ ହସ୍ପିଟାଲଗୁଡ଼ିକୁ ଯୋଗାଣ କରୁଛନ୍ତି ଏବଂ ତା'ପରେ ଓଏନଡିସି ମାଧ୍ୟମରେ ଏହାକୁ ବୃଦ୍ଧି କରୁଛନ୍ତି ।ଓଏନଡିସି ବର୍ତ୍ତମାନ ୨୦ କୋଟି କାରବାର ସୀମା ଅତିକ୍ରମ କରିଛି, ଯେଉଁଥିରେ ୬ ମାସରେ ୧୦ କୋଟି କାରବାର ହୋଇଛି। ବନାରସୀ ବୁଣାକାରଙ୍କଠାରୁ ନାଗାଲାଣ୍ଡର ବାଉଁଶ କାରିଗର ପର୍ଯ୍ୟନ୍ତ, ସବୁ କ୍ଷେତ୍ରର ବିକ୍ରେତାମାନେ ଏବେ ଦଲାଲଙ୍କ ବିନା ଦେଶବ୍ୟାପୀ ଗ୍ରାହକଙ୍କ ପାଖରେ ପହଞ୍ଚି ପାରୁଛନ୍ତି। ଜିଇଏମ ୫୦ ଦିନରେ ୧ ଲକ୍ଷ କୋଟି ଟଙ୍କା ଜିଏମଭି ଅତିକ୍ରମ କରିଛି, ୧.୮ ଲକ୍ଷରୁ ଅଧିକ ମହିଳା ପରିଚାଳିତ ଏମଏସଏମଇ ସମେତ ୨୨ ଲକ୍ଷ ବିକ୍ରେତା ୪୬,୦୦୦ କୋଟି ଟଙ୍କାର ସାମଗ୍ରୀ ଯୋଗାଇଛନ୍ତି।

**ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି: ଭାରତର ବିଶ୍ୱ ଅବଦାନ :** ଭାରତର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) - ଯେପରିକି ଆଧାର, କୋୱିନ, ଡିଜିଲକର, ଫାସଟ୍ୟାଗ, ପିଏମ-ବାଣୀ, ଏବଂ ଏକ ରାଷ୍ଟ୍ର ଏକ ସବସ୍କ୍ରିପସନ୍ - ବର୍ତ୍ତମାନ ବିଶ୍ୱ ସ୍ତରରେ ଗ୍ରହଣ କରାଯାଉଛି।

**ଷ୍ଟାର୍ଟଅପର ଶକ୍ତି ଏବଂ ଆତ୍ମନିର୍ଭର ଭାରତ :** ଭାରତ ଏବେ ବିଶ୍ୱର ଶ୍ରେଷ୍ଠ ୩ ଷ୍ଟାର୍ଟଅପ୍ ଇକୋସିଷ୍ଟମ ମଧ୍ୟରେ ସାମିଲ ଏବଂ ଭାରତରେ ୧.୮ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ରହିଛନ୍ତି। କିନ୍ତୁ ଏହା କେବଳ ଏକ ଷ୍ଟାର୍ଟଅପ୍ ଆନ୍ଦୋଳନ ନୁହେଁ, ଏହା ଏକ ପ୍ରଯୁକ୍ତିବିଦ୍ୟା ପୁନର୍ଜାଗରଣ। ଭାରତ ଯୁବପିଢ଼ିଙ୍କ ମଧ୍ୟରେ ଏଆଇ ଦକ୍ଷତା ଏବଂ ଏଆଇ ପ୍ରତିଭାରେ ବହୁତ ଆଗକୁ ବଢ଼ୁଛି। ୧.୨ ବିଲିୟନ ଡଲାର ଭାରତ ଏଆଇ ମିଶନ ଅଧୀନରେ, ଭାରତ ବିଶ୍ୱ ସ୍ତରରେ ସବୁଠାରୁ ସର୍ବନିମ୍ନ ମୂଲ୍ୟରେ ୩୪,ହଜାର ଜିପିୟୁ ଉପଲବ୍ଧ କରାଇଛି। ପ୍ରତ୍ୟେକ ଜିପିୟୁ ଘଣ୍ଟା ପ୍ରତି ୧ ଡଲାରରୁ କମରେ ଉପଲବ୍ଧ। ଏହା ଭାରତକୁ କେବଳ ସବୁଠାରୁ ଶସ୍ତା ଇଣ୍ଟରନେଟ୍ ଅର୍ଥବ୍ୟବସ୍ଥା ନୁହେଁ ବରଂ ସବୁଠାରୁ ସୁଲଭ କମ୍ପ୍ୟୁଟିଂ ହବ୍ କରିଛି।

**ଆଗକୁ ଯିବାର ମାର୍ଗ :** ଆଗାମୀ ଦଶନ୍ଧି ଆହୁରି ପରିବର୍ତ୍ତନକାରୀ ହେବ। ଆମେ ଡିଜିଟାଲ୍ ପ୍ରଶାସନ ଠାରୁ ଡିଜିଟାଲ୍ ନେତୃତ୍ୱ ଦିଗରେ ଆଗକୁ ବଢ଼ୁଛୁ । ଇଣ୍ଡିଆ ଫାଷ୍ଟରୁ ଇଣ୍ଡିଆ ଫର ଦି ୱାର୍ଲ୍ଡ ପର୍ଯ୍ୟନ୍ତ ଆମର ଯାତ୍ରା ଜାରି ରହିଛି। ଡିଜିଟାଲ ଇଣ୍ଡିଆ ଆଉ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ଏହା ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଏହା ଏକ ଆତ୍ମନିର୍ଭର ଭାରତ ଗଠନ କରିବାରେ ସହାୟକ ହୋଇଛି।

**ସମସ୍ତ ଉଦ୍ଭାବକ, ଉଦ୍ୟୋଗୀଙ୍କ ପାଇଁ:** ପରବର୍ତ୍ତୀ ଡିଜିଟାଲ ବିପ୍ଳବ ନିମନ୍ତେ ସମଗ୍ର ବିଶ୍ୱ ଭାରତକୁ ଚାହିଁ ରହିଛି। ଆସନ୍ତୁ ଯାହା ସଭିଙ୍କୁ ସଶକ୍ତ କରିବ ତାହା ନିର୍ମାଣ କରିବା। ଆସନ୍ତୁ ଏପରି ସମାଧାନ ବାହାର କରିବା ଯାହା ଗୁରୁତ୍ୱପୂର୍ଣ୍ଣ । ଆସନ୍ତୁ ଆମେ ଏପରି ପ୍ରଯୁକ୍ତିବିଦ୍ୟା ସହିତ ନେତୃତ୍ୱ ନେବା ଯାହା ସମସ୍ତଙ୍କୁ ଏକତ୍ରିତ କରିବ, ଅନ୍ତର୍ଭୁକ୍ତୀକରଣକୁ ବଢ଼ାଇବ ଏବଂ ସାମଗ୍ରୀକ ବିକାଶ ଆଣିପାରିବ।(ପିଆଇବି)

## ଗୋଟିଏ ମାସ ପାଇଁ ନିରାପତ୍ତା ପରିଷଦର ସଭାପତି ହେଲା ପାକିସ୍ତାନ





ଇସଲାମାବାଦ,୧।୭: ଭାରତ ସହ ଉତ୍ତେଜନା ମଧ୍ୟରେ, ପାକିସ୍ତାନ ମଙ୍ଗଳବାର ଜୁଲାଇ ୨୦୨୫ ପାଇଁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନଏସସି)ର ଅଧ୍ୟକ୍ଷତା ଗ୍ରହଣ କରିବା ଆରମ୍ଭ କରିଛି। ସୁରକ୍ଷା ପରିଷଦର ଅଧ୍ୟକ୍ଷତା ଜାତିସଂଘ ସୁରକ୍ଷା ପରିଷଦର ଅସ୍ଥାୟୀ ସଦସ୍ୟ ଭାବେ ପାକିସ୍ତାନର ଦୁଇ ବର୍ଷର କାର୍ଯ୍ୟକାଳର ଏକ ଅଂଶ। ପାକିସ୍ତାନ ଜାନୁଆରୀ ୨୦୨୫ରେ ଦୁଇ ବର୍ଷର କାର୍ଯ୍ୟକାଳ ପାଇଁ ସୁରକ୍ଷା ପରିଷଦର ଅସ୍ଥାୟୀ ସଦସ୍ୟ ନିଯୁକ୍ତ କରାଯାଇ ଥିଲା। ପାକିସ୍ତାନକୁ ଜାତିସଂଘରେ ବହୁ ସମର୍ଥନର ସହ ସୁରକ୍ଷା ପରିଷଦର ଅସ୍ଥାୟୀ ସଦସ୍ୟ ଚୟନ କରାଯାଇ ଥିଲା ଏବଂ ତାକୁ ୧୯୩ ମଧ୍ୟରୁ ୧୮୨ ଭୋଟ୍ ମିଳିଥିଲା। ସୁରକ୍ଷା ପରିଷଦର ଅଧ୍ୟକ୍ଷତାର ପଦ ମାସିକ ଆଧାରରେ ୧୫ ଜଣ ସଦସ୍ୟଙ୍କ ମଧ୍ୟରେ ବର୍ଣ୍ଣାନୁକ୍ରମରେ ବଦଳା ଯାଇଥାଏ। ଜାତିସଂଘରେ ପାକିସ୍ତାନର ରାଷ୍ଟ୍ରଦୂତ ଆସିମ୍ ଇଫତିଖାର ଅହମ୍ମଦ ସରକାରୀ ଆସୋସିଏଟେଡ୍ ପ୍ରେସ୍ ଅଫ୍ ପାକିସ୍ତାନ (ଏପିପି)ର ସମ୍ବାଦଦାତାଙ୍କୁ କହିଥିଲେ , ପାକିସ୍ତାନର ଅଧ୍ୟକ୍ଷତା ସ୍ୱଚ୍ଛ , ଅନ୍ତର୍ଭୁକ୍ତ ଓ ଉତ୍ତରଦାୟୀ ହେବ। ରାଷ୍ଟ୍ରଦୂତ ଇଫତିଖାର ଜୁଲାଇରେ ପ୍ରମୁଖ ବିଶ୍ୱସ୍ତରୀୟ ମାମଲାରେ ସୁରକ୍ଷା ପରିଷଦର ବୈଠକର ଅଧ୍ୟକ୍ଷତା କରିବେ। ସେ କହିଛନ୍ତି ଯେ, ସେ ଜଟିଳ ଭୂ-ରାଜନୀତିକ ପରିଦୃଶ୍ୟ , ଦୁନିଆରେ ଅସ୍ଥିରତା ବୃଦ୍ଧି ଓ ଅନ୍ତରାଷ୍ଟ୍ରୀୟ ଶାନ୍ତି ଏବଂ ସୁରକ୍ଷା ପ୍ରତି ବିପଦ ,ବଢୁଥିବା ସଂଘର୍ଷ ଓ ଗମ୍ଭୀର ହେଉଥିବା ମାନବୀୟ ସଙ୍କଟରେ ସଂପୂର୍ଣ୍ଣ ଅବଗତ। ଜୁଲାଇରେ ଅଧ୍ୟକ୍ଷୀୟ କାର୍ଯ୍ୟକାଳ ବେଳେ, ପାକିସ୍ତାନ ବହୁ ପକ୍ଷବାଦ ଓ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ତଥା ଜାତିସଂଘ ଇସଲାମିକ୍ ସହଯୋଗ ସଙ୍ଗଠନ (ଓଆଇସି) ସହଯୋଗରେ ଦୁଇ ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମର ଆୟୋଜନ କରିବ। ରାଷ୍ଟ୍ରଦୂତ ଇଫତିଖାର ପୂର୍ବରୁ ହିଁ ଜାତିସଂଘର ମହାସଚିବ ଆଣ୍ଟୋନିୟୋ ଗୁଟାରେସ୍‌ଙ୍କୁ ଭେଟିବା ସହ ତାଙ୍କୁ ଜୁଲାଇରେ ସୁରକ୍ଷା ପରିଷଦର କାର୍ଯ୍ୟ ଯୋଜନା ବିଷୟରେ ସୂଚନା ଦେଇ ସାରିଛନ୍ତି। ଏହାପୂର୍ବରୁ ପାକିସ୍ତାନ ୨୦୧୨-୧୩, ୨୦୦୩-୦୪ , ୧୯୯୩-୯୪,୧୯୮୩-୮୪,୧୯୭୬-୭୭,୧୯୬୮-୬୯ ଓ ୧୯୫୨-୫୩ ବେଳେ ସୁରକ୍ଷା ପରିଷଦର ଅସ୍ଥାୟୀ ସଦସ୍ୟ ଥିଲା।

## ତେଲୁଗୁ ବସ୍ତିରୁ ଜଳ ନିଷ୍କାସନ ଦାବିରେ ବିକ୍ଷୋଭ




କଟକ(ନିପ୍ର): କଟକ ମହାନଗର ନିଗମ ଅନ୍ତର୍ଗତ ଖପୁରିଆ ପ୍ରେସଛକ ସ୍ଥିତ ତେଲେଗୁ ବସ୍ତି ବହୁ ପୁରାତନ । ଏହି ବସ୍ତିରେ ବର୍ଷାଦିନରେ ପୂର୍ବରୁ ପାଣି ଜମୁନଥିଲା କି ଘରେ ପଶୁ ନଥିଲା । ବସ୍ତିର ପଛପଟେ ଦଳ ପୋଖରୀ ଦେଇ ପାଣି ଚାଲିଯାଉଥିଲା । ବର୍ତ୍ତମାନ ସେହି ଖାଲରେ ବାଲି ପକାଇ ଉଚ୍ଚା କରିବା ଦ୍ୱାରା ପାଣି ଯିବାର ବ୍ୟବସ୍ଥା ନଥିବା ଫଳରେ ସବୁ ପାଣି ବସ୍ତିରେ ଜମି ରହୁଥିବା ଅଭିଯୋଗ ହେଉଚି । ଫଳରେ ପିଲାଛୁଆ ଧରି ରହିବା କଷ୍ଟକର ହେଉଛି ବୋଲି ବସ୍ତି ବାସିନ୍ଦାମାନେ କହିଛନ୍ତି । ବର୍ଷା ହେବା ଦିନରୁ କାମଧନ୍ଦା ବନ୍ଦ ହେବା ସହ ବସ୍ତିବାସିନ୍ଦାଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି । ପିଲାମାନଙ୍କର ପଢ଼ାପଢ଼ି ସଂପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ଏହି ବସ୍ତିବାସିନ୍ଦାମାନଙ୍କ ଘରୁ ଜଳ ନିଷ୍କାସନ କରି ବସ୍ତିବାସିନ୍ଦାଙ୍କୁ ଜଳବନ୍ଦୀରୁ ରକ୍ଷା କରିବା ଦାବିରେ ବସ୍ତି ବାସିନ୍ଦା ମିଳିତ ମଂଚ ପକ୍ଷରୁ ସିଏମସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ଦୀପକ ଦାସ, ଉମେଶ ଦାସ, ପି ତ୍ରିନାଥ, ଏସ ରାଉଳ, ଜି ମୋହନ, ବି ରାଜୁ, ଜି ସୋନୁ, ମଣିଦାସ ପ୍ରମୁଖ ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ବସ୍ତି ଅଂଚଳରୁ ଜଳ ନିଷ୍କାସନ ନିମନ୍ତେ ଡ୍ରେନେଜ ମାଧ୍ୟମରେ ଉପଯୁକ୍ତ ବ୍ୟବସ୍ଥା କରାଯିବା ଦାବିରେ ମଂଚ ପକ୍ଷରୁ ସିଏମସି ମେୟରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

## ପୁଲିସ ଚଢ଼ାଉ: ୨ ଗିରଫ, ମାଉଜର ଜବତ

ବ୍ରହ୍ମପୁର(ନିପ୍ର): ବ୍ରହ୍ମପୁର ପୋଲିସ ଜିଲ୍ଲା ଗୋଲନ୍ଥରା ଥାନା ପକ୍ଷରୁ ବିଭିନ୍ନ ଜାଗାରେ ଚଢ଼ାଉ କରି ଏକାଧିକ ମାଉଜର୍ ଜବତ କରିଛି । ସଂପୃକ୍ତ ମାମଲାରେ କିଛି ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ ହୋଇଛନ୍ତି । ଗତକିଛି ଦିନ ଧରି ବ୍ରହ୍ମପୁର ପୋଲିସ ପକ୍ଷରୁ ଆରମ୍ଭ ହୋଇଥିଲା ସ୍ୱତନ୍ତ୍ର ଅପରେସନ । ଏହି ଅପରେସନ ଦ୍ୱାରା ବ୍ରହ୍ମପୁର ପୋଲିସ ୨୧ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ନିକଟରୁ ୧୧ଟି ପିସ୍ତଲ ଜବତ କରିଥିବା ବେଳେ ସୋମବାର ରାତିରେ




ଗୋଲନ୍ଥରା ଥାନା ପୋଲିସ ଦୁଇ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ କାବୁ କରିଛି । ସେମାନଙ୍କ ନିକଟରୁ ଏକାଧିକ ବନ୍ଧୁକ ଜବତ କରିଛି । ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସମ୍ପୃକ୍ତ ଦୁଇ ବନ୍ଧୁକଧାରୀଙ୍କ ସମେତ ୫ଜଣଙ୍କୁ ଧରିବାରେ ସଫଳ ହୋଇଥିବା ଜଣାପଡିଛି । ତେବେ ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଅପରାଧିକ ମାମଲା ରହିଥିବା ସ୍ପଷ୍ଟ କରିଛନ୍ତି ଅଧିକାରୀ ।

## ବିଦେଶକୁ ଚାଲାଣ ବେଳେ ୪ ଶିଶୁ ଉଦ୍ଧାର

ଭୁବନେଶ୍ୱର(ନିପ୍ର): ଦାରିଦ୍ର୍ୟତାର ଆଉ ଏକ ମର୍ମନ୍ତୁଦ ଦୃଶ୍ୟ ପଦାକୁ ଆସିଛି । ପରିବାରର ଦାରିଦ୍ର୍ୟତାର ସୁଯୋଗ ନେଇ ବିହାରର ୪ଜଣ ଛୋଟ ପିଲାଙ୍କୁ ନେଇ ଦଲାଲମାନେ ବାଙ୍ଗାଲୋରକୁ ଟ୍ରେନ ଯୋଗେ ଚାଲାଣ କରୁଥିବା ବେଳେ ଧରାପଡ଼ିଛନ୍ତି । ଖବରରୁ ପ୍ରକାଶ ରୁଚିକା ସମାଜ ମଙ୍ଗଳ ସଂଗଠନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବେଣୁଧର ସେନାପତିଙ୍କଠାରୁ ଟ୍ରେନ ନମ୍ବର ୧୫୨୨୮ ଯଶୋବନ୍ତପୁର ଏକ୍ସପ୍ରେସରେ ୪ଜଣ ପିଲା ବିହାର ରାଜ୍ୟରୁ ଚାଲାଣ ହେଉଥିବା ଖବର ପାଇ ରୁଚିକା ଆକ୍ସେଶ୍ ଟୁ ଜଷ୍ଟିସ ପ୍ରକଳ୍ପର ଘନ ଶ୍ୟାମ ଭୋଇ, ଅଜୟ କୁମାର ମହାରଣା, ହରପ୍ରିୟା ପତି, ତଟିନୀ ବିଶ୍ୱାଳ, ପ୍ରୀତି ପ୍ରଜ୍ଞା ସ୍ୱାଇଁ ରିଙ୍କିନା ସ୍ୱାଇଁ ଓ ଶ୍ରଦ୍ଧାଞ୍ଜଳି ବାରିକ ଗତକାଲି ରାତିରୁ ଭୁବନେଶ୍ୱର ଷ୍ଟେସନଠାରେ ଜଗି ବସିଥିଲେ । ଭୁବନେଶ୍ୱର ଆର.ପି.ଏଫ୍. ଏବଂ ଜି.ଆର.ପି ପୋଲିସକୁ ମଧ୍ୟ ଏ ବିଷୟରେ ଅବଗତ କରାଯାଇଥିଲା । ଟ୍ରେନଟି ବିଳମ୍ବରେ ଆସିଥିଲା ଓ ଭୁବନେଶ୍ୱର ଷ୍ଟେସନରେ କମ୍ ସମୟ ଅଟକି ଥିଲା । ଏତେ କମ୍ ସମୟ ମଧ୍ୟରେ ୪ ଜଣ ପିଲାଙ୍କୁ ଟ୍ରେନର ବଗି ଏସ୍ -୧. ଏସ -୫ ଓ ଡି - ୪ରୁ ୪ଜଣ ପିଲାଙ୍କୁ ଉଦ୍ଧାର କରିଥିଲେ । ଉଦ୍ଧାର ପରେ ଜଣାପଡି ଥିଲା ସେମାନଙ୍କ ମଧ୍ୟରୁ ୪ ଜଣ ନାଁ ବାଳକ । ସେମାନଙ୍କ ମଧ୍ୟରୁ ଦୁଇ ଜଣ ପିଲା ବେଗୁସରାଇ ଜିଲ୍ଲାର ହୋଇଥିବା ବେଳେ, ଜଣେ କୋରହ୍ କଟିହାର, ଆଉ ଜଣେ ଚଂପାରନ ଜିଲ୍ଲାର । ତେଣୁ ୪ ଜଣ ପିଲାଙ୍କୁ ଭୁବନେଶ୍ୱର ଅତିରିକ୍ତ ଶିଶୁ କଲ୍ୟାଣ ସମିତିରେ ହଜାର କରାଯାଇଥିଲା । ସମିତି ସେମାନଙ୍କ ମଧ୍ୟରୁ ୪ ଜଣ ପିଲାଙ୍କୁ ଭୁବନେଶ୍ୱର ସ୍ଥିତ ରୁଚିକା ଓପନ ସେଲ୍ଟ କୁ ପଠାଇଛି । ଅତିରିକ୍ତ ଶିଶୁ କଲ୍ୟାଣ ସମିତିର ନିର୍ଦ୍ଦେଶ କ୍ରମେ ରୁଚିକା କର୍ମକର୍ତ୍ତା ମାନେ ଭୁବନେଶ୍ୱରର ଜି. ଆ.ପି. ଥାନାରେ ଏକ ମାମଲା ରୁଜୁ କରିଛନ୍ତି । ଦୁଇ ଜଣ ଦଲାଲ ଯଥା ବିହାର ବେଗୁଷରାଇ ଜିଲ୍ଲାର ଯସବନ୍ତ୍ କୁମାର, କଟିହା ର୍ଜିଲ୍ଲାର ଏମ.ଡି ସଉହରାବଙ୍କୁ ପୋଲିସ ଧରି ନିଜ ହେପାଜତକୁ ନେଇଛି ।

### ରାଜଧାନୀରେ ବିଲ୍ଡରଙ୍କୁ ହତ୍ୟା ମାମଲା

## କୋର୍ଟରେ ଆତ୍ମସମର୍ପଣ କଲା ମୁଖ୍ୟ ଅଭିଯୁକ୍ତ

ଭୁବନେଶ୍ୱର(ନିପ୍ର): ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଜଟଣୀ ବ୍ଲକ ପ୍ରଧାନସାହି ଖେଳ ପଡ଼ିଆ ନିକଟସ୍ଥ କାଜୁ ଜଙ୍ଗଲ ଭିତରୁ ଗତ ଏପ୍ରିଲ ୧୧ ତାରିଖ ସନ୍ଧ୍ୟାରେ ଜଣେ ବିଲ୍ଡରଙ୍କ ମୃତ ଦେହକୁ ପୋଲିସ ଜବତ କରିଥିଲା । ମୃତ ବିଲ୍ଡର ଜଣଙ୍କ ହେଉଛନ୍ତି ସସ୍ମିତ ବିଶ୍ୱାଳ ଓରଫ ଚିନୁ (୩୨) ଓ ତାଙ୍କ ଘର ଏୟାରପୋର୍ଟ ଥାନା ଅନ୍ତର୍ଗତ ଭୀମପୁର ଲେନ ୨ରେ ବୋଲି ଜଣାପଡ଼ିଥିଲା । ଏହି ମାମଲାରେ ପୋଲିସ ହାତରେ ଧୂଳି ଦେଇ ଗତ ୩ ମାସ ହେବ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ଟୁଲୁ ମହାନ୍ତି ମଙ୍ଗଳବାର କୋର୍ଟରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି । ଏହି ମାମଲାରେ ପୋଲିସ ବର୍ତ୍ତମାନ ପର୍ଯ୍ୟାୟରେ ୫ ଜଣଙ୍କୁ ଗିରଫ କରିଥିବା ବେଳେ ଟୁଲୁ ଘଟଣା ପରଠାରୁ ଫେରାର ହୋଇଯାଇଥିଲା । ଏନେଇ ପୋଲିସ ତନାଘନା ଜାରି ରଖିଥିଲେ ମଧ୍ୟ ଅଭିଯୁକ୍ତ ଟୁଲୁ ଫେରାର ହେବାରେ ସଫଳ ହୋଇଥିଲା ।

### ଏମ୍ସରେ ଟିକେଟ କରାଇଦେବା ନାଁରେ ଟଙ୍କା ଆଦାୟ

## ଦୁଇ ଦଲାଲଙ୍କୁ ଜେଲ ପଠାଗଲା

ଭୁବନେଶ୍ୱର(ନିପ୍ର): ଏମ୍ସକୁ ଆସୁଥିବା ରୋଗୀଙ୍କ ପାଇଁ ଟିକେଟ କାଉଂଟରରୁ ଟିକେଟ କରାଇ ଦେବା ନାଁରେ ମୋଟା ଆକାରର ଟଙ୍କା ଆଦାୟ କରୁଥିବା ଦୁଇଜଣ ଦଲାଲଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୋଲିସ । ଗିରଫ ଦୁଇ ଯୁବକ ହେଲେ ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆସାହିର ଜିତେନ ସୂତାର (୩୨) ଓ ପଶ୍ଚିମବଙ୍ଗ ପଶ୍ଚିମ ମେଦିନାପୁରର ବିଧାନ ଚାଲାକ (୩୨) । ଗିରଫ ଦୁଇ ଅଭିଯୁକ୍ତଙ୍କଠାରୁ ଏକାଧିକ ରୋଗୀଙ୍କର ଆଧାର କାର୍ଡକୁ ପୋଲିସ ଜବତ କରିଛି ।

## ଆଜବେଷ୍ଟସ ସଜାଡ଼ିବା ବେଳେ ଗଳିପଡ଼ି ଶ୍ରମିକ ମୃତ

ଆସିକା(ନିପ୍ର): ଗଞ୍ଜାମ ଜିଲ୍ଲା ଆସିକା ନୂଆଗାଁ ଚିନି କାରଖାନାରେ ପୁଣି ଅଘଟଣ ଘଟିଛି । ଆଜବେଷ୍ଟସର କାମ ବେଳେ ଛାତରୁ ପଡି ଜଣେ ଶ୍ରମିକର ମୃତ୍ୟୁ ହୋଇଛି । ମୃତ ଶ୍ରମିକ ଯାଜପୁର ଜିଲ୍ଲା ବିଂଝାରପୁର ଅଞ୍ଚଳର ସଲମାନ ଖାନ (୨୨) ବୋଲି ଜଣାପଡିଛି । କିଛି ଶ୍ରମିକଙ୍କ ସହ ମିଶି ସଲମାନ ଚିନି କାରଖାନାର ଆଜବେଷ୍ଟସ ସଜାଡ଼ିବାକୁ ଛାତ ଉପରକୁ ଯାଇଥିଲେ । ସେ ଆଜବେଷ୍ଟସର ସଜାଡ଼ିବା ସମୟରେ ଛାତ ଉପରୁ ତଳେ ପଡି ଗୁରୁତର ହୋଇଥିବା ବେଳେ ତାଙ୍କ ସହକର୍ମୀ ତାଙ୍କୁ ଉଦ୍ଧାରକରି ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଏଠାରେ ଡାକ୍ତର ସଲମାନଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ଆସିକା ପୋଲିସ ମେଡିକାଲରେ ପହଞ୍ଚି ତଦନ୍ତ ଚଳାଇଛି । ଅନ୍ୟପଟେ ସଲମାନଙ୍କ ପକ୍ଷରୁ ଓ ଚିନିଶିଳ୍ପ ପକ୍ଷରୁ ଦୁଇଟି ଲିଖିତ ଅଭିଯୋଗ ଆସିକା ଥାନାରେ ହୋଇଛି । ଅଭିଯୋଗକୁ ଭିତ୍ତିକରି ପୋଲିସ ୭/୨୫ ପ୍ରକାରେ ମାମଲା ରୁଜୁ କରିଛି । ତେବେ ସଲମାନ ସୁରକ୍ଷା ସରଞ୍ଜାମ ପିନ୍ଧିନଥିବା ଯୋଗୁଁ ଦୁର୍ଘଟଣା ଘଟିଥିବା କୁହାଯାଉଥିବା ବେଳେ କେଉଁ ଅଧିକାରୀଙ୍କ ଦାୟିତ୍ୱରେ ସଲମାନ ବିନା ସୁରକ୍ଷା ଉପକରଣରେ ଛାତ ଉପରେ ଚଢି କାର୍ଯ୍ୟ କରୁଥିଲେ ତାହାର ତଦନ୍ତ କରାଯାଇ ଅଧିକାରୀଙ୍କ ବିରୋଧରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି ।

## ବିଦ୍ୟୁତ୍ ତାର ଚୋରିକରି ୫ ଯୁବକ ଗଲେ ଜେଲ୍

ଭାପୁର(ନିପ୍ର): ଚଳିତ ମାସ ୧୫ ତାରିଖ ରାତ୍ରିରେ ବିଦ୍ୟୁତ୍ ନ ଥିବାବେଳେ କଟକ ଜିଲ୍ଲା ବାଙ୍କୀରୁ କଳାପଥର ଅଞ୍ଚଳ ଦେଇ ଭାପୁରକୁ ସଂଯୋଗ କରୁଥିବା ୩୩ କେଭି ବିଦ୍ୟୁତ୍ ତାର ଦୃର୍ବୃତ୍ତମାନେ ଚୋରି କରିଥିବା ନେଇଥିବା ବିଭାଗୀୟ କାର୍ଯ୍ୟାଳୟର ଅଧିକାରୀ ଫତେଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ପୋଲିସ ପକ୍ଷରୁ ତଦନ୍ତ ଚାଲିଥିବା ବେଳେ ୧୫ ଦିନ ପରେ ପୋଲିସକୁ ସଫଳତା ମିଳିଛି । ପୋଲିସ ୧୯୮/୨୫ ମାମଲାରେ ୫ଜଣଙ୍କୁ ଗିରଫ କରିବା ସହିତ ୪ ସ୍ୱାନ ଓଜନର ତାର (ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା) ଜବତ କରିବା ସହିତ ସେମାନଙ୍କୁ କୋର୍ଟ ଫରଓ୍ୱାର୍ଡ କରିଥିବା ଥାନା ଅଧିକାରୀ ପଞ୍ଚାନନ ପରିଡ଼ାଙ୍କ ଠାରୁ ପ୍ରକାଶ । ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପୋଲିସ ଭାପୁର ଗ୍ରାମର ରବୀନ୍ଦ୍ର ନାଥ ନାୟକ (୩୦)ଙ୍କ ଘର ଉପରେ ଚଢ଼ାଉ କରି ସମସ୍ତ ତାର ଜବତ କରିବା ସହିତ ଅଭିଯୁକ୍ତକୁ ଗିରଫ କରିଛି । ଅନ୍ୟ ଅଭିଯୁକ୍ତମାନେ ହେଲେ, ଶାଳପଡା ଗ୍ରାମର ପ୍ରତାପ ନାୟକ(୩୨), ରାକମା ଗ୍ରାମର ଦିପୁ ନାୟକ(୨୧), ପାର୍ବତୀପୁର ଗ୍ରାମର ନାରଣ ପରିଡ଼ା(୩୦) ଓ ଚରଣ ପରିଡ଼ା (୨୪) । ୫ଜଣଙ୍କୁ ପୋଲିସ ଗିରଫକରି କୋର୍ଟ ଫରଓ୍ୱାର୍ଡ କରିଥିବା ବେଳେ ଜାମିନ ନ ମିଳିବାରୁ ଜେଲ ଯାଇଥିବା ଥାନା ସୂତ୍ରରୁ ପ୍ରକାଶ ।

## ପ୍ରବଳ ବର୍ଷାରେ ବେହାଲ କଟକ ସହର: ଜନଜୀବନ ପ୍ରଭାବିତ

କଟକ(ନିପ୍ର): ମୌସୁମୀ ଜନିତ ପ୍ରବଳ ବର୍ଷାରେ ବେହାଲ ହୋଇଛି କଟକ ସହର । ଅପରାହ୍ନ ୪ଟାରୁ ଆରମ୍ଭ ହୋଇଥିବା ଲଗାଣ ବର୍ଷାରେ ସହରର ବିଭିନ୍ନ ସ୍ଥାନରେ ଜଳବନ୍ଦୀର ପରିସ୍ଥିତି ସୃଷ୍ଟି ହୋଇଛି । ବିଶେଷକରି ସହରର ବିଭିନ୍ନ ସାହିବସ୍ତି ତଥା ତଳିଆ ଅଂଚଳରେ ପାଣି ଜମିବା ସହ ରାସ୍ତା ଉପରେ ଆଣ୍ଠୁଏ ଲେଖାଏଁ ପାଣି ଜମିଥିଲା । ଫଳରେ ଲୋକେ ଘରୁ ବାହାରିବା ମୁସକିଲ ହୋଇପଡ଼ିଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ଅନେକ ଅଂଚଳରେ ପାଣି ଜମି ରହିଥିଲା । ସହରର ରାଉସାପାଟଣା, ସେମିନାରୀ ଛକ, ଝୋଲାସାହି, ବାଦାମବାଡ଼ି, ପ୍ରକ୍ସିଲେନ, ତୁଳସୀପୁର, କାଫଲାବଜାର, ପଟାପୋଲ, ସୂତାହାଟ, ମଂଗଳାବାଗ, ମହାନଦୀବିହାର, ପିଠାପୁର ଓ ଫ୍ରେଣ୍ଡସକଲୋନୀ ଆଦି ଅଂଚଳରେ ପାଣି ଜମି ରହିଥିଲା । ଫଳରେ ଜନ ଜୀବନ ପ୍ରଭାବିତ ହୋଇଥିଲା । ଏହାଛଡ଼ା ବିଭିନ୍ନ ସ୍ଥାନରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ପ୍ରବଳ ବର୍ଷା ଯୋଗୁ ସ୍ଥାନୀୟ ଅରୁଣୋଦୟ ମାର୍କେଟ ସ୍ଥିତ ସିଡ଼ିଏ କାର୍ଯ୍ୟାଳୟ ପରିସରରେ ଥିବା ଏକ ବିଲ୍ଡିଂର ସିଡ଼ିଘର ଭୁଷୁଡ଼ି ପଡ଼ିଥିଲା । ସୌଭାଗ୍ୟବଶତଃ ସେହି ବାଟ ଦେଇ ଯାଉଥିବା କିଛି ବ୍ୟକ୍ତି ଅଳ୍ପକେ ବର୍ତ୍ତି ଯାଇଥିବା ଜଣା ପଡ଼ିଛି । ହେଲେ ସ୍ଥାନୀୟ ଲୋକେ ଆତଙ୍କିତ ଥିବା ଜଣାପଡ଼ିଛି । ଜଳ ନିଷ୍କାସନ ପାଇଁ ସିଏମସି ପକ୍ଷରୁ ୩ଟି ମୋଟର ପମ୍ପ ମୃତୟନ କରାଯାଇଥିବା ସୂଚନା ମିଳିଛି ।

### ଖରିଫ ଫସଲ ନୀତି ନିର୍ଦ୍ଧାରଣ କମିଟି ବୈଠକ

## କୃଷି ଓ କୃଷକ ସଶକ୍ତିକରଣ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବାକୁ ଆହ୍ୱାନ



କଟକ(ନିପ୍ର): କୃଷି ଓ କୃଷକ ସଶକ୍ତିକରଣ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ସହ ଉପଯୁକ୍ତ ହିତାଧିକାରୀଙ୍କୁ ସମନ୍ୱିତ କୃଷି ଆଧାରରେ ସମସ୍ତ ପ୍ରକାରର ସହଯୋଗ ଯୋଗାଇ ଦେଇ ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ଖରିଫ ଫସଲ ନୀତି ନିର୍ଦ୍ଧାରଣ କମିଟି ବୈଠକ ୨୦୨୫ରେ ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୨୦୨୫ ଆର୍ଥିକ ବର୍ଷ ପାଇଁ ଖରିଫ ଫସଲ ନିମନ୍ତେ ବିଭିନ୍ନ ନୀତି ନିର୍ଦ୍ଧାରଣ କରାଯାଇଛି । ନିର୍ଦ୍ଧାରିତ ନିତି ଅନୁଯାୟୀ ଅମଳ ବିହୀନ ଧାନ ଜମିରେ ମୂଲ୍ୟଭିତ୍ତିକ ଚାଷ, କୃଷି କ୍ଷେତ୍ରରେ ଉଦ୍ୟମତା ପ୍ରୋତ୍ସାହନ ଓ ବେସରକାରୀ ପୁଞ୍ଜି ଲଗାଣ, ଜଳସେଚନର ସଦୁପଯୋଗ ଏବଂ ପଥୁରିଆ ଜମିରେ ମାଣ୍ଡିଆ ଜାତୀୟ ଫସଲ ଉତ୍ପାଦନ ଆଦି କରିବାକୁ ବୈଠକରେ ପରାମର୍ଶ ଦିଆଯାଇଛି । ଜୈବିକ କୃଷିକୁ ପ୍ରୋତ୍ସାହନ, ରିହାତି ଦରରେ କୃଷି ଯନ୍ତ୍ରପାତି ଯୋଗାଇଦେବା, ସୌରଶକ୍ତିର ଉପଯୋଗ ଦ୍ୱାରା ପାଣି ପମ୍ପ ବ୍ୟବହାର କରିବା ନିମନ୍ତେ କୃଷି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରାଜଶ୍ରୀ ବେହେରା ଗତ ଖରିଫ ଋତୁରେ ଶତ ପ୍ରତିଶତ ଲକ୍ଷ ହାସଲ ହୋଇଥିବା ସୂଚନା ଦେଇଥିଲେ । ୨୦୨୫ ଖରିଫ ଋତୁରେ ମୋଟ ୧୨୯୦୭୦ ହେକ୍ଟର ଜମିରେ ଧାନ, ୯୪୦ହେକ୍ଟର ଜମିରେ ମକ୍କା ଓ ୧୧୨୦ ହେକ୍ଟର ଜମିରେ ମାଣ୍ଡିଆ, ବାଜରା ଓ ଯଅ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି । ଏଥିସହ ୬୯୫୦ ହେକ୍ଟର ଜମିରେ ତୈଳବୀଜ, ୨୯୬୦୦ ହେକ୍ଟର ଜମିରେ ପନିପରିବା ଓ ୨୪୪୦ ହେକ୍ଟର ଜମିରେ ଆଖୁ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି । ପ୍ରାକୃତିକ ବିପର୍ଯ୍ୟୟ ବା ଆକସ୍ମିକ ଅଘଟଣ ଏଡ଼େଇବା ନିମନ୍ତେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଜିଲ୍ଲାରେ ଖରିଫ ଫସଲ ଚାଷୀକୁ ବୀମାଭୁକ୍ତ କରାଯାଇଛି । ଉଦ୍ୟାନକୃଷି ଅଧୀନସ୍ଥ ନଡ଼ିଆ ଚାଷ ନିମନ୍ତେ ଧାର୍ଯ୍ୟ ୬୦୦୦ଚାରାରୋପଣ ଲକ୍ଷ୍ୟକୁ ୨୫ହଜାର ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାଛଡ଼ା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ପିଜୁଳି ଚାଷକୁ ପ୍ରୋତ୍ସାହିତ କରିବା ନିମନ୍ତେ ଜିଲ୍ଲାପାଳ ମଧ ପରାମର୍ଶ ଦେଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ କୃଷି ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ଉଦ୍ୟାନକୃଷି ଉପ ନିବନ୍ଧକ, ଉଠାଜଳସେଚନ ଯନ୍ତ୍ରୀ, ସହକାରୀ କୃଷି ଅଧିକାରୀ, ବ୍ଲକ କୃଷି ଅଧିକାରୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀଉପସ୍ଥିତ ଥିଲେ ।

## ଜଳ ବିଭାଜିକା ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗ ଭିଜିଲାନ୍ସ ଦ୍ୱାରା ଗିରଫ




କଟକ(ନିପ୍ର): ରାଜ୍ୟ ଜଳ ବିଭାଜିକା ନିର୍ଦ୍ଦେଶକ ଦୟାନିଧି ବାଗ ଗିରଫ ହୋଇଛନ୍ତି । ଆୟ ବର୍ହିଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଗତକାଲି ଚଢ଼ାଉ କରିବା ପରେ ଆଜି ତାଙ୍କୁ ଗିରଫ କରିଛି । ଗିରଫ ପରେ ତାଙ୍କୁ ଭବାନୀପାଟଣା ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା । ସୂଚନାଯୋଗ୍ୟ, ସୋମବାର ଭୁବନେଶ୍ୱର, କଳାହାଣ୍ଡି ଓ ନବରଙ୍ଗପୁରରେ ତାଙ୍କର ୮ଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉ ବେଳେ ଶ୍ରୀ ବାଗଙ୍କର କୋଟି କୋଟି ଟଙ୍କାର ସଂପତ୍ତି ଭିଜିଲାନ୍ସ ଅଧିକାରୀ ଠାବ କରିଥିଲେ । ଭୁବନେଶ୍ୱର ଗୋଠପାଟଣା ସ୍ଥିତ ମହାନଦୀ ଆର୍ପାଟମେଣ୍ଟରେ ଶ୍ରୀ ବାଗଙ୍କର ଏକ ୩ ବିଏଚକେ ଫ୍ଲାଟ ରହିଛି । ଏହାଛଡ଼ା ନବରଙ୍ଗପୁର ସହରରେ ୩ହଜାର ବର୍ଗଫୁଟ ଅଂଚଳରେ ତାଙ୍କର ଏକ କୋଠା ନିର୍ମାଣଧୀନ ରହିଛି । ସେହିପରି ଭୁବନେଶ୍ୱର ଚନ୍ଦ୍ରଶେଖରପୁର ହାଉସିଙ୍ଗ ବୋର୍ଡ଼ କଲୋନୀରେ ତାଙ୍କର ଏକ କୋଠା ରହିଛି । ନବରଙ୍ଗପୁର ସହରରେ ତାଙ୍କର ଏକ ସପିଙ୍ଗ କଂପ୍ଲେକ୍ସ ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଚି । ଏହାଛଡ଼ା ନବରଂଗପୁର ବିତ୍ରାଗୁଡ଼ାରେ ଶ୍ରୀ ବାଗଙ୍କର ୪୦ଏକରର ଏକ ଫାର୍ମ ହାଉସ ରହିଛି । ସେଠାରେ ଡ୍ରିପ ଇରିଗେସନ ବ୍ୟବସ୍ଥା ସହିତ ଚାଷବାସ ପାଇଁ ଆବଶ୍ୟକ ଯନ୍ତ୍ରପାତି ଓ ସାମଗ୍ରୀ ରହିଛି । ସେ ପାଖାପାଖି ୧କୋଟି ଟଙ୍କା ଏହି ଫାର୍ମ ହାଉସାରେ ନିବେଶ କରିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି । ଏହାଛଡ଼ା ନବରଙ୍ଗପୁରରେ ତାଙ୍କର ୬ଏକରର ଆଉ ଏକ ଫାର୍ମ ହାଉସ ରହିଛି । ଏହି ଫାର୍ମ ହାଉସରେ ଶ୍ରୀ ବାଗ ୪୬ଲକ୍ଷ ୧୨ହଜାର ୬୬୫ଟଙ୍କା ନିବେଶ କରିଛନ୍ତି ବୋଲି ଭିଜିଲାନ୍ସ ଆକଳନ କରିଛି । ଏହାଛଡ଼ା ନବରଙ୍ଗପୁର ଜିଲ୍ଲାରେ ତାଙ୍କର ଆହୁରି ୨୭ଏକର ଜମି ରହିଛି । ଏହାଛଡ଼ା କଳାହାଣ୍ଡି ଜିଲ୍ଲା ଭବାନୀପାଟଣାରେ ତାଙ୍କର ୧୧ଏକର ଜମି ଅଛି । ଫାର୍ମ ହାଉସକୁ ମିଶାଇ ମୋଟାମୋଟି ଭାବେ ଶ୍ରୀ ବାଗଙ୍କର ୮୪ଏକର ଜମି ରହିଥିବା ଭିଜିଲାନ୍ସ ଠାବ କରିଛି । ଜମି ରେଜିଷ୍ଟ୍ରେସନ କଲାବେଳେ ଏଗୁଡ଼ିକ ମୂଲ୍ୟ ଖୁବ କମ ଦର୍ଶାଯାଇଥିଲା ବୋଲି ଭିଜିଲାନ୍ସ ସନ୍ଦେହ କରୁଛି । ଏ ଦିଗରେ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଜାରି ରହିଛି । ଚଢ଼ାଉ ବେଳେ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ବାଗଙ୍କର ୩୧୨ଗ୍ରାମ ସୁନା ଓ ୫୮ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ ଓ ଦାମୀ କାର ଆଦି ଭିଜିଲାନ୍ସ ଦ୍ୱାରା ଜବତ ହୋଇଥିଲା ।

## ବିଶ୍ୱ ପୋଲିସ କ୍ରୀଡ଼ାରେ ଓଡ଼ିଶା ପୋଲିସର ସଫଳତା

କଟକ(ନିପ୍ର): ଯୁକ୍ତରାଷ୍ଟ୍ର ଆମେରିକାର ଅନୁଷ୍ଠିତ ବିର୍ମିଂହାମ ହୋଇଥିବା ପ୍ରତିଷ୍ଠିତ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡ଼ା ୨୦୨୫ ରେ ଓଡ଼ିଶା ପୋଲିସର କନେଷ୍ଟବଳ ଅଶୋକ ଦଣ୍ଡସେନା ଓ ସୁସ୍ମିତା ଟିଗା ରାଜ୍ୟ ପୋଲିସ ପାଇଁ ଗୌରବ ଆଣିଛନ୍ତି । ଅଶୋକ ଦଣ୍ଡସେନା ୮୦୦ମିଟର (ପୁରୁଷବର୍ଗ)ଦୌଡ଼ରେ ସ୍ୱର୍ଣ୍ଣ ପଦକ ଓ କନେଷ୍ଟବଳ ସୁସ୍ମିତା ଟିଗା ୮୦୦ମିଟର (ମହିଳାବର୍ଗ)ଦୌଡ଼ରେ ରୌପ୍ୟ ପଦକ ହାସଲକରି ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି । ଉଭୟଙ୍କ ଏହି ବିରଳ ସଫଳତାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ାବିତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଉଭୟଙ୍କ ପଦକ ବିଜୟ ଓଡ଼ିଶା ପୋଲିସ ବାହିନୀକୁ ଗୌରବାନ୍ୱିତ କରିବା ସହ କର୍ତ୍ତବ୍ୟ ଏବଂ କ୍ରୀଡ଼ା ଉଭୟରେ ଉତ୍କର୍ଷତା ହାସଲ କରିବାକୁ ଅନ୍ୟ କ୍ରୀଡ଼ାବିତ ଓ ଅଧିକାରୀମାନଙ୍କୁ ପ୍ରେରଣା ଯୋଗାଇଛି । ସୂଚନାଯୋଗ୍ୟ, ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡ଼ା ପ୍ରତି ୨ ବର୍ଷରେ ଅନୁଷ୍ଠିତ ହୋଇଥାଏ । ଯେଉଁଥିରେ ପୋଲିସ, ଅଗ୍ନିଶମ ଓ ବିଶ୍ୱର ଅନ୍ୟାନ୍ୟ ସାର୍ବଜନୀନ ସୁରକ୍ଷା ସଂସ୍ଥାର ହଜାର ହଜାର ଖେଳାଳୀ ଅଂଶ ଗ୍ରହଣ କରିଛନ୍ତି ।

# ଅମାନିଆ ଚାଳକଙ୍କ ଉପରେ ହେଲା କାର୍ଯ୍ୟାନୁଷ୍ଠାନ

- ୭ଟି ସ୍ୱତନ୍ତ୍ର ଟିମ ପୁରୀର ବିଭିନ୍ନ ରୁଟରେ କରୁଛନ୍ତି କଡ଼ାକଡ଼ି ଯାଞ୍ଚ
- ଯାତ୍ରୀଙ୍କ ଅଭିଯୋଗ ସମାଧାନ ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

ପୁରୀ(ନିପ୍ର): ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ପରିବହନ ବ୍ୟବସ୍ଥା ଶୃଙ୍ଖଳିତ ରଖିବା ପାଇଁ ବାଣିଜ୍ୟ ପରିବହନ ବିଭାଗ ଅଧିନରେ ରାଜ୍ୟ ପରିବହନ ପ୍ରାଧିକରଣ ଦ୍ୱାରା କଡ଼ାକଡ଼ା ତନଖି କରାଯାଇଛି । ଆଗକୁ ଅନ୍ୟ ପ୍ରମୁଖ ଦିନ ଯେପରିକି ବାହୁଡ଼ା ଏବଂ ସୁନାବେଶରେ ମଧ୍ୟ ଏହା ଜାରି ରହିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ କୁହାଯାଇଛି । ନବଦିନାତ୍ମକ ଯାତ୍ରା ପାଇଁ ପୁରୀକୁ ହଜାର ହଜାର ସଂଖ୍ୟାର ଗାଡ଼ି ଚଳାଚଳ କରୁଛି । ଏହି ସମୟରେ ଅମାନିଆ ଗାଡ଼ି ଚାଳକଙ୍କ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି । ସେହି ଅନୁଯାୟୀ ପୁରୀ ଆରଟିଓ ଅଧିନରେ ୭ଟି ସ୍ପେଶାଲ ଟିମ ଗଠନ କରାଯାଇ, ବିଭିନ୍ନ ରୁଟ୍‌ରେ ନିୟମିତ ତନଖି କରାଯାଉଛି । ଏହାବାଦ ଯାଞ୍ଚକୁ ବ୍ୟାପକ କରି ଇ-ଚାଲାଣ ଉପରେ ଗୁରୁତ୍ୱ ଦିଆଯାଇଛି । ଭୁବନେଶ୍ୱରରୁ-ପୁରୀ ଜାତୀୟ ରାଜପଥ-୩୧୬ ଏବଂ ପୁରୀରୁ କୋଣାର୍କ, କୋଣାର୍କରୁ ପିପିଲି ରାଜ୍ୟ ରାଜପଥରେ ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଇଏମଏସ୍) କାର୍ଯ୍ୟକ୍ଷମ ହୋଇଛି । ରଥଯାତ୍ରା ଏବଂ ତାର ପରବର୍ତ୍ତୀ ଦୁଇଦିନ ଅର୍ଥାତ ୨୭, ୨୮ ଏବଂ ୨୯ ଜୁନରେ ପୁରୀ ରୁଟ୍‌ରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ ଯୋଗୁଁ ପ୍ରାୟ ୧୮୦୦ଟି ଇ-ଚାଲାଣ କଟିଛି । ଯେଉଁଥିରେ ବିନା ହେଲମେଟରେ ଗାଡ଼ି ଚାଳନା, ଭୁଲ୍ ରୁଟରେ ଗାଡ଼ି ଚାଳନା, ଦ୍ରୁତଗତି ଏବଂ ଦୁଇ ଚକିଆରେ ଦୁଇରୁ ଅଧିକ ବସିବା ଭଳି ସଡ଼କ ସୁରକ୍ଷା ନିୟମର ଉଲ୍ଲଙ୍ଘନ ରହିଛି । ସେହିଭଳି ମାନବସମ୍ବଳର ବ୍ୟବହାର କରି ସ୍ୱତନ୍ତ୍ର ଟିମ ଦ୍ୱାରା ଏନଫୋର୍ସମେଣ୍ଟକୁ ମଧ୍ୟ କଡ଼ାକଡ଼ି କରାଯାଉଛି । ବ୍ରହ୍ମଗିରି, ସାକ୍ଷୀଗୋପାଳ, କୋଣାର୍କ, ପିପିଲି ଏହି ସମସ୍ତ ପଥରେ ବିଶେଷ ଫୋକସ କରାଯାଇଛି । ଏସବୁ ବ୍ୟତୀତ ଧାର୍ଯ୍ୟ ଦରଠାରୁ ଅଧିକ ଭଡ଼ା ଆଦାୟ କରୁଥିବା ବସ ମାନଙ୍କ ଉପରେ ମଧ୍ୟ କଡ଼ା ନଜର ରଖାଯାଇଛି । ବସ ମାଲିକ ସଂଘକୁ ବିଭିନ୍ନ ସମୟରେ ଏହା ଉପରେ ଦୃଷ୍ଟି ଦେବାକୁ କୁହାଯାଇଛି । କଟକ ନେତାଜୀ ବସ ଟର୍ମିନାଲ, ଭୁବନେଶ୍ୱର ବରମୁଣ୍ଡା ବସ ଟର୍ମିନାଲ, ତାଳବଣିଆ ଏବଂ ମାଳତୀପାଟପୁର ବସଷ୍ଟାଣ୍ଡ ଆଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ଥାନୀୟ ଆରଟିଓ ମାନେ ନିୟମିତ ଭାବରେ ସରପ୍ରାଇଜ ଚେକିଂ କରୁଛନ୍ତି । କୌଣସି ବସଯାତ୍ରୀଙ୍କ ଠାରୁ ଧାର୍ଯ୍ୟ ଦରଠୁ ଅଧିକ ଭଡ଼ା ନନେବାକୁ ବାରମ୍ବାର ତାଗିଦ କରାଯାଉଛି । ଏହାସହ କୌଣସି ଗାଡ଼ି ଆଧା ରାସ୍ତାରେ ଖରାପ ହୋଇଗଲେ ଯେମିତି ଟ୍ରାଫିକ ସମସ୍ୟା ନ ଉପୁଜେ ସେଥିପାଇଁ ଅସ୍ଥାୟୀ ଗାଡ଼ି ମରାମତି ବ୍ୟବସ୍ଥା ଏବଂ କ୍ରେନ ସାହାଯ୍ୟରେ ଗାଡ଼ିକୁ ରାସ୍ତାରୁ ବାହାର କରିବା ପାଇଁ ଭୁବନେଶ୍ୱରରୁ ପୁରୀ ପଥରେ ଅଟୋମୋବାଇଲ କମ୍ପାନୀ ଏବଂ ଡିଲରମାନଙ୍କ ସହାୟତାର ବ୍ୟବସ୍ଥା ଜାରି କରାଯାଇଛି । ଯାତ୍ରୀ ମାନଙ୍କର ବିଭିନ୍ନ ଅଭିଯୋଗ ସମାଧାନ ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ କାର୍ଯ୍ୟ କରୁଛି, ଯାହାର ହେଲ୍ପଡେସ୍କ ନମ୍ବର- ୦୬୭୫-୨୨୨୩୪୭୮ ରହିଛି । ଶ୍ରଦ୍ଧାଳୁଙ୍କ ସୁବିଧାକୁ ଦୃଷ୍ଟିରେ ରଖି ତାଳବଣିଆ ଓ ମାଳତିପାଟପୁରରେ ଅସ୍ଥାୟୀ ବିଶ୍ରାମଗାର, ମୌଳିକ ସୁବିଧା ଏବଂ ନିଃଶୁଳ୍କ ଖାଦ୍ୟ ବଣ୍ଟନ ସେବା କରାଯାଇଛି, ଯାହାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉଦ୍‌ଘାଟନ କରିଛନ୍ତି । ବାହୁଡ଼ା ଏବଂ ସୁନାବେଶରେ ମଧ ଏଭଳି ସେବା ଯୋଗାଇ ଦିଆଯିବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ ଉପଲକ୍ଷେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡ଼ିଶା ଯାତ୍ରୀ ଆପ୍ ମାଧ୍ୟମରେ ତାଳବଣିଆରୁ ଅର୍ବାନ ହାଟ୍




ଭାୟା ରେଳ ଷ୍ଟେସନ, ଷ୍ଟର୍ଲିଂଠାରୁ ମଙ୍ଗଳାହାଟ ରୁଟ୍‌ରେ ନିଃଶୁଳ୍କ ଅଟୋ ସେବା ପୁରୀରେ ଉପଲବ୍ଧ ହୋଇଛି । ଅଟୋ ସେବାକୁ ମନ୍ତ୍ରୀ ଉଦଘାଟନ କରିଛନ୍ତି । ବିଶ୍ୱପ୍ରସିଦ୍ଧ ରଥଯାତ୍ରାରୁ ନୀଳାଦ୍ରି ବିଜେ ଯାଏଁ କିଭଳି ପରିବହନ ବ୍ୟବସ୍ଥା ସୁଚାରୁରୂପେ ସମ୍ପାଦିତ ହେବ ସେଥିପାଇଁ ବିଭାଗୀୟ ମନ୍ତ୍ରୀ, ପ୍ରମୁଖ ଶାସନ ସଚିବ, ପରିବହନ ଆୟୁକ୍ତଙ୍କ ନେତୃତ୍ୱରେ ଶତାଧିକ ଅଧିକାରୀ ଏବଂ କର୍ମଚାରୀ ନିରନ୍ତର ଭାବରେ କାର୍ଯ୍ୟ କରୁଛନ୍ତି ।




ମୌସୁମୀ ବର୍ଷାର ପ୍ରଭାବ: ରାଜଧାନୀ ଭୁବନେଶ୍ୱର...

## ଗେଷ୍ଟ ହାଉସ୍‌କୁ ପ୍ରେମିକାଙ୍କୁ ଆଣି ଛୁରୀ ଭୁସି ହତ୍ୟା

**ବ୍ରହ୍ମପୁର,୧ ।୭(ନିପ୍ର):** ଗଞ୍ଜାମ ଜିଲାରେ ଆଇନଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାକୁ ଜାତୀୟସ୍ତରରେ ନିନ୍ଦା କରାଯାଉଛି । ନାବାଳିକା ବଳାତ୍କାର ଘଟଣା ଦିନକୁ ଦିନ ବଢୁଛି । ସେହି ଅନୁପାତରେ ଗତ ୪ ଦିନ ମଧ୍ୟରେ ୫ଟି ମୁଣ୍ଡ ଗଡ଼ି ସାରିଲାଣି । ଶନିବାର ଦିଗପହଣ୍ଡି, ରବିବାର ଛତ୍ରପୁର, ସୋମବାର ବେଗୁନିଆପଦା ଓ ମଙ୍ଗଳବାର ସକାଳେ ଛତ୍ରପୁର ଓ ସନ୍ଧ୍ୟାରେ ବ୍ରହ୍ମପୁରରେ ହତ୍ୟାକାଣ୍ଡ ଘଟିଛି । ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆ ବସଷ୍ଟାଣ୍ଡ ନିକଟରେ ଥିବା ପୁଷ୍ପାଞ୍ଜଳି ଗେଷ୍ଟ ହାଉସରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବତୀଙ୍କୁ ହତ୍ୟା କରାଯାଇଛି । ହତ୍ୟାକାରୀଜଣଙ୍କ ତାଙ୍କ ପ୍ରେମିକ ବୋଲି ଜଣାପଡ଼ିଛି । ସେ ପ୍ରେମିକାଙ୍କୁ ହତ୍ୟା କରିବା ପରେ ଗୋଶାଣିନୂଆଗାଁ ଥାନାରେ ଆତ୍ମସମର୍ପଣ କରିଛନ୍ତି । ଖବର ପାଇ ଘଟଣା ସ୍ଥଳରେ ବ୍ରହ୍ମପୁର ଏସପି ଡା. ସର୍ଣା ବିବେକ ଏମ. ପହଞ୍ଚି ଘଟଣା ତଦନ୍ତ କରୁଥିବା ଜଣାପଡିଛି । ଅନ୍ୟପକ୍ଷରେ ପୋଲିସ ତାଙ୍କୁ ପଚରାଉଚରା କରୁଛି । ପ୍ରେମୀ ଯୁଗଳ ବ୍ରହ୍ମପୁର ବାହାରୁ ଆସିଥିଲେ । ମଙ୍ଗଳବାର ସକାଳେ ସେମାନେ ଉକ୍ତ ହୋଟେଲରେ ରହିଥିଲେ । ପ୍ରେମିକାଙ୍କ ଅନ୍ୟତ୍ର ବିବାହ ସ୍ଥିର ହୋଇଥିବା ଜାଣିବା ପରେ ପ୍ରେମିକ ଜଣଙ୍କ ଯୋଜନାବଦ୍ଧ ଭାବେ ତାଙ୍କ ପ୍ରେମିକାଙ୍କୁ ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି ।

## ଦିବ୍ୟାଙ୍ଗମାନଙ୍କୁ ଦର୍ଶନ ସୁବିଧା ବ୍ୟବସ୍ଥା କଲା ପ୍ରଶାସନ

**ପୁରୀ,୧/୭(ନିପ୍ର):** ପୁରୀ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ପରାମର୍ଶ ଓ ସହାୟତା କ୍ରମେ ଆଜି ଦିବ୍ୟାଙ୍ଗମାନଙ୍କୁ ଶ୍ରୀଗୁଣ୍ଡିଚା ମନ୍ଦିର ମଧ୍ୟରେ ଶ୍ରୀଜୀଉମାନଙ୍କୁ ଦର୍ଶନ ସୁବିଧା କରାଯାଇଛି । ଜିଲ୍ଲାପାଳ ଶ୍ରୀ ରାଣା ନିଜେ ଉପସ୍ଥିତ ରହି ଦିବ୍ୟାଙ୍ଗମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସହ ବାର୍ତ୍ତାଳାପ କରିଥିଲେ । ପରେ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି ଦର୍ଶନର ବ୍ୟବସ୍ଥା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ମହାପ୍ରଭୁଙ୍କୁ ଆଡପ ମଣ୍ଡପରେ ଦର୍ଶନ କରି ଦିବ୍ୟାଙ୍ଗ ଶ୍ରଦ୍ଧାଳୁମାନେ ଖୁସିବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ସମାଜସେବୀ ସିଦ୍ଧାର୍ଥ ରାୟ, ଦି ବେଲ ଅନୁଷ୍ଠାନର ସମସ୍ତ ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ ।

## ଡିପିଏଲ ଅକ୍ସନରେ ସାମିଲ ହେବେ ପନ୍ତ

**ନୂଆଦିଲ୍ଲୀ, ୧/୭:** ଆଇପିଏଲ ଇତିହାସର ସବୁଠାରୁ ଦାମୀ ଖେଳାଳି ଋଷଭ ପନ୍ତ ଏବେ ଦିଲ୍ଲୀ ପ୍ରିମିୟର ଲିଗ ବା ଡିପଏଲରେ ନଜର ଆସିବେ । ଆଇପିଏଲ ଅକ୍ସନ ବେଳେ ତାଙ୍କୁ ରେକର୍ଡ ୨୭ କୋଟି ଟଙ୍କା ବଳରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ବା ଏଲଏସଜି କିଣିଥିଲା । ଏବେ ପନ୍ତ ଡିପିଏଲ ଅକ୍ସନରେ ସାମିଲ ହେବାକୁ ନିଷ୍ପତ୍ତି ନେଇଛନ୍ତି । ତେଣୁ ଅକ୍ସନ ବେଳେ ତାଙ୍କୁ ନେବାକୁ ୮ଟି ଯାକ ଫ୍ରାଞ୍ଚାଇଜ ଟଙ୍କା ବର୍ଷା କରି ପାରନ୍ତି । ପନ୍ତଙ୍କ ବ୍ୟତୀତ ଆଉ ୯ ଜଣ ଆଇପିଏଲ ଷ୍ଟାର ମଧ୍ୟ ଡିପିଏଲ ଖେଳିବାକୁ ଆଗ୍ରହ ଦେଖାଇଛନ୍ତି । ଏମାନଙ୍କ ମଧ୍ୟରେ ଦୁଇ ଯୁବ ତାରକା ପ୍ରିୟାଂଶ ଆର୍ଯ୍ୟ ଓ ଦିଗବେଶ ରାଠି ରହିଛନ୍ତି । ଏମାନେ ସମସ୍ତେ ଅକ୍ସନରେ ସାମିଲ ହେବ । ଆସନ୍ତା ଜୁଲାଇ ୬ ଓ ୭ ତାରିଖରେ ଡିପିଏଲ ପାଇଁ ଦିଲ୍ଲୀରେ ଅକ୍ସନ



କାର୍ଯ୍ୟକ୍ରମ ଆୟୋଜନ କରାଯିବ । ମଙ୍ଗଳବାର ଦିଲ୍ଲୀ ଓ ଡିଷ୍ଟ୍ରିକ କ୍ରିକେଟ ଆସୋସିଏସନ ବା ଡିଡିସିଏ କହିଛି ଯେ ଡିପିଏଲରେ ଚଳିତ ବର୍ଷ ଆଉ ୨ଟି ନୂଆ ଫ୍ରାଞ୍ଚାଇଜ ସାମିଲ ହେବ । ଫଳରେ ୬ ବଦଳରେ ଏଣିକି ୮ଟି ଟିମକୁ ନେଇ ଡିପିଏଲ ଖେଳଯିବ । ଆଉଟର ଦିଲ୍ଲୀ ଫ୍ରାଞ୍ଚାଇଜକୁ ସବିତା ପେଣ୍ଟ୍ସ ପ୍ରାଇଭେଟ ଲିଃ ୧୦.୬ କୋଟିରେ କିଣିଛି । ସେହିପରି ନୂଆ ଦିଲ୍ଲୀ ଫ୍ରାଞ୍ଚାଇଜକୁ ୯.୨ କୋଟି ଟଙ୍କାରେ ଭୀମା ଟୋଲିଂ ଆଣ୍ଡ ଟ୍ରାଫିକ ସଲ୍ୟୁସନ୍ସ ପ୍ରାଇଭେଟ ଲିଃ ଓ କ୍ରାୟନ ଆଡଭରଟାଇଜିଂ ଲିଃ ଦଖଲ କରିଛି । ଏହି ଦୁଇ ନୂଆ ଦଳ ବ୍ୟତୀତ ପୂର୍ବରୁ ୬ଟି ଟିମ ମଧ୍ୟ ଡିପିଏଲ ଖେଳିବେ । ସେମାନେ ହେଲେ ସେଣ୍ଟ୍ରାଲ ଦିଲ୍ଲୀ କିଙ୍ଗସ, ଇଷ୍ଟ ଦିଲ୍ଲୀ ରାଇଡର୍ସ, ନର୍ଥ ଦିଲ୍ଲୀ ଷ୍ଟ୍ରାଇକର୍ସ, ପୁରାନି ଦିଲ୍ଲୀ ୬, ସାଉଥ ଦିଲ୍ଲୀ ସୁପରଷ୍ଟାର୍ସ ଓ ୱେଷ୍ଟ ଦିଲ୍ଲୀ ଲାୟନ୍ସ । ଡିପିଏଲ ଓ ଡିଡିସିଏ ସଭାପତି ରୋହନ ଜେଟଲୀ କହିଛନ୍ତି, "ଦିଲ୍ଲୀ ପ୍ରିମିୟର ଲିଗ ଗୋଟିଏ ଟୁର୍ଣ୍ଣାମେଣ୍ଟ ଠାରୁ ଅଧିକ । ଏହା ରାଜଧାନୀର ମୂଳ କ୍ରିକେଟ ସଂସ୍କୃତିକୁ ପାଳନ କରିବାର ଉତ୍ସବ । ସିଜନ ୧ରେ ଯେଉଁ ଭଳି ଦକ୍ଷତା ସମ୍ପନ୍ନ ଖେଳାଳିଙ୍କୁ ଦେଖିବାକୁ ମିଳିଥିଲା, ତାହା ବେଶ ଆନନ୍ଦ ଦାୟକ । ଆମେ ଅଧିକରୁ ଅଧିକ ଖେଳାଳିଙ୍କୁ ଚମକିବା ପାଇଁ ମଞ୍ଚ ଦେବାକୁ ଚାହୁଁଛୁ ।

## ଶ୍ରମବିଭାଗ ଦ୍ୱାରା ଉଦ୍ଧାର ହେଲେ ଜଣେ ଶିଶୁ ଓ ୪କିଶୋର ଶ୍ରମିକ



**ଆସିକା,୧/୭(ନିପ୍ର):** ଆସିକା ଶ୍ରମ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ହୋଟେଲ, ଗ୍ୟାରେଜ, ରେଷ୍ଟୁରାଣ୍ଟରେ ଚଢ଼ାଉ କରି ଜଣେ ଶିଶୁ ଓ ୪ ଜଣ କିଶୋର ଶ୍ରମିକକୁ ଉଦ୍ଧାର କରାଯାଇଛି । ବିଭିନ୍ନ ପତ୍ର ପତ୍ରିକାରେ ବାରମ୍ବାର ଖବର ପ୍ରସାରଣ ପରେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଆସିକା ଶ୍ରମ ଅଧିକରୀ ବି ହୃଷିକେଶ ରାଓଙ୍କ ନେତୃତ୍ୱରେ ବ୍ରହ୍ମପୁର ରେଲୱେ ଷ୍ଟେସନ ଚାଇଲଡ ଲାଇନର ଧିରେନ କୁମାର ନାୟକ, ବର୍ଷା ରାଣୀ ନାୟକ ଓ ଆସିକା ପୋଲିସ ପ୍ରଶାସନ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରି ଆସିକା ବସଷ୍ଟାଣ୍ଡ ଅଞ୍ଚଳର ଜଣାଶୁଣା ହୋଟେଲରୁ ଜଣେ, ବିହାର ଦରଭଙ୍ଗା ଜିଲ୍ଲା ସିମିରି ଗ୍ରାମର ଦୁଇଜଣ ଶିଶୁ ଶ୍ରମିକ, ଧରାକୋଟ ବ୍ଲକ ରେଡ୍ଡୀ ଦାମୋଦର ପଲ୍ଲୀର ଜଣେ, କାଳଷଣ୍ଢପୁର ଅଞ୍ଚଳର ଜଣେ, ଆସିକା ବସଷ୍ଟାଣ୍ଡର ହୋଟେଲରୁ ଜଣେ ଏହିପରି ଅନ୍ୟାନ ବିପଦ ସଂକୁଳ କାର୍ଯ୍ୟରେ ନିୟୋଜିତ ଥିବା ବେଳେ ଉଦ୍ଧାର କରିଛି ଏହି ଟିମ । ମୋଟ ପାଞ୍ଚ ଜଣଙ୍କୁ ଉଦ୍ଧାର କରି ବ୍ରହ୍ମପୁର ଶିଶୁ କଲ୍ୟାଣ ସମିତି ନିକଟରେ ହଜାର କରାଯିବ ବୋଲି ଶ୍ରମ ଅଧିକାରୀ ପ୍ରକାଶ କରିଛନ୍ତି ।

### ଅତିରିକ୍ତ କମିଶନର ଆକ୍ରମଣ ଘଟଣା
## ବିଜେପିରୁ ୫ ସସ୍‌ପେଣ୍ଡ

**ଭୁବନେଶ୍ୱର,୧ ।୭(ନିପ୍ର):** ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଅଫିସ ଭିତରେ ଆକ୍ରମଣ ଘଟଣାକୁ ନେଇ ୫ ଜଣଙ୍କୁ ବିଜେପି ପ୍ରାଥମିକ ସଦସ୍ୟ ପଦରୁ ଦଳ ନିଲମ୍ବିତ କରିଛି । ରାଜ୍ୟ ସଭାପତି ମନମୋହନ ସାମଲ ସେମାନଙ୍କୁ ନିଲମ୍ବନ କରିଛନ୍ତି । ସେମାନେ ହେଲେ କର୍ପୋରେଟର ଅପରୂପ ନାରାୟଣ ରାଉତ, ରଶ୍ମି ରଞ୍ଜନ ମହାପାତ୍ର,ଦେବାଶିଷ ପ୍ରଧାନ,ସଚିକାନ୍ତ ସ୍ୱାଇଁ, ଏବଂ ସଂଜୀବ ମିଶ୍ର ।ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ସୋମବାର ନିଜ ଅଫିସରେ କିଛି ଯୁବକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଘଟଣାଟି ସେତେବେଳେ ଘଟିଥିଲା ଯେତେବେଳେ ସାହୁ ଗ୍ରୀଭାନ୍ସ ରିଡ୍ରେସାଲ (ଅଭିଯୋଗ ଶୁଣାଣି) ବୈଠକରେ ବ୍ୟସ୍ତ ଥିଲେ । ରିପୋର୍ଟ ଅନୁସାରେ, ଛଅ ଜଣ ଅଜଣା ଯୁବକ ସାହୁଙ୍କ ଚାମ୍ବରକୁ ଅନଧିକୃତ ଭାବେ ପ୍ରବେଶ କରି ବିନା କାରଣରେ ତାଙ୍କୁ ଆକ୍ରମଣ କରିଥିଲେ । ଏହି ଆକ୍ରମଣର ଉଦ୍ଦେଶ୍ୟ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି । ଘଟଣାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି । ବିଏମସି ଅତିରିକ୍ତ କମିସନର ଶ୍ରୀ ସାହୁଙ୍କୁ ମାଡ଼ ଘଟଣାରେ ପୋଲିସ ମଙ୍ଗଳବାର ଆଉ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଝାରପଡ଼ା ଅଞ୍ଚଳର ସଞ୍ଜୀବ ମିଶ୍ର ଏବଂ ଲକ୍ଷ୍ମୀସାଗର ଅଞ୍ଚଳର ସଚ୍ଚିକାନ୍ତ ସ୍ୱାଇଁ । ଘଟଣାରେ ଗିରଫଦାରି ୫କୁ ବୃଦ୍ଧି ପାଇଛି ।

## ମ୍ୟାଲେରିଆ ନେଲାଣି ୨ ଜୀବନ!

**ଭୁବନେଶ୍ୱର,୧ ।୭(ନିପ୍ର):** ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ମ୍ୟାଲେରିଆ ଆତଙ୍କ ସୃଷ୍ଟି ହୋଇଛି । ମଙ୍ଗଳବାର ମାଲକାନଗିରି ମାଟାପାକା ସେବାଶ୍ରମର ଜଣେ ଷଷ୍ଠ ଶ୍ରେଣୀ ଛାତ୍ର ରୋହିତ ମାଡାମିଙ୍କ ଜୀବନ ଯାଇଥିବା ବେସରକାରୀ ସୂତ୍ରରୁ ପ୍ରକାଶ । ସେ ପ୍ରବଳ ଜ୍ୱରରେ ପୀଡ଼ିତ ଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବାର କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଛି । ରକ୍ତ ନମୁନା ପରୀକ୍ଷାରୁ ଜଣାପଡ଼ିଥିଲା, ରୋହିତ ମସ୍ତିଷ୍କ ମ୍ୟାଲେରିଆରେ ପୀଡ଼ିତ ଥିଲେ । ପୂର୍ବରୁ ମ୍ୟାଲେରିଆ ଆକ୍ରାନ୍ତ ସ୍ୱାଭିମାନ ଅଞ୍ଚଳ ଯୋଡ଼ାମ୍ବ ଅଞ୍ଚଳରେ ଜଣଙ୍କର ଜୀବନ ଯାଇଥିଲା । ଅପରପକ୍ଷେ କୋରାପୁଟ ଜିଲ୍ଲା ଏବେ ମ୍ୟାଲେରିଆ ପ୍ରାଦୁର୍ଭାବର ଅନ୍ୟତମ ଜିଲ୍ଲା ପାଲଟିଛି । ଜିଲ୍ଲାର ଲମତାପୁଟ, ବନ୍ଧୁଗାଁ, ନାରାୟଣପାଟଣା, ଦଶମନ୍ତପୁର, ଲକ୍ଷ୍ମୀପୁର, ପଟାଙ୍ଗି ଓ ବୈପାରୀଗୁଡ଼ା ବ୍ଲକରେ ମ୍ୟାଲେରିଆ ମାଡିଚାଲିଛି । ପୁଣି ରାୟଗଡ଼ାରେ ପ୍ରତିଦିନ ୭ ରୁ ୮ ଜଣ ଝାଡାବାନ୍ତି ରୋଗୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହେଉଥିବା ସାଧାରଣରେ କୁହାଯାଇଛି । ଫଳରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ିଯାଇଛି ।

## ତୁଟିଲା ସରକାର-ବ୍ୟାଙ୍କ ବିବାଦ: ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା, ଅଧିକ ଋଣ ଦେବାକୁ ପରାମର୍ଶ



**ଭୁବନେଶ୍ୱର, ୧/୭(ନିପ୍ର):** ତୁଟିଛି ରାଜ୍ୟ ସରକାର-ଆସିଆଇସିଆଇ, ଆକ୍ସିସ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ବିବାଦ । ବିଭିନ୍ନ ଜନକଲ୍ୟାଣ ଯୋଜନାରେ ଏହି ବ୍ୟାଙ୍କ ଗୁଡିକର ପ୍ରଦର୍ଶନ ଅତ୍ୟନ୍ତ କମ ଦର୍ଶାଇ ଏମପ୍ୟାନେଲଡ୍ ଲିଷ୍ଟରୁ କାଢି ଦେଇଥିଲେ ମୋହନ ସରକାର । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହସ୍ତକ୍ଷେପ ପରେ ତୁଟିଛି ବିବାଦ । ଲୋକସେବା ଭବନରେ ଆଜି ମୁଖ୍ୟମନ୍ତ୍ରୀ ଏହି ବ୍ୟାଙ୍କର ପ୍ରତିନିଧିଙ୍କ ସହିତ ଆଲୋଚନା କରିଛନ୍ତି । ବିଭିନ୍ନ ଜନକଲ୍ୟାଣ ଯୋଜନାରେ ଗରିବ ଲୋକମାନଙ୍କୁ ଅଧିକ ଋଣ ଦେବା ପାଇଁ ବ୍ୟାଙ୍କଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଓଡିଶାରେ ବିଭିନ୍ନ ଜନକଲ୍ୟାଣ ଯୋଜନା କୃଷି ଋଣ, ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି ଯୋଜନା, ପିଏମ ସ୍ୱନିଧି ଯୋଜନା, ଷ୍ଟାଣ୍ଡଅପ ଇଣ୍ଡିଆ ଯୋଜନା, ଗୃହ ଋଣ, ଶିକ୍ଷା ଋଣ ଓ ରପ୍ତାନୀ ଋଣ ଆଦି ବିଭିନ୍ନ ଯୋଜନାରେ ଏହି ବ୍ୟାଙ୍କଙ୍କ ଗୁଡିକର ପ୍ରଦର୍ଶନ ଅତ୍ୟନ୍ତ କମ ରହିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଜୁନ୍ ୨୧ ତାରିଖରେ ଏହି ବ୍ୟାଙ୍କ ଗୁଡିକୁ ନିଜର ଏମପ୍ୟାନେଲଡ୍ ଲିଷ୍ଟରୁ କାଢି ଦେଇଛନ୍ତି । ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି,'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଅନେକ ଗରୀବ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଲୋକମାନଙ୍କୁ ଋଣ ଜରିଆରେ ଆର୍ଥିକ କାର୍ଯ୍ୟକ୍ରମରେ ସାମିଲ କରିବା ସହିତ ସେମାନଙ୍କ ରୋଜଗାର ବୃଦ୍ଧି କରିବା ହେଉଛି ସରକାରଙ୍କ ଲକ୍ଷ୍ୟ ।

### ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପାନଛେପ ପକାଇବା ଘଟଣା
## ଖବର ପ୍ରସାରଣ ପରେ ରଙ୍ଗ ବୋଳି କାନ୍ଥରୁ ମହାପ୍ରଭୁଙ୍କ ଫଟୋ ହଟାଇଲା ପ୍ରଶାସନ

**କୋଣାର୍କ,୧/୭(ନିପ୍ର):** ଗୋପ ତହସିଲ କାର୍ଯ୍ୟାଳୟ ଉପର ମହଲା ପାହାଚ ପାର୍ଶ୍ୱସ୍ଥ କାନ୍ଥରେ ଲଗାଯାଇଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ନିକଟରେ ପାନଛେପ ପକାଇ ମହାପ୍ରଭୁଙ୍କୁ ଅସମ୍ମାନ ପ୍ରଦର୍ଶନ ଘଟଣାରେ ଗଣମାଧ୍ୟମରେ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପାଇବା ପରେ ତରବରିଆ ଭାବେ ମଙ୍ଗଳବାର ପୂର୍ବାହ୍ନ ସମୟରେ ଗୋପ ତହସିଲ କାର୍ଯ୍ୟାଳୟ ପକ୍ଷରୁ ପାନଛେପ ପକାଯାଇଥିବା ସ୍ଥାନରେ ରଙ୍ଗ ବୋଳିବା ସହିତ କାନ୍ଥରୁ ଶ୍ରୀଜଗନ୍ନାଥ ଫଟୋଚିତ୍ର ଚିରି ଦିଆଯାଇଥିବା ଦେଖିବାକୁ ମିଳିଛି । ଖବରରୁ ପ୍ରକାଶ ଯେ, ଗୋପ ତହସିଲ ପ୍ରଶାସନ ପକ୍ଷରୁ କାର୍ଯ୍ୟାଳୟ କାନ୍ଥରେ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ମାରି ତାହାର ଚତୁଃପାର୍ଶ୍ୱରେ ପାନଛେପ କାଢି କୋଟି କୋଟି ଜଗନ୍ନାଥ ଶ୍ରଦ୍ଧାଳୁ ଭକ୍ତମାନଙ୍କ ମନରେ ଆଘାତ ସୃଷ୍ଟି କରି ଧର୍ମୀୟ ଭାବନା ପ୍ରତି ଅବମାନନା କରି ଜଗନ୍ନାଥ ପ୍ରେମୀ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଖବର ପ୍ରକାଶ ପାଇବା ପରେ କାର୍ଯ୍ୟାନୁଷ୍ଠାନ ଡରରେ ତହସିଲଙ୍କ ନିର୍ଦ୍ଦେଶ କ୍ରମେ ପାନଛେପ ପକାଯାଇଥିବା ସ୍ଥାନରେ ରଙ୍ଗ ବୋଳି ପରିଷ୍କାର କରିବା ସହିତ କାନ୍ଥରେ ଲଗାଯାଇଥିବା ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ହଟାଯାଇଛି ।

## ଗୁଣ୍ଡିଚା ମନ୍ଦିରରେ ହେରାପଞ୍ଚମୀ ନୀତି



**ପୁରୀ,୧ ।୭(ନିପ୍ର):** ଚତୁର୍ଦ୍ଧାବିଗ୍ରହ ନବଦିନାତ୍ମକ ଯାତ୍ରାରୁ ଆସି ଏବେ ଆଡ଼ପ ମଣ୍ଡପରେ ବିରାଜମାନ କରିଛନ୍ତି । ରଥଯାତ୍ରାର ଏକ ଅନନ୍ୟ ନୀତି ହେଉଛି ହେରାପଞ୍ଚମୀ । ମଙ୍ଗଳବାର ରାତିରେ ଗୁଣ୍ଡିଚା ମନ୍ଦିରରେ ହେରାପଞ୍ଚମୀ ନୀତି ସମ୍ପନ୍ନ ହୋଇଯାଇଛି । ମା' ମହାଲକ୍ଷ୍ମୀ ଶରଧା ବାଲିକୁ ଆସି ନନ୍ଦିଘୋଷ କାଠ ଭାଙ୍ଗିଥିଲେ । ହେରାପଞ୍ଚମୀ ନୀତି ପାଇଁ ଶ୍ରୀମନ୍ଦିର ଏବଂ ଶ୍ରୀଗୁଣ୍ଡିଚା ମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା । ରୁକ୍ମିଣୀ ହରଣ ଏକାଦଶୀ ଦିନ ମହାପ୍ରଭୁଙ୍କ ସହିତ ମହାଲକ୍ଷ୍ମୀ ବା ଶ୍ରୀଦେବୀଙ୍କ ବିବାହ ସମ୍ପନ୍ନ ହୋଇଥିଲା । ବିବାହ ପରେ ମହାପ୍ରଭୁଙ୍କ ଗଇଁଠାଳ ଫିଟି ନ ଥିବାବେଳେ ମହାପ୍ରଭୁ ସ୍ନାନମଣ୍ଡପରେ ୧୦୮ ଗରା ସୁବାସିତ ଜଳରେ ସ୍ନାନକରି ଜ୍ୱରରେ ପୀଡ଼ିତ ହୋଇଥିଲେ । ଅଣସର ଘରେ ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ରଥଯାତ୍ରାରେ ଜନ୍ମବେଦିକୁ ଆସିଛନ୍ତି । ଫଳରେ ନବବିବାହିତା ମା' ମହାଲକ୍ଷ୍ମୀ ମହାପ୍ରଭୁଙ୍କ ବିରହ ବେଦନା ସହି ନ ପାରି ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କୁ ଫେରାଇ ଆଣିବା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ । ଅଭିମାନିନୀ ମା' ମହାଲକ୍ଷ୍ମୀ ହେରାଗୋହିରୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।

## ମା' ପାଇଁ ଗଛଟିଏ ପଦକ୍ଷେପ ପାଇଁ ଆହ୍ୱାନ




**ଗୋଲାମୁଣ୍ଡା, ୧/୭(ନିପ୍ର):** ସାରା ଭାରତରେ ଜୁଲାଇ ମାସ ୧ରୁ ସାତ ଦିନ ବ୍ୟାପୀ ୭୬ତମ୍ ବନ ମହୋତ୍ସବ ଚାଲିଥିବା ବେଳେ ମଙ୍ଗଳବାର ଓଡିଶା ସରକାର ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଅଧିନସ୍ତ କେଗାଁ ବନାଞ୍ଚଳ ଅଧିକାରୀ ଚିନ୍ମୟ କୁମାର ଗର୍ଟିଆଙ୍କ ନେତୃତ୍ୱରେ କେଗାଁ ସେକ୍ସନ ଜୟନ୍ତପୁର ବିଟ୍ ମହାଲିଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବନ ମହୋତ୍ସବ ସପ୍ତାହ ୨୦୨୫ ପାଳନ ସାଙ୍ଗକୁ ବୃକ୍ଷରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମହାଲିଙ୍ଗ ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧିତ୍ୱକାରୀ ଜଗଦିଶ ଚନ୍ଦନ ଯୋଗ ଦେଇଥିବା ବେଳେ, ମହାଲିଙ୍ଗ ଗ୍ରାମପଞ୍ଚାୟତ ସମିତି ସଭ୍ୟ କିରଣ କୁମାର ସିଂ, ଗୋପାଳ ତାଣ୍ଡିଙ୍କ ସହ ୱାର୍ଡମେମ୍ବର ଯୋଗ ଦେଇଥିଲେ । ଏହାର ମୂଳଉଦ୍ଦେଶ୍ୟ ହେଉଛି ସୁସ୍ଥ ଓ ସ୍ୱଚ୍ଛ ପରିବେଶ । ଟାଙ୍ଗରା ଭୂଇଁରେ ବୃକ୍ଷରୋପଣ, ବୃକ୍ଷରୋପଣ ଦ୍ୱାରା ଜଳବାୟୁ ପରିବର୍ତ୍ତନ, ମୃତ୍ତିକା ସଂରକ୍ଷଣ, ଏହା ନ ହେବା ଫଳରେ ଆଜି ସବୁଜ ଜଙ୍ଗଲ କାଟି କଂକ୍ରିଟ ଜଙ୍ଗଲରେ ମଣିଷ ସମାଜ ବାସ କରୁଛନ୍ତି । ଯାହାଫଳରେ ବିବିଧ ସମସ୍ୟା ଆଡକୁ ମଣିଷ ଟାଣି ହେଉଛି । ଏହି ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀଙ୍କର ମା ପାଇଁ ଗଛଟିଏ ପଦକ୍ଷେପ ପାଇଁ ଆହ୍ୱାନ ଦେଇଛନ୍ତି । ଏ ବିଷୟରେ ବିକାଶ କୁମାର ତାଣ୍ଡି ବୃକ୍ଷରୋପଣ ବିଷୟରେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଓ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରି ଗୋଟିଏ ଗୋଟିଏ ଲେଖାଏଁ ବୃକ୍ଷରୋପଣ କରିଥିଲେ ।

## ପୁଅର କୁରାଢ଼ିବେଣ୍ଟ ମାଡ଼ରେ ବାପାର ମୃତ୍ୟୁ

**କୁଚିଣ୍ଡା, ୧/୭(ନିପ୍ର):** ସମ୍ବଲପୁର ଜିଲ୍ଲା ଜମନକିରା ଥାନା ସାନଲଙ୍ଗାବାହାଲ ଗାଁରେ ଘଟିଯାଇଛି ଏକ ଲୋମହର୍ଷଣକାରୀ ଘଟଣା । ପୁଅର କୁରାଢ଼ୀ ବେଣ୍ଟ ମାଡରେ ବାପାର ଶୋଚନୀୟ ମୃତ୍ୟୁ ଘଟିଛି । ସୂଚନାଯୋଗ୍ୟ, ସାନଲଙ୍ଗାବାହାଲ ଗ୍ରାମର ଦୋନିକା ମୁଣ୍ଡା (୬୮) ନିଜ ସାନ ପୁଅ ସଞ୍ଜୀତ (୩୦) ସହିତ ଘରେ ରହୁଥିଲେ । ରବିବାର ଅପରାହ୍ନରେ କୌଣସି କଥାକୁ ନେଇ ଦୋନିକା ପୁଅ ସଞ୍ଜିତକୁ ଆକଟ କରିବାରୁ ସେ ରାଗିଯାଇ ଏକ କୁରାଢ଼ୀ ବେଣ୍ଟରେ ବାପାକୁ ଆକ୍ରମଣ କରିଥିଲା । ଫଳରେ ମୁଣ୍ଡ ଓ ପିଠିରେ ଗଭୀର ଆଘାତ ଲାଗି ଦୋନିକାଙ୍କ ମୃତ୍ୟୁ ଘଟିଥିଲା । ମୃତ୍ୟୁ ପରେ ସଞ୍ଜିତ ଗୋଟିଏ କୋଠରୀରେ ଏକ ଖଟ ଉପରେ ମୃତଦେହ କୁ ଶୋଇ ଦେଇ କବାଟରେ ତାଲା ମାରି ଅନ୍ୟ କୋଠରୀରେ ସେ ବେଶ ଆରାମରେ କିଛି ହୋଇନଥିବା ପରି ରହୁଥିଲେ । ଗାଁରେ ଦୋନିକା ଜଣେ ମେଳାପି ଲୋକ ଥିଲେ । ତେଣୁ ହଠାତ ଅନ୍ତର୍ଦ୍ଧାନ ହେବା ଫଳରେ ଗାଁ ଲୋକେ ସଞ୍ଜିତକୁ ବାପା କୁଆଡେ ଗଲେ ବୋଲି ପଚାରିଲେ ମୁଁ ଜାଣି ନାହିଁ ବୋଲି କହିଥିଲେ । ଦୋନିକଙ୍କୁ ଦୁଇଦିନ କେହି ନ ଦେଖିବା ସହ ତାଙ୍କ ଘରୁ ଦୁର୍ଗନ୍ଧ ବାହାରୁଥିବାରୁ ମଙ୍ଗଳବାର ମଧ୍ୟାହ୍ନରେ ସନ୍ଦେହରେ ଗ୍ରାମର ୱାର୍ଡମେମ୍ବର ଥାନାରେ ଜଣେଇଥିଲେ ।

**AFFIDAVIT**

By virtue of an affidavit sworn before The Executive Magistrate, Banpur, dated 18.06.2025, I, Khadayat Abhinash Raut, S/o-Khadayat Tikan Raut, Vill-Kapileswarpur, Po-Banpur, P.s-Banpur, Dist-Khordha, Odisha, Pin-752031, declare that I have changed my name from Avinash Raut to Khadayat Abhinash Raut. Henceforth I shall be known as Khadayat Abhinash Raut for all purposes.

"KHADAYAT ABHINASH RAUT

## ସବରେଜିଷ୍ଟ୍ରାରଙ୍କ ମନମୁଖି କାର୍ଯ୍ୟ: ମୋହରିରଙ୍କ କଲମଛାଡ଼ ଆନ୍ଦୋଳନ




**କାକଟପୁର,୧/୭(ନିପ୍ର):** କାକଟପୁର ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଦିନକୁ ଦିନ ସବରେଜିଷ୍ଟର ଅଫିସରଙ୍କ ମନମୁଖି କାର୍ଯ୍ୟ ଓ ଦୁର୍ବ୍ୟବହାରରେ ଅତିଷ୍ଠ ହୋଇ ପ୍ରତିବାଦରେ ମୋହରିମାନେ ଚରମ ନିଷ୍ପତ୍ତି ନେଇଛନ୍ତି । ସରକାରଙ୍କ ନିୟମ ଅନୁଯାୟୀ ଗ୍ରାମାଞ୍ଚଳରେ ଥିବା ଚାଷ ଜମିର ଆଂଶିକ ବିକ୍ରି ଓ ଘରବାରୀ ବୃତ୍ତି ୫୫୦୦ ବର୍ଗମିଟର ପର୍ଯ୍ୟନ୍ତ ବିନା ଲେଆଉଟରେ ରେଜିଷ୍ଟ୍ରି କରାଯିବାପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ପୂର୍ବ ଖର୍ଦ୍ଦି କରାଯାଇଥିବା ଦଲିଲରୁ ଦଲିଲି ରେଜେଷ୍ଟ୍ରି କରାଯାଇପାରିବ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଥିବାବେଳେ ଏହାକୁ କାକଟପୁର ସବରେଜିଷ୍ଟର ଓଡିଶା ସରକାର ଅଇନକୁ ନ ମାନି ଶହେ ଡ଼ିସିମିଲରୁ କମ ଚାଷଜମି ଓ ୧୩ ଡେସିମିଲରୁ କମ ଜମିର ରେଜିଷ୍ଟ୍ରି ସମ୍ପୂର୍ଣ୍ଣ ବନ୍ଦ କରିଥିବା ଅଭିଯୋଗ ହୋଇଛି । ପ୍ରତ୍ୟେକ ଦଲିଲ୍ ପୂର୍ବରୁ ସମସ୍ତ କାଗଜପତ୍ର ଯାଞ୍ଚ ନ କରି ରେଜିଷ୍ଟ୍ରି କରିବାକୁ ମୋହରିର ମାନଙ୍କୁ ତାଗିଦ କରୁଛନ୍ତି । ଇଜିମାଇଲି ଖାତା ଭୁକ୍ତ ସମ୍ପତ୍ତିରୁ କୌଣସି ଅଂଶୀଦାର ତାଙ୍କ ଅଂଶ ପୂର୍ବରୁ ବିକ୍ରୟ କରିଥିଲେ ଅନ୍ୟ ଅଂଶୀଦାରକୁ ନିଜ ଅଂଶ ବିକ୍ରୟ କରିବାକୁ ସୁଯୋଗ ଦେଉ ନାହାନ୍ତି । ଅନେକ ସମୟରେ ନିଜ ପଦବୀର ଅପବ୍ୟବହାର କରି ଦଲିଲିକୁ ଫେରସ୍ତ କରିବା ସହିତ ଉପରିସ୍ଥ ଅଫିସରଙ୍କ ପାଖକୁ ନେଇଯାଅ ବୋଲି ଧମକ ଦେଉଛନ୍ତି । ସବରେଜିଷ୍ଟ୍ରାର ଅଫିସରେ ମୋହରିର ମାନଙ୍କର କୌଣସି ଆବଶ୍ୟକତା ନାହିଁ ସାଧାରଣ ଲୋକମାନଙ୍କୁ ଆସିବାକୁ ଦିଅ ବୋଲି କହି ମୋହରିମାନଙ୍କୁ ଲାଞ୍ଛିତ ଓ ଅପମାନିତ କରୁଛନ୍ତି । ଅଧିକାର ପ୍ରମାଣପତ୍ର ମୁତାବକ ରେଜିଷ୍ଟ୍ରି ସମୟରେ ସମସ୍ତ ସଦସ୍ୟ ଦଲିଲରେ ମଂଜୁର ଦେବାକୁ ବାଧ କରୁଛନ୍ତି । ଏଭଳି ଅନେକ ନିୟମ କାନୁନ ମନଗଢା ଦର୍ଶାଇ ହଇରାଣ ହରକତ କରାଇବା ଯୋଗୁ ସରକାରଙ୍କ ବ୍ୟାପକ ରାଜସ୍ୱ ହାନି ଘଟୁଛି । ଏହାକୁ ତୀବ୍ର ବିରୋଧ କରି ମୋହରିମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ କଲମ ଛାଡ଼ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଫଳରେ ଜମି ବିକ୍ରି, ଖର୍ଦ୍ଦିରେ ବ୍ୟାପକ ଅସୁବିଧା ସୃଷ୍ଟି ହଉଛି । ମୋହରିମାନେ ଉପରିସ୍ଥ ଅଧିକାରୀ ଓ ରାଜସ୍ୱ ମନ୍ତ୍ରୀଙ୍କୁ ପତ୍ର ଦେଇ ନିଜ ଜିଦ୍‌ରେ ଆନ୍ଦୋଳନରେ ବସିଛନ୍ତି । ଏହି ଆନ୍ଦୋଳନରେ ସଙ୍ଘ ସଭାପତି ଅମୀୟ କୁମାର ମହାନ୍ତି ସମ୍ପାଦକ ପ୍ରବୀଣ ଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ସୁକାନ୍ତ ସେନାପତିଙ୍କ ସମେତ ହେମନ୍ତ ରାଉତ ସଂଜୀବ ମହାନ୍ତି ପ୍ରମୁଖ ପନ୍ଦରରୁ ଉର୍ଦ୍ଧ୍ୱ ମୋହରି ସାମିଲ ହୋଇଛନ୍ତି ।

CAD-938

**Notice Inviting Expression of Interest (EoI)**
**for**
**Empanelment of Individual Experts**

The Chief General Manager (P&A), Odisha Bridge & Construction Corporation Limited, Vikash Bhavan, Bhubaneshwar on behalf of Odisha Bridge & Construction Corporation Limited, a Govt. of Odisha undertaking, invites eligible individuals ("Experts") to submit their Expression of Interest for empanelment to provide advisory and professional services across various domains such as Engineering, Technical, Legal, Financial, and other specialized areas.

1. The Expression of Interest (EoI) document shall be available at the website www.obcc.in from 5.30 PM of 03.07.2025.
2. EoI applications shall be submitted in online mode only at prescribed email address.
3. Applicants must have a minimum of 20 years of professional experience, including at least 10 years of relevant experience in domain of their specialization.
4. The maximum age limit for the applicant shall be 65 years as on the date of Application.
5. The Authority reserves the right to terminate the empanelment process without citing any reasons thereof. Please refer the EoI document for further details.

**For Further Information, please contact:**
Email: pna@obcc.in

**Chief General Manager(P&A),**
**OB&CC Ltd.**

**OIPR - 34161/11/0024/2526**

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ